ବର୍ଷ-୨୫, ସଂଖ୍ୟା-୧୧୪
ଭୁବନେଶ୍ୱର
୨୬, ଏପ୍ରିଲ, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 114
Bhubaneswar
26, April, 2025, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



'ଅବୀର ଗୁଲାଲ୍'
ରୋକ୍ ଲଗାଇଲେ
କେନ୍ଦ୍ର ସରକାର

# ବଡ଼ଧରଣର ସର୍ଚ୍ଚ ଅପରେସନ୍ ଆରମ୍ଭ

**ଶ୍ରୀନଗର,୨୫।୪(ମହାଭାରତ):** ପହଲଗାମ ଆତଙ୍କୀ ହମଲା ପରେ ଆକ୍ସନ ମୁଡରେ ଥିବା ଭାରତୀୟ ଯବାନ ଏବେ ସିଧାସିଧା ଆକ୍ରମଣ କରିଛନ୍ତି। ଭାରତୀୟ ଯବାନ ଆରମ୍ଭ କରିଛନ୍ତି ଅପରେସନ ଆତଙ୍କୀ ସଫା। ସୁରକ୍ଷାକର୍ମୀମାନେ ଅନନ୍ତନାଗ, ବାରମୁଲ୍ଲା, ଗୁଲମାର୍ଗ ପ୍ରମୁଖ ସ୍ଥାନରେ ବଡ଼ଧରଣର ସର୍ଚ୍ଚ ଅପରେସନ୍ ଆରମ୍ଭ କରିଛି। ସେନା ପୋଲିସ ଓ ସିଆରପିଏଫ୍ ପକ୍ଷରୁ ଏହି ଅପରେସନ୍ ଆରମ୍ଭ କରିଛି। ଜଣେ ମହିଳାଙ୍କଠାରୁ ୪ ଜଣ ସନ୍ଦିଗ୍ଧ ଖବର ସଂପର୍କରେ ସୂଚନା ମିଳିବା ପରେ ଦିନରାତି ଏକ କରିଦେଇଛି ସେନା। ଯେଉଁଅଞ୍ଚଳରେ ଅପରେସନ୍ ହେଉଛି ସେନା ପକ୍ଷରୁ ଘରକୁ ଘର ଓ ଗଳି କନ୍ଦି ବୁଲି ସନ୍ଦିଗ୍ଧଙ୍କୁ ଖୋଜୁଛି। ଆଜି ବାନ୍ଦିପୁରାରେ ଆତଙ୍କବାଦୀ ଓ ସୁରକ୍ଷାବଳ ମଧ୍ୟରେ ଜାରି ଗୁଳି ବିନିମୟରେ ଲସ୍କର-ଇ-ତୋଇବାର ଶୀର୍ଷ କମାଣ୍ଡର ଅଲ୍ତାଫ ଲାଲି ନିହତ ହୋଇଛି। ଇତିମଧ୍ୟରେ ଭାରତୀୟ ଯବାନ ପହଲଗାମ ଆତଙ୍କୀର ଘର ଉଡାଇ ଦେଇଛନ୍ତି। ଅନନ୍ତନାଗ ଜିଲ୍ଲାର ବିଜବେହରା ଗୋରୀ ଅଞ୍ଚଳରେ ରହୁଥିବା ଆତଙ୍କବାଦୀ ଆଦିଲ ହୁସେନ ଥୋକରର



IANS

ଘରକୁ ବିସ୍ଫୋରଣ କରି ଉଡାଇ ଦେଇଛନ୍ତି ଭାରତୀୟ ସୁରକ୍ଷାକର୍ମୀ। ଖାଲି ସେତିକି ନୁହେଁ ଆଉ ଜଣେ ଆତଙ୍କବାଦୀ ଅଶେଫ ଶେଖର ଘରକୁ ବି ଭାଙ୍ଗି ଦେଇଛନ୍ତି ସୁରକ୍ଷାକର୍ମୀ। ତ୍ରାଲରେ ଥିବା ଘରକୁ ବୁଲଡୋଜର ଚଳାଇ ଭାଙ୍ଗିଛନ୍ତି ସ୍ଥାନୀୟ ପ୍ରଶାସନ। ତେବେ ଦୁହେଁ ପହଲଗାମ ଆତଙ୍କୀ ହମଲା ସମ୍ପୃକ୍ତ ଥିବା କୁହାଯାଉଛି। ପାକିସ୍ତାନୀ ଆତଙ୍କବାଦୀଙ୍କୁ ଏମାନେ ସାହାଯ୍ୟ କରି ପହଲଗାମ ବୈସରନରେ ବଡ ଆକ୍ରମଣ କରିବାରେ ସାହାଯ୍ୟ କରିଥିବା ଅଭିଯୋଗ ଥିବାରୁ ସେମାନଙ୍କ ଉପରେ ଆକ୍ସନ ହୋଇଛି। ସେପଟେ ଆଜି ଏଲଓସିରେ ପାକିସ୍ତାନୀ ସେନାକୁ ଜବାବ ଦେଇଛନ୍ତି ଭାରତୀୟ ଯବାନ। ଭାରତର ଆକ୍ସନ ପରେ ବିଳିବିଳେଇ ଯାଇଥିବା ପାକିସ୍ତାନ ଭୟରେ ସୀମାରେ ଅାଗୁଆ। ଫାୟାରିଂ କରିଥିଲା। ଜବାବରେ ଭାରତୀୟ ଯବାନ ଏହାର ମୁକାବିଲା କରିଥିଲେ। ସାରା ରାତି ଗୁଳିବିନିମୟ ଚାଲିଥିଲା।

ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଶ୍ରୀନଗରରେ ପହଞ୍ଚିଛନ୍ତି। ଏଠାରେ ସେନା କମାଣ୍ଡରମାନେ ଜେନେରାଲ ଦ୍ୱିବେଦୀଙ୍କୁ ବର୍ତ୍ତମାନର ପରିସ୍ଥିତି ଏବଂ ଆତଙ୍କବାଦୀଙ୍କ ବିରୋଧରେ ସେନା ଦ୍ୱାରା ନିଆଯାଇଥିବା ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ। ସେନା ମୁଖ୍ୟଙ୍କୁ ନିୟନ୍ତ୍ରଣ ରେଖାର ସାମ୍ପ୍ରତିକ ପରିସ୍ଥିତି ବିଷୟରେ ମଧ୍ୟ ଅବଗତ କରାଯାଇଥିଲା। ଆଜି ନିୟନ୍ତ୍ରଣ ରେଖାର କିଛି ସ୍ଥାନରେ ଗୁଳିଚାଳନା ହୋଇଥିଲା। ଏହା ପାକିସ୍ତାନ ଦ୍ୱାରା ଆରମ୍ଭ କରାଯାଇଥିଲା। ଭାରତୀୟ ସେନା ଏହାର ମୁହଁତୋଡ ଜବାବ ଦେଇଛି। ଜମ୍ମୁ-କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ଦୃଷ୍ଟିରେ ରଖି ସେନା ମୁଖ୍ୟଙ୍କ ଏହି ଗସ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତୀୟ ସେନା ମୁଖ୍ୟ ଶ୍ରୀନଗର ଗସ୍ତରେ ଯାଇ ଏଠାକାର ସୁରକ୍ଷା ପରିସ୍ଥିତି ସମୀକ୍ଷା କରୁଛନ୍ତି। ଏହି ସମୟ ମଧ୍ୟରେ ସେ ଗୁରୁତ୍ୱପୂର୍ଣ୍ଣ ସାମରିକ ଘାଟି ପରିଦର୍ଶନ କରିବେ୍ୟ ସେନା ମୁଖ୍ୟଙ୍କ ଏହି ଗସ୍ତ ସମୟରେ ତାଙ୍କୁ ଆତଙ୍କବାଦୀଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ବିଷୟରେ ସୂଚନା ଦିଆଯାଉଛି।ଜମ୍ମୁ ଓ କଶ୍ମୀରରେ ନିୟୋଜିତ ଭାରତୀୟ ସେନାର ଶୀର୍ଷ କମାଣ୍ଡରମାନେ ମଧ୍ୟ ସେନା ମୁଖ୍ୟଙ୍କୁ ସାମରିକ ଗଠନ ବିଷୟରେ ସୂଚନା ଦେବେ। (ପୃ-୮)

# ସିନ୍ଧୁ ପାଇଁ ତ୍ରି-ସ୍ତରୀୟ ଯୋଜନା ପ୍ରସ୍ତୁତ

**ନୂଆଦିଲ୍ଲୀ,୨୫।୪(ମହାଭାରତ):** ପହଲଗାମ ଆତଙ୍କୀ ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଭାରତ ସରକାର ୧୯୬୦ର ସିନ୍ଧୁ ଜଳ ଚୁକ୍ତି ସ୍ଥଗିତ ରଖି ପାକିସ୍ତାନକୁ ସିନ୍ଧୁ ନଦୀ ଓ ଏହାର ସହାୟକ ନଦୀଗୁଡ଼ିକର ଜଳ ପ୍ରବାହ ବନ୍ଦ କରିବା ପାଇଁ ଏକ ତ୍ରି-ସ୍ତରୀୟ ଯୋଜନା ପ୍ରସ୍ତୁତ କରିଛନ୍ତି।

କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି. ଆର୍. ପାଟିଲ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଆତଙ୍କବାଦକୁ ସମର୍ଥନ କରୁଥିବା ପାକିସ୍ତାନକୁ ସିନ୍ଧୁର ଜଳ ଯୋଗାଇବା ଭାରତର ନୈତିକ ଦାୟିତ୍ୱ ନୁହେଁ। ଆମେ ଏହି ଜଳକୁ ଭାରତୀୟ କୃଷକ ଏବଂ ଜନସାଧାରଣଙ୍କ କଲ୍ୟାଣ ପାଇଁ ବ୍ୟବହାର କରିବୁ।ଏହି ଯୋଜନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଚୂଡ଼ାନ୍ତ ହୋଇଛି।



ସ୍ୱଳ୍ପକାଳୀନ ପଦକ୍ଷେପ (୦-୬ ମାସ): ସିନ୍ଧୁ, ଝେଲମ୍ ଏବଂ ଚେନାବ ନଦୀର ଜଳ ପ୍ରବାହ ଡାଟା ପାକିସ୍ତାନ ସହ ଅଂଶୀଦାର କରାଯିବା ତୁରନ୍ତ ବନ୍ଦ ହେବ। ଏହା ପାକିସ୍ତାନର ବନ୍ୟା ପୂର୍ବାନୁମାନ ଏବଂ ସିଞ୍ଚନ ବ୍ୟବସ୍ଥାକୁ ପ୍ରଭାବିତ କରିବ। ଏହା ସହିତ, ଜମ୍ମୁ ଓ କାଶ୍ମୀରରେ ଥିବା ବର୍ତ୍ତମାନର ବନ୍ଧ ଏବଂ ଜଳାଶୟଗୁଡ଼ିକରେ ଜଳ ସଂରକ୍ଷଣ ବୃଦ୍ଧି କରାଯିବ। ମଧ୍ୟମକାଳୀନ ପଦକ୍ଷେପ (୬ ମାସ-୨ ବର୍ଷ): ପଶ୍ଚିମାଞ୍ଚଳ ନଦୀଗୁଡ଼ିକରେ ନୂଆ। ଜଳାଶୟ ଏବଂ ଜଳବିଦ୍ୟୁତ ପ୍ରକଳ୍ପ ନିର୍ମାଣ ତ୍ୱରାନ୍ୱିତ ହେବ। କିଶେନଗଙ୍ଗା, ରାଟଲେ ଏବଂ ତୁଲବୁଲ ନାଭିଗେସନ ପ୍ରକଳ୍ପ ଆଦିକୁ ଅଗ୍ରାଧିକାର ଦିଆଯିବ, ଯାହା ଜଳ ପ୍ରବାହକୁ ନିୟନ୍ତ୍ରଣ କରିବାରେ ଭାରତକୁ ସଶକ୍ତ କରିବ ଏହା ପାକିସ୍ତାନକୁ ଜଳ ପ୍ରବାହରେ ଉଲ୍ଲେଖନୀୟ ହ୍ରାସ ଘଟାଇବ।

ଦୀର୍ଘକାଳୀନ ପଦକ୍ଷେପ (୨-୫ ବର୍ଷ): ସିନ୍ଧୁ ଅବବାହିକାରେ ବୃହତ ଜଳ ଡାଇଭର୍ସନ ପ୍ରକଳ୍ପ ମାଧ୍ୟମରେ ଜଳକୁ ଭାରତୀୟ ରାଜ୍ୟଗୁଡ଼ିକ ଯଥା ପଞ୍ଜାବ, ହରିୟାଣା, ରାଜସ୍ଥାନ ଏବଂ ଉତ୍ତରପ୍ରଦେଶକୁ ସ୍ଥାନାନ୍ତର କରାଯିବ ଏହା ପାକିସ୍ତାନର ସିଞ୍ଚନ ଏବଂ କୃଷି ଉପରେ ଦୀର୍ଘମିଆଦୀ ପ୍ରଭାବ ପକାଇବ।

ସିନ୍ଧୁ ଜଳ ଚୁକ୍ତି ଅନୁଯାୟୀ, ପାକିସ୍ତାନ ସିନ୍ଧୁ, ଝେଲମ୍ ଏବଂ ଚେନାବ ନଦୀରୁ ପ୍ରାୟ ୮୦% ଜଳ ପାଇଥାଏ, ଯାହା ଏହାର ପଞ୍ଜାବ ଓ ସିନ୍ଧ ପ୍ରଦେଶରେ କୃଷି, ପାନୀୟ ଜଳ ଏବଂ ଶିଳ୍ପ ପାଇଁ ଜରୁରୀ ଜଳ ପ୍ରବାହ ବନ୍ଦ ହେଲେ ପାକିସ୍ତାନରେ ଖାଦ୍ୟ ଅସୁରକ୍ଷା, ଜଳ ସଙ୍କଟ ଏବଂ ଅର୍ଥନୈତିକ ଅସ୍ଥିରତା ଦେଖାଦେଇପାରେ। ପାକିସ୍ତାନର ଜଳ ଗବେଷଣା ବିଶେଷଜ୍ଞ ହାସାନ ଆବ୍ଦୁଲ୍ଲା କହିଛନ୍ତି, ଜଳ ପ୍ରବାହରେ ୨୦% ହ୍ରାସ ହେଲେ ମଧ୍ୟ ଆମର ଗହମ ଓ ଧାନ ଉତ୍ପାଦନ ୩୦% ହ୍ରାସ ପାଇପାରେ।

# ବର୍ଷାଙ୍କୁ ମିଳିବନି କ୍ଷତିପୂରଣ

**କଟକ, ୨୫।୪(ମହାଭାରତ) :** ବହୁ ଚର୍ଚ୍ଚିତ ଓଲିଉଡ ଅଭିନେତା ଅନୁଭବ ମହାନ୍ତି ଓ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ନେଇ ପୁଣି ଖବର ଆସିଛି। ଦୁହିଁଙ୍କର ଛାଡ଼ପତ୍ର ହୋଇସାରିଛି। ଅନୁଭବ ମଧ୍ୟ ବିବାହର ଦ୍ୱିତୀୟ ଇନିଂସ ଆରମ୍ଭ କରିସାରିଛନ୍ତି। ହେଲେ ଏବେ ପୁଣି ଥରେ ବର୍ଷା-ଅନୁଭବଙ୍କୁ କୋର୍ଟରୁ ଖବର ଆସିଛି। ଅନୁଭବ ଓ ତାଙ୍କର ପରିବାର ବିରୋଧରେ ଅଭିଯୋଗ ଆଣି ବର୍ଷା କରିଥିବା ମାମଲାକୁ କୋର୍ଟ ଖାରଜ କରିଦେଇଛନ୍ତି।

ଫଳରେ ବର୍ଷାଙ୍କୁ ଅନୁଭବ କ୍ଷତିପୂରଣ ଦେବେ ନାହିଁ। ମାମଲାର ବିବରଣୀରୁ ଜଣାଯାଏ ଯେ, ୨୦୨୦ ମସିହାରେ ଘରୋଇ ହିଂସା ଅଭିଯୋଗ ଆଣି ଅଭିନେତା ତଥା ପୂର୍ବତନ ସାଂସଦ ଅନୁଭବ ମହାନ୍ତି ଓ ତାଙ୍କର ପରିବାର ଲୋକଙ୍କ ବିରୋଧରେ ଏମ୍ଏଫସି କୋର୍ଟରେ ବର୍ଷା ଏକ ମାମଲା ରୁଜୁ କରାଇଥିଲେ। ଏଥିରେ



ସେ ନିଜର ସୁରକ୍ଷା ଓ ଭରଣପୋଷଣ ଦାବି କରିଥିଲେ। ତେବେ ମାମଲାର ଶୁଣାଣି ପୂର୍ବରୁ କୋର୍ଟ ପାରିବାରିକ ହିଂସାର କେଣସି ପ୍ରମାଣପତ୍ର ପାଇ ପାରି ନାହାନ୍ତି। ଫଳରେ ଅନୁଭବଙ୍କ ସହ ତାଙ୍କ ପୁରା ପରିବାରକୁ ଆଶ୍ୱସ୍ତି ମିଳିଛି। କୋର୍ଟଙ୍କ ରାୟ ଅନୁସାରେ ବର୍ଷାଙ୍କୁ ଭରଣପୋଷଣ ପାଇଁ କେଣସି ଟଙ୍କା ଦେବେ ନାହିଁ।

# ୩ ବର୍ଷରେ ୫ ଲକ୍ଷ ଲୋକଙ୍କୁ ମିଳିବ ଘର

**ଭୁବନେଶ୍ୱର,୨୫।୪(ମହାଭାରତ):** ଆସନ୍ତା ମାସରେ ଆଉ ଲକ୍ଷେ ଘର ବାଣ୍ଟିବେ ରାଜ୍ୟ ସରକାର। ୩ ବର୍ଷରେ ୫ ଲକ୍ଷ ଲୋକଙ୍କୁ ମିଳିବ ଘର। ଏନେଇ ଆଜି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଆଉ ଲକ୍ଷେ ହିତାଧିକାରୀଙ୍କୁ ସାମିଲ କରାଯିବ।ଶାରୀରିକ ଅକ୍ଷମ, ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ, ପଦ୍ମଶ୍ରୀ ଭଳି ପୁରସ୍କାରପ୍ରାପ୍ତ ବ୍ୟକ୍ତିଙ୍କୁ ଏଥିରେ ସାମିଲ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ୬୦ ହଜାର ହିତାଧିକାରୀଙ୍କୁ ସାମିଲ କରାଯାଇଥିଲା। ମେ ମାସ ଶେଷ ଯାଏଁ ଚାଲିବ ଆବାସ ସର୍ଭେ ଚାଲିବ।ଏବେ ସୁଦ୍ଧା ୨୯ ଲକ୍ଷ ହିତାଧିକାରୀ ସର୍ଭେରେ ଯୋଡ଼ି ହେଲେଣି। ସର୍ଭେରେ ଯୋଡ଼ି ହେବାକୁ ବ୍ୟାପକ ସଚେତନତା କରାଯାଇଥିଲା।

# ସବୁ ରାଜ୍ୟରୁ ହଟିବେ ପାକିସ୍ତାନୀ

**ନୂଆଦିଲ୍ଲୀ/ଭୁବନେଶ୍ୱର,୨୫।୪ (ମହାଭାରତ):** ଓଡ଼ିଶାରେ ଦୀର୍ଘକାଳୀନ ଭିସାରେ ୧୨ଜଣ ପାକିସ୍ତାନୀ ଅଛନ୍ତି । ସେମାନଙ୍କୁ ଭାରତ ଛାଡ଼ିବାକୁ ନୋଟିସ ଦେବା ପ୍ରକ୍ରିୟା ଆରମ୍ଭ ହୋଇଛି। ଗୃହ ମନ୍ତ୍ରାଳୟର ନିର୍ଦ୍ଦେଶ ପରେ ଏହି ପ୍ରକ୍ରିୟା ଆରମ୍ଭ କରାଯାଇଛି।

ଭାରତ ସରକାର ଦକ୍ଷିଣ କଶ୍ମୀର ଅନନ୍ତନାଗ ଜିଲ୍ଲାର ପହଲଗାମ ଆତଙ୍କବାଦୀ ଘଟଣା ପରେ ଭାରତରେ ବସବାସ କରୁଥିବା ପାକିସ୍ତାନୀମାନଙ୍କୁ ନିଜ ଦେଶ ଫେରିଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଫୋନ ଯୋଗେ ଆଲୋଚନା କରିଛନ୍ତି। କେଉଁ ରାଜ୍ୟରେ କେତେ ସଂଖ୍ୟକ ପାକିସ୍ତାନୀ ବସବାସ କରୁଛନ୍ତି ସେନେଇ ସୂଚନା ଦେବାକୁ କେନ୍ଦ୍ର ଗୃହ ବିଭାଗ ପକ୍ଷରୁ ରାଜ୍ୟ ଗୁଡିକୁ ନିର୍ଦ୍ଦେଶ ଜାରି ହୋଇଛି।

ଏହିକ୍ରମରେ ଓଡ଼ିଶାରେ ୧୨ଜଣ ପାକିସ୍ତାନୀ ନାଗରିକ ରହୁଥିବା ଜଣାପଡ଼ିଛି।



## ଓଡ଼ିଶାରେ ୧୨

ଦୀର୍ଘକାଳୀନ ଭିସା ବଳରେ ପାକିସ୍ତାନୀ ନାଗରିକମାନେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବସବାସ କରୁଛନ୍ତି। ପହଲଗାମ୍ ଆତଙ୍କବାଦୀ ଘଟଣା ପରେ ଓଡ଼ିଶାରେ ସମୁଦ୍ରତଟ ସୁରକ୍ଷା ନେଇ ତଟରକ୍ଷୀ ବାହିନୀ ସତର୍କ ହୋଇଯାଇଛନ୍ତି। ସମୁଦ୍ରତଟ ସୁରକ୍ଷା ପାଇଁ ମେରାଇନ୍ ପୁଲିସ ଓ ତଟରକ୍ଷୀ ବାହିନୀ ସଜାଗ ଅଛନ୍ତିୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି।ସେ କହିଛନ୍ତି, ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ଦେଶାନ୍ତର କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ବିଭିନ୍ନ ଆଳ ଦେଖାଇ ରାଜ୍ୟରେ ରହୁଥିବା ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବାକୁ ସରକାର ପ୍ରାଥମିକତା ଦେଉଛନ୍ତି।

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ କୂଟନୈତିକ ବିବାଦ ତୀବ୍ର ହେଉଛି। ପାକିସ୍ତାନକୁ ଏଥର ଉଚିତ୍ ଜବାବ୍ ଦେବାକୁ ସିନ୍ଧୁ ଜଳଚୁକ୍ତି ରଦ୍ଦ, ଭିସା ବାତିଲ, ସୀମା ବନ୍ଦ ଭଳି କଠୋର କାର୍ଯ୍ୟାନୁଷ୍ଠାନ ସହିତ ଆତଙ୍କବାଦୀଙ୍କୁ ମାଟିରେ ମିଶାଇବାକୁ ଜାରି ରହିଛି ଜୋରଦାର୍ ଅପରେସନ ।ଏହି କ୍ରମରେ ଆଜି ଦେଶର ସବୁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ପାକିସ୍ତାନ ନାଗରିକଙ୍କୁ ଚିହ୍ନଟ କରି ବିତାଡ଼ିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପାକ୍ ନାଗରିକଙ୍କ ଭିସା ରଦ୍ଦ କରି ତୁରନ୍ତ ସେମାନଙ୍କୁ ନିଜ ନିଜ ରାଜ୍ୟରୁ ବାହାର କର ବୋଲି ନିର୍ଦ୍ଦେଶ ଦିଆଯାଇଛି । ଭିସା ବାତିଲ ସହ ସାର୍କ ଭିସାରେ ଥିବା ପାକିସ୍ତାନ ନାଗରିକଙ୍କୁ ୪୮ ଘଂଟାରେ ଭାରତ ଛାଡ଼ିବାକୁ ମହଲତ୍ ଦିଆଯାଇଥିଲା।

## ସ୍ୱାଭିମାନ ଅଞ୍ଚଳରୁ ମାଓ ଡ଼ମ୍ପ ଉଦ୍ଧାର

**ମାଲକାନଗିରି,୨୫।୪ (ମହାଭାରତ) :** ସ୍ୱାଭିମାନ ଅଞ୍ଚଳରୁ ଉଦ୍ଧାର ହେଲା ମାଓ ଡ଼ମ୍ପ। ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଞ୍ଚଳର କେନ୍ଦୁଗୁଡା ଏବଂ ସଲଗାଓଁପୁଟ ଜଙ୍ଗଲରେ ମାଓ ଡ଼ମ୍ପ ଉଦ୍ଧାର କରିଛନ୍ତି ଗୋରାସେତୁ ଓ ଯୋଡାମ୍ବ ବିଏସଏଫ୍ ଯବାନ। ଗୁଇନ୍ଦା ବିଭାଗ ସୂଚନା ପାଇ ୧୭୭ ବିଏସଏଫ୍ ବାଟାଲିୟନ ପକ୍ଷରୁ ବିଭିନ୍ନ ସ୍ଥାନରେ ସର୍ଚ୍ଚ ଓପେରସନ ଜାରି ରହିଥିଲା। ସର୍ଚ୍ଚ ଅପରେସନ୍ ବେଳେ ମାଓ ଡ଼ମ୍ପ ଉଦ୍ଧାର କରିଥିଲେ ଯବାନ। ଏହି ଡ଼ମ୍ପରୁ ୨ଟି ଟିଫିନ ବୋମା, ବିଦ୍ୟୁତ ତାର, ପ୍ଲାଷ୍ଟିକ ଡ୍ରମ, ଅକ୍ସିଜେନ ସିଲିଣ୍ଡର ଇତ୍ୟାଦି ଉଦ୍ଧାର କରାଯାଇଛି ।ଉଦ୍ଧାର ହୋଇଥିବା ବୋମାକୁ ବୋମା ନିଷ୍କ୍ରିୟ ଦଳ ଘଟଣାସ୍ଥଳରେ ପହଞ୍ଚି ନିଷ୍କ୍ରିୟ କରିଥିଲେ। ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ମାଓବାଦୀ ଜଙ୍ଗଲରେ ଏଭଳି ଡ଼ମ୍ପ କରିଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଲୁଚାଇ ରଖିଥିବା ଜଣାପଡିଛି । ସମଗ୍ର ଜିଲ୍ଲାକୁ ବିଏସଏଫ୍ ଯବାନ ଘେରିରହିଥିବାରୁ ନକ୍ସଲ ଗୋଟିଏ ବି ହିଂସା ଘଟାଇବାରେ ସଫଳ ହୋଇପାରୁନାହାନ୍ତି।

# ମାଓ ବିରୋଧରେ ବଡ଼ ଅପରେସନ୍

**ମାଲକାନଗିରି,୨୫।୪(ମହାଭାରତ):** ସୀମାନ୍ତ ତେଲେଙ୍ଗାନା ଓ ଛତିଶଗଡ଼ର ସୀମାରେ ନକ୍ସଲଙ୍କ ବିରୋଧରେ ସୁରକ୍ଷା ବାହିନୀର ବଡ଼ ଅପରେସନ ଜାରି ରହିଛି। ନକ୍ସଲଙ୍କୁ ଆଉ ନିସ୍ତାର ମିଳିବ ନାହିଁ। ପ୍ରାୟ ୧୦ ହଜାର ଯବାନ ମାଓ କମାଣ୍ଡର ହିଡମା ସହ ପାଖାପାଖି ୨ ହଜାରରୁ ଊର୍ଦ୍ଧ୍ୱ ନକ୍ସଲଙ୍କୁ ଘେରାବନ୍ଦୀ କରି ରଖିଛନ୍ତି। ତିନି ଦିନ ହେବ ଗୁଳି ବିନିମୟ ଲଗାତାର ଲାଗି ରହିଛି। ଆଉ ହେଲିକପ୍ଟରରେ ବୋମାମାଡ଼ ହେଉଛି।



ସ୍ଥାନୀୟ ଲୋକଙ୍କୁ ଗାଁରୁ କୌଣସି ସ୍ଥାନକୁ ନଯିବା ପାଇଁ ବାରଣ ଥିବା ବେଳେ ଆତଙ୍କିତ ଅବସ୍ଥାରେ ରହିଛନ୍ତି ଗ୍ରାମବାସୀ। ଏହି ଏନକାଉଣ୍ଟରରେ ବର୍ତ୍ତମାନ ସୁଦ୍ଧା ୫ ଜଣ ମାଓବାଦୀଙ୍କର ମୃତଦେହ ଉଦ୍ଧାର କରାଯାଇଛି। ଏବେ ବଡ ସଫଳତା ଆଶାରେ ପୁଲିସ ଜଂଗଲରେ ପଶିଛି। ବିଜାପୁର ଜିଲ୍ଲାର କସ୍ତୁରବା ଗାଁ ନିକଟରେ ଥିବା କେରଗୁଟ୍ଟା ଜଂଗଲରେ ଚାଲିଛି ଦେଶର ସବୁଠୁ ବଡ ମାଓ ବିରୋଧୀ ଅଭିଯାନ।

ମାଓନେତା ହିଡମା ତାର ବାଟାଲିୟନ ନମ୍ବର ୧ ସହ ମାଓବାଦୀଙ୍କର ଏକ ବଡ ଟିମ୍ ଏଠାରେ ଥିବାର ସୂଚନା ପାଇ ମହାରାଷ୍ଟ୍ର, ତେଲେଙ୍ଗାନା ଓ ଛତିଶଗଡ଼ ସୀମାରେ ଦଶ ହଜାର ଯବାନ ୭୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଘେରି ରହିଛନ୍ତି। ତିନି ଦିନରୁ ଊର୍ଦ୍ଧ୍ୱ ସମୟ ଧରି ଲାଗି ରହିଛି ମାଓବାଦୀ ଓ ପୁଲିସ ମଧ୍ୟରେ ଗୁଳିବିନିମୟ। ଆକାଶ ମାର୍ଗରୁ କରାଯାଉଛି ବୋମାମାଡ଼। ଯବାନଙ୍କୁ ସରକାର ହେଲିକପ୍ଟର ଯୋଗେ ଖାଦ୍ୟ ଓ ପାନୀୟ ଜଳ ପହଞ୍ଚାଉଛନ୍ତି। କିନ୍ତୁ ୪୦ ଜଣ ଯବାନ ପ୍ରବଳ ଗରମରେ ଚାଲିବା ଯୋଗୁଁ ଅଚେତ ହେବା ଫଳରେ ସେମାନଙ୍କୁ ତୁରନ୍ତ ହେଲିକପ୍ଟର ଯୋଗେ ଭଦ୍ରାଞ୍ଚଳମ ହସପିଟାଲରେ ଭର୍ତ୍ତି କରାଯାଇଛି।

## ମଣପୁରମ୍ ଲୁଟ୍ ମାମଲାରେ ୪ ଗିରଫ

**ସମ୍ବଲପୁର,୨୫।୪(ମହାଭାରତ) :** ବହୁଚର୍ଚ୍ଚିତ ସମ୍ବଲପୁର ବୁଢାରଜାସ୍ଥିତ ମଣପୁରମ୍ ଫାଇନାନ୍ସ କାର୍ଯ୍ୟାଳୟରୁ ସଶସ୍ତ୍ର ଡକାୟତି ଘଟଣାରେ ପୁଲିସ ପୁଣି ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ଦିଲ୍ଲୀ ପୁଲିସ ସହଯୋଗ କରିଥିଲା। ସେମାନଙ୍କ ଠାରୁ ୧୪ଟି ପିସ୍ତଲ୍ ଜବତ କରିଛି। ପୂର୍ବରୁ ଏହି ମାମଲାରେ ମାଷ୍ଟର୍ମାଇଣ୍ଡ ସମେତ ୪ ଜଣ ଗିରଫ ହୋଇଥିଲେ। ଏଥି ସହିତ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୮କୁ ବୃଦ୍ଧି ପାଇଛି। ଏନେଇ ସମ୍ବଲପୁର ଏସପି ମୁକେଶ ଭାମୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ପାକ୍ ହିନ୍ଦୁଙ୍କ ପାଇଁ ଦୀର୍ଘକାଳୀନ ଭିସା କଟକଣା କୋହଳ

**ନୂଆଦିଲ୍ଲୀ,୨୫।୪(ମହାଭାରତ):** ପାକିସ୍ତାନ ଭିସା ରଦ୍ଦ କରିବାର ନିର୍ଦ୍ଦେଶକୁ ସଂଶୋଧନ କଲା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପାକିସ୍ତାନୀ ହିନ୍ଦୁ ନାଗରିକମାନଙ୍କୁ ଜାରି କରାଯାଇଥିବା ଦୀର୍ଘକାଳୀନ ଭିସା ବୈଧ ରହିବ ବୋଲି ଭାରତ ସ୍ପଷ୍ଟ କରିଛି। ହେଲେ ଏପ୍ରିଲ ୨୭ ତାରିଖରୁ ପାକିସ୍ତାନର ଅନ୍ୟ ନାଗରିକମାନଙ୍କ ପାଇଁ ଜାରି ହୋଇଥିବା ଭିସା ବାତିଲ ହୋଇଯିବ।

ସାଧାରଣତଃ ପାକିସ୍ତାନ, ବାଂଲାଦେଶ ଏବଂ ଆଫଗାନିସ୍ତାନର ନାଗରିକମାନଙ୍କୁ ଭାରତ ପକ୍ଷରୁ ଦୀର୍ଘକାଳୀନ ଭିସା ପ୍ରଦାନ କରାଯାଏ। ଯେଉଁମାନେ ଦୀର୍ଘକାଳୀନ ଭାବରେ ଭାରତୀୟ ନାଗରିକତା ହାସଲ କରିବା ଉଦ୍ଦେଶ୍ୟରେ ସ୍ୱଳ୍ପକାଳୀନ ଭିସାରେ ଭାରତ ଆସନ୍ତି। ତେବେ ପାଞ୍ଚ ବର୍ଷର ଦୀର୍ଘକାଳୀନ ଭିସା ପାଇଁ କେବଳ ସଂଖ୍ୟାଲଘୁ ସମ୍ପ୍ରଦାୟର - ହିନ୍ଦୁ, ଶିଖ, ବୌଦ୍ଧ, ଜୈନ, ପାର୍ସୀ ଏବଂ ଖ୍ରୀଷ୍ଟିଆନ ଯୋଗ୍ୟ ହୁଅନ୍ତି ସେମାନେ ହିଁ ଆବେଦନ କରନ୍ତି।ତେବେ ପହଲଗାମ ଆତଙ୍କବାଦୀ ଘଟଣା ପରେ ଭାରତ ଏହାକୁ ବି ବନ୍ଦ କରିଦେଇଛି।



ଏନେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକୁ ଜାରି ରଖି, ଭାରତ ସରକାର ପାକିସ୍ତାନୀ ନାଗରିକମାନଙ୍କୁ ତୁରନ୍ତ ପ୍ରଭାବରୁ ଭିସା ସେବା ସ୍ଥଗିତ କରିବାକୁ ନିଷ୍ପତ୍ତି ନେଇଛନ୍ତି।ସେହିପରି ଭାରତୀୟ ନାଗରିକଙ୍କୁ ପାକିସ୍ତାନ ନ ଯିବାକୁ ଓ ପାକିସ୍ତାନରେ ଥିବା ଭାରତୀୟ ନାଗରିକଙ୍କୁ ଭାରତ ଫେରି ଆସିବାକୁ ପରାମର୍ଶ ଦିଆଯାଇଛି।

# ମୁମ୍ବାଇରେ ଶିଳ୍ପପତିଙ୍କୁ ନିମନ୍ତ୍ରଣ କଲେ ମୁଖ୍ୟମନ୍ତ୍ରୀ

**ମୁମ୍ବାଇ,୨୫।୪(ମହାଭାରତ);** ଓଡ଼ିଶା ହେବ ଷ୍ଟିଲ୍ ଶିଳ୍ପର ହବ୍। ମୁମ୍ବାଇ ଗସ୍ତରେ ଶିଳ୍ପପତିଙ୍କୁ ଭେଟିବା ସହ ଓଡ଼ିଶା ଆସି ପୁଞ୍ଜିନିବେଶ କରିବାକୁ ଆହ୍ୱାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। କଞ୍ଚାମାଲ ଏବଂ ଜମି ଯୋଗାଇବା ସହ ପୂର୍ଣ୍ଣ ସହଯୋଗ ପାଇଁ ଦେଇଛନ୍ତି ପ୍ରତିଶ୍ରୁତି। ଓଡ଼ିଶାରେ ନିବେଶ କରିବାରେ ଏହା ହେଉଛି ପ୍ରକୃଷ୍ଟ ସମୟ। ଓଡ଼ିଶାକୁ ଆସି ସମୃଦ୍ଧ ଓଡ଼ିଶା ଅଭିଯାନରେ ସାମିଲ ହେବାକୁ ଶିଳ୍ପପତିଙ୍କୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଶୁକ୍ରବାର ମୁମ୍ବାଇରେ ଅନୁଷ୍ଠିତ ଇଣ୍ଡିଆ ଷ୍ଟିଲ ୨୦୨୫, ସମ୍ମିଳନୀରେ ଷ୍ଟିଲ ଓ ମେଟାଲ ସେକ୍ଟରରେ ନିବେଶକଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଷ୍ଟିଲ ହେଉଛି ଓଡ଼ିଶାର ମୁଖ୍ୟଶିଳ୍ପ। ଲୁହା ପଥରରେ ଓଡ଼ିଶା ଭାରତ ସବୁଠୁ ଆଗରେ। ଷ୍ଟିଲ ସେକ୍ଟରରେ ଭାରତର ସଫଳତା ପଛରେ ଓଡ଼ିଶା ଭୂମିକା ଗୁରତ୍ୱପୂର୍ଣ୍ଣ।୫୫% ଅଧିକ ଲୁହା ପଥର ଉତ୍ପାଦନ ଓଡ଼ିଶାରୁ ହେଉଛି। ତେଣୁ ଓଡ଼ିଶାରେ ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ସହଜ ହେବ।




ଶିଳ୍ପପତିଙ୍କୁ ଓଡ଼ିଶାରେ ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ନିମନ୍ତ୍ରଣ କରିବା ସହ ମୁଖ୍ୟମନ୍ତ୍ରୀ ଶିଳ୍ପସଂସ୍ଥାଗୁଡ଼ିକୁ ଆବଶ୍ୟକୀୟ କଞ୍ଚାମାଲ ଏବଂ ଜମି ଯୋଗାଇବା ପ୍ରତିଶ୍ରୁତି ଦେଇଛନ୍ତି।ଏଥସହ ଶିଳ୍ପସଂସ୍ଥା ପାଇଁ ରାସ୍ତା, ରେଳପଥ, ବିଦ୍ୟୁତ ଏବଂ ପାଣି ସୁନିଶ୍ଚିତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ମୋହନ ମାଝୀ।

ଶିଳ୍ପପତିଙ୍କୁ ଓଡ଼ିଶାରେ ନିବେଶ ପାଇଁ ଆକୃଷ୍ଟ କରିବାକୁ ମୁଖ୍ୟମନ୍ତ୍ରୀ କୌଣସି ସୁଯୋଗ ହାତଛଡା କରିନାହାନ୍ତି। ଓଡ଼ିଶାରେ ଭରପୂର ଥିବା ଖଣିଜସମ୍ପଦର ତଥ୍ୟ ଦେବା ସହ ମୁଖ୍ୟମନ୍ତ୍ରୀ କହିଛନ୍ତି, କ୍ରୁଡ୍ ଷ୍ଟିଲ ଏବଂ ଷ୍ଟେନଲେସ ଷ୍ଟିଲ ଉତ୍ପାଦନରେ ଓଡ଼ିଶା ୧ ନମ୍ବରରେ ଅଛି। ଓଡ଼ିଶାରେ ୫୪ଟି ସମନ୍ୱିତ ଇସ୍ପାତ କାରଖାନା ଅଛି। ସେଥିରୁ ବର୍ଷକୁ ୪୧.୨୧ ମିଲିଅନ ଟନ ଷ୍ଟିଲ ଉତ୍ପାଦନ ହେଉଛି। ହେଲେ ୨୦୩୦ ସୁଦ୍ଧା ବର୍ଷକୁ ୧୩୦ ମିଲିଅନ ଟନ ଷ୍ଟିଲ ଉତ୍ପାଦନ ନେଇ ଓଡ଼ିଶା ଲକ୍ଷ୍ୟ ରଖିଛି । ଓଡ଼ିଶାରେ ଥିବା ୮ଟି ଖଣିଜ ବ୍ଲକ ନିଲାମ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୨୬ ସୁଦ୍ଧା ଆଉ ୨୨ଟି ଖଣିଜ ବ୍ଲକ ନିଲାମ ହେବାର ଅଛି। ଷ୍ଟିଲ ଶିଳ୍ପ ପାଇଁ ଆବଶ୍ୟକ ଲୁହାପଥର, କୋଇଲା, ଚୂନ ପଥର କଣିବାକୁ ପଡ଼ିବନାହିଁ। କାରଣ ତାହା ଓଡ଼ିଶାରେ ଅଛି।

ସେ ଘୋଷଣା କରିଥିଲେ ଯେ ଓଡ଼ିଶାର ଶିଳ୍ପ ବିକାଶ ପାଇଁ ଭିଜନ ୨୦୩୬ ଏକ ସାହସିକ ରୋଡମ୍ୟାପ୍ ରୂପରେଖା ପ୍ରଦାନ କରେ ଯାହା ଉପର ଏବଂ ତଳ ଉଭୟ ସଂଯୋଗକୁ ସୁଦୃଢ଼ କରିବା, ଇଞ୍ଜିନିୟରିଂ ସାମଗ୍ରୀ, ଖଣି ଯନ୍ତ୍ରପାତି, ପରିବହନ ବ୍ୟବସ୍ଥା ଏବଂ ପ୍ରତିରକ୍ଷା ଏବଂ ଅନ୍ତରୀକ୍ଷ ପାଇଁ ଉପାଦାନଗୁଡ଼ିକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରେ। ଏହି କାର୍ଯ୍ୟକ୍ରମରେ ମୁମ୍ବାଇସ୍ଥିତ ଇସ୍ପାତ କ୍ଷେତ୍ର ଶିଳ୍ପର ୨୦୦ ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ। ଗୋଲଟେବୁଲ ଆଲୋଚନା ସମୟରେ, ଟାଟା ଷ୍ଟିଲ, (ପୃ-୮)

# ଅଟୋ ଉପରେ ଗଛ ପଡ଼ି ଦୁଇ ମୃତ

**ବଲାଙ୍ଗୀର,୨୫।୪(ମହାଭାରତ):** ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଆଠଗାଁ ରାସ୍ତା କଂସାବାହାଲ ଛକ ନିକଟରେ ଶୁକ୍ରବାର ଏକ ଅଘଟଣ ଘଟିଛି। କାଳବୈଶାଖୀ ତାଣ୍ଡବରେ ଜୋରରେ ପବନ ବହି ଏକ ଗଛ ପଡ଼ି ୨ ଜଣଙ୍କ ମୃତ୍ୟୁ ଘଟିଛି।

ମିଳିଥିବା ସୂଚନା ମୁତାବକ, ଜଣେ ଅଟୋ ଚାଳକ ବାଲଖମାରରୁ ଜଣେ ଯାତ୍ରୀଙ୍କୁ ଧରି ବଲାଙ୍ଗୀର ଅଭିମୁଖେ ଆସୁଥିଲେ। ସେତିକିବେଳେ କାଳବୈଶାଖୀ ପ୍ରଭାବରେ ଜୋରରେ ପବନ ବହିବାରୁ ଏକ ଗଛ ଭାଙ୍ଗି ଅଟୋ ଉପରେ ପଡିଥିଲା। ଫଳରେ ଯାତ୍ରୀଙ୍କ ସହ ଅଟୋ ଡ୍ରାଇଭରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।

ଖବର ପାଇଁ ପୁଇଁତଲା ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭୀମଭୋଇ ମେଡିକାଲ ପଠାଇଥିଲେ। ମୃତ ଯାତ୍ରୀ ଜଣକ ତଣ୍ଡାମୁଣ୍ଡା ଗ୍ରାମର ବୋଲି ଜଣାପଡିଥିବା ବେଳେ ଡ୍ରାଇଭର ଜଣଙ୍କ ବାଲଖମର ଅଞ୍ଚଳର ବୋଲି ସୂଚନା ମିଳିଛି। ଏନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅଗ୍ନିଶମ କର୍ମଚାରୀ ଗଛ କଟା କାର୍ଯ୍ୟ ଆରମ୍ଭ କରିଛନ୍ତି।

## ମାଛ ମୁସ୍କା



**ଆବଶ୍ୟକୀୟ ସାମଗ୍ରୀ :** ମାଛ ୫୦୦ ଗ୍ରାମ, ଛୋଟ ଛୋଟ କଟା ଅଦା ୧ ଚାମଚ, କଟା ରସୁଣ ୧ ଚାମଚ, ୨ଟି କଟା ପିଆଜ, ଗୋଟେ ସିଝା ଆଳୁ, ୧ ଛୋଟ ଚାମଚ ହଳଦି ଗୁଣ୍ଡ, ୧ ଚାମଚ ଲଙ୍କା ଗୁଣ୍ଡ, ୧ ଚାମଚ ଗୋଲ ମରିଚ ଗୁଣ୍ଡ, ୨ କପ୍ ତେଲ, ଲୁଣ ସ୍ୱାଦ ଅନୁସାର, ଭଜା ବ୍ରେଡ ଗୁଣ୍ଡ, ଧନିଆ ପତ୍ର ଓ କର୍ନଫ୍ଲୋର।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ଏକ ବାଉଲରେ ଦୁଇ କପ୍ ପାଣି ପକାନ୍ତୁ। ସେଥିରେ ଲୁଣ ଏବଂ ହଳଦୀ ପକାଇ ୧୦ ମିନିଟ୍ ମାଛକୁ ସିଝାଇ ଦିଅନ୍ତୁ। ଏହାପରେ ସିଝା ମଛରୁ କଣ୍ଟାକୁ ଭଲଭାବେ ବାହାର କରି ଦିଅନ୍ତୁ। ତା'ପରେ ମଛରେ ସିଝା ଆଳୁ, କଟା ପିଆଜ, ରୁଷଣ, ଅଦା, ଲଙ୍କା ଗୁଣ୍ଡ, ଗୋଲ ମରିଚ ଗୁଣ୍ଡ, ଧନିଆ ପତ୍ର, ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ଗୋଳା ହଆାଇଥିବା ମାଛକୁ ଛୋଟ ଛୋଟ ଆକାରରେ ଗୋଲ କରିଦିଅନ୍ତୁ। ଏହାପରେ ଆଉ ଗୋଟିଏ ପାତ୍ରରେ ୨ କପ୍ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହେବା ପରେ ଗୋଲ ଆକାର ଦିଆଯାଇଥିବା ମାଛକୁ କର୍ନଫ୍ଲୋରରେ ବୁଡାଇବା ପରେ ସେଥିରେ ବ୍ରେଡ କ୍ରମ୍ବସ୍ ଲଗାଇ ତେଲରେ ଛାଣି ଦିଅନ୍ତୁ। ଅଳ୍ପ ନାଲି ହେବା ପରେ ମାଛକୁ ପ୍ଲେଟକୁ ବାହାର କରି ପରଷନ୍ତୁ।

••••• ଖବର •••••

# ନିଶା ମୋ ସ୍ୱାମୀଙ୍କୁ ବର୍ବାଦ କରିଦେଲା; ସ୍ୱାମୀଙ୍କ ଦେହାନ୍ତ ପରେ ଏଭଳି କହିଲେ ଶୁଭାଙ୍ଗୀ



ଲୋକପ୍ରିୟ ଧାରାବାହିକ 'ଭାବଜୀ ଘର ପର୍ ହେଁ' ଅଭିନେତ୍ରୀଙ୍କ ଉପରେ ଭାଙ୍ଗିଛି ଦୁଃଖର ପାହାଡଫ ପୂର୍ବତନ ସ୍ୱାମୀଙ୍କୁ ହରାଇଛନ୍ତି ଖ୍ୟାତନାମା ଅଭିନେତ୍ରୀ ଶୁଭାଙ୍ଗୀ ଅତ୍ରେୟ ଅଭିନେତ୍ରୀଙ୍କ ପୂର୍ବତନ ସ୍ୱାମୀ ପୀୟୁଷ ପୁରେଙ୍କର ଗତ ଶନିବାର ଦିନ ଇନ୍ଦୋରରେ ପରଲୋକ ହୋଇଥିଲା ସେ ବହୁତ ଦିନ ଧରି ଅସୁସ୍ଥ ଥିଲେ ଏବଂ ଲିଭର ସିରୋସିସ୍ରେ ପୀଡିତ ଥିଲେ। ତାଙ୍କ ଅବସ୍ଥା ଗମ୍ଭୀର ଥିଲା ବୋଲି କୁହାଯାଉଛି। କିଛି ଦିନ ପୂର୍ବରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ବି ଶନିବାର ତାଙ୍କର ଦେହାନ୍ତ ହୋଇଥିଲା। ସ୍ୱାମୀଙ୍କୁ ହରାଇବା ପରେ ଏବେ ପ୍ରଥମ କରି ନିଜର ପ୍ରତିକ୍ରିୟା ଦେଇଛନ୍ତି ଶୁଭାଙ୍ଗୀୟ ସେ କହିଛନ୍ତି, ସମ୍ପୂର୍ଣ୍ଣ କାହାଣୀ ନଜାଣି ଲୋକଙ୍କ ପାଇଁ ବିଚାର କରିବା ସହଜ। ସେମାନେ ଭାବୁଛନ୍ତି ଯେ ମୁଁ ମୋର ସଫଳତା ପରେ ପୀୟୁଷଙ୍କୁ ଛାଡ଼ି ଦେଇଥିଲି। କିନ୍ତୁ ତାହା ନୁହେଁୟ ଆମର ବିଚ୍ଛେଦ ପୂର୍ବ ନିର୍ଦ୍ଧାରିତ ଥିଲା। ମୁଁ ମୋ ବିବାହକୁ ବଞ୍ଚାଇବା ପାଇଁ ସବୁକିଛି ଚେଷ୍ଟା କରିଥିଲି। କିନ୍ତୁ କିଛି ସୁଫଳ ମିଳିନଥିଲା। ତାଙ୍କୁ ନିଶା ନିବାରଣ କେନ୍ଦ୍ର ପଠାଇବା ମଧ୍ୟ କାମ କରିନଥିଲା। ଆମ ଉଭୟ ପରିବାର ମଧ୍ୟ ତାଙ୍କୁ ସାହାଯ୍ୟ କରିବା ପାଇଁ ଯଥାସମ୍ଭବ ଚେଷ୍ଟା କରିଥିଲେ, କିନ୍ତୁ ନିଶା ତାଙ୍କୁ ନଷ୍ଟ କରିଦେଇଥିଲା। ମୋ ଝିଅ ଆଶୀ ମୋ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ମୁଁ ତାଙ୍କଠାରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲି ଏବଂ ଏହା ରାତାରାତି ଘଟିନଥିଲା। ଆମର ମତଭେଦ ପ୍ରାୟ ୨୦୧୮-୨୦୧୯ ମଧ୍ୟରେ ଆରମ୍ଭ ହୋଇଥିଲା। ତା'ପରେ ୨୦୨୫ମସିହାରେ ଆମର ଛାଡପତ୍ର ହୋଇଥିଲା। କିନ୍ତୁ ଛାଡପତ୍ର ପରେ ମଧ୍ୟ ମୁଁ ପୀୟୁଷଙ୍କ ସହିତ ଯୋଗାଯୋଗରେ ଥିଲି।

## ଶୁଭଫଳ ପାଇଁ ୫ଟି ଗୁଜୁରାତି





ଅନେକ ସମୟରେ ଛୋଟ ଛୋଟ ଜିନିଷ ଅନେକ ଉପକାର କରିଥାଏ। ଏପରି ହିଁ ଏକ ଜିନିଷ ହେଉଛି ଗୁଜୁରାତି। ଏହାର କିଛି ସ୍ୱତନ୍ତ୍ର ବ୍ୟବହାର ଆଶ୍ଚର୍ଯ୍ୟଜନକ ଲାଭ ଦେଇଥାଏ। ଏହା ଖାଦ୍ୟର ସ୍ୱାଦ ଓ ବାସ୍ନା ଯେପରି ବୃଦ୍ଧି କରିଥାଏ, ସେହିପରି ଭାଗ୍ୟରେ ମଧ୍ୟ ସୁପରିବର୍ତ୍ତନ ଆଣିଥାଏ।

୧- ଯଦି ଆପଣ ଧନ ବୃଦ୍ଧି ଓ ପର୍ସରେ ସର୍ବଦା ଟଙ୍କା ରଖିବାକୁ ଚାହୁଁଛନ୍ତି, ତେବେ ନିଜ ପର୍ସରେ ୫ଟି ଗୁଜୁରାତି ନିଶ୍ଚୟ ରଖନ୍ତୁ।

୨- ଯଦି ଉତ୍ତମ ଗୁଣ ଓ ସୁନ୍ଦର ପତ୍ନୀ ପାଇଁ ଇଚ୍ଛା ତେବେ ୫ଟି ଗୁଜୁରାତି ହଳଦିଆ ବସ୍ତ୍ର ସହ କୌଣସି ଅସହାୟଙ୍କୁ ଗୁରୁବାର ଦାନ କରନ୍ତୁ।

୩- ବହୁ ପରିଶ୍ରମ ପରେ ମଧ୍ୟ ଆଶାନୁରୂପ ରୋଜଗାର ନହେଉଥିଲେ କିମ୍ବା କର୍ମକ୍ଷେତ୍ରରେ ପଦୋନ୍ନତି ହେଉନଥିଲେ ପ୍ରତ୍ୟେକ ଦିନ ରାତିରେ ଏକ ହଳଦିଆ କପଡ଼ାରେ ଗୁଜୁରାତିକୁ ବାନ୍ଧି ତକିଆ ତଳେ ରଖି ଶୁଅନ୍ତୁ। ସକାଳେ ସେହି ଗୁଜୁରାତିକୁ ଦାନ କରନ୍ତୁ।

୪- ପାଠ ପଢାରେ ଉନ୍ନତି ପାଇଁ ଖିରରେ ଏକ ଗୁଜୁରାତି ପକାଇ ପ୍ରତ୍ୟେକ ଦିନ ପିଅନ୍ତୁ।

୫- ସୁଖମୟ ଦାମ୍ପତ୍ୟ ଜୀବନ ପାଇଁ ପତ୍ନୀ ନିଜ ପତିଙ୍କୁ ଖାଦ୍ୟ, ମିଠାଦ୍ରବ୍ୟ, ଯେ କୌଣସି ବ୍ୟଞ୍ଜନରେ ଗୁଜୁରାତି ପକାଇ ଖୁଆନ୍ତୁ।

# ଭାତ ଖାଇବା ପରେ ଓ ପୂର୍ବରୁ ଏହି ଭୁଲ୍ କରୁଛନ୍ତି କି ?



ଭାରତୀୟ ଖାଦ୍ୟରେ ଭାତ ଏକ ମୁଖ୍ୟ ଖାଦ୍ୟ। ତେଣିକି ତାହା ଘରୋଇ ରନ୍ଧା ଭାତ ହେଉ କିମ୍ବା ବିରିୟାନୀ। ଅନେକ ସମୟରେ ଭାତ ଖାଇବା ପରେ ଏଭଳି କିଛି ଖାଦ୍ୟ ଖାଇ ଥାଆନ୍ତି, ଯାହା ପେଟ ପାଇଁ କ୍ଷତିକାରକ ହେବା ସହ ପାଚନ ଜନିତ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ। ପାଚନକୁ ସୁସ୍ଥ ରଖିବା ପାଇଁ ଭାତ ଖାଇବା ପରେ ଓ ପୂର୍ବରୁ କେଉଁ ଖାଦ୍ୟ ଖାଇବା ଉଚିତ ଓ ଅନୁଚିତ ଜାଣନ୍ତୁ..

ଭାତକୁ ଭଲ ଭାବେ ହଜମ ହେବା ପାଇଁ କିଛି ଖାଦ୍ୟକୁ ଭାତ ଖାଇବା ପୂର୍ବରୁ ଓ ପରେ ଖାଆନ୍ତୁ ନାହିଁ। ଭାତକୁ ଖାଇବା ସମୟରେ ଭଲ ଭାବେ ଚୋବାଇ ଖାଆନ୍ତୁ। ଏହାଦ୍ୱାରା ଭଲ ଭାବେ ହଜମ ହୋଇଥାଏ।

ଭାତ ଖାଇବା ପୂର୍ବରୁ ଅଧିକ ଫ୍ୟାଟ୍ୟୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ଏହା ହଜମ ହେବାକୁ ଅଧିକ ସମୟ ଲାଗିଥାଏ ଓ ଭାତରେ କାର୍ବୋହାଇଡ୍ରେଟ ଥିବାରୁ ଏହା ମଧ୍ୟ ହଜମ ହେବାରେ ସମୟ ନେଇଥାଏ। ତେଣୁ ଭାତ ଖାଇବା ପୂର୍ବରୁ ଫ୍ୟାଟ୍ୟୁକ୍ତ ଖାଦ୍ୟ ଖାଇବା ଅନୁଚିତ। ଅନ୍ୟ ହାଲକା ଯୁକ୍ତ ଖାଦ୍ୟ ଖାଇପାରିବେ।

ଅଧିକ ମସଲାଯୁକ୍ତ ଖାଦ୍ୟ ପାଚନ ପାଇଁ କ୍ଷତିକାରକୟ ଏହାଦ୍ୱାରା ଛାତିରେ ଜଳାପୋଡା, ଏସିଡିଟି ଆଦି ହୋଇଥାଏୟ ଭାତ ଖାଇବା ପୂର୍ବରୁ ମସଲା ଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ।

ପନିପରିବା ପାଚନ ପାଇଁ ଉପକାରୀ। ଭାତ ଖାଇବା ପୂର୍ବରୁ କଞ୍ଚା ପରିବା ଖାଆନ୍ତୁ ନାହିଁ। କଞ୍ଚା ପରିବାରେ ଫାଇବର ଅଧିକ ମାତ୍ରାରେ ରହିଥାଏ। ଗ୍ୟାଷ୍ଟ୍ରିକ୍ ସମସ୍ୟା ମଧ୍ୟ ହୋଇଥାଏ। ତେଣୁ ଏହାକୁ ସିଝାଇ କିମ୍ବା ବାମ୍ଫ ଦେବା ପରେ ଖାଆନ୍ତ। ବିଶେଷ କରି ଯେଉଁମାନଙ୍କର ହଜମ ଜନିତ ସମସ୍ୟା ରହିଛି,ସେମାନେ ଭାତ ଖାଇବା ପରେ କୌଣସି କ୍ଷୀର କିମ୍ବା ଛେନା ଜାତୀୟ ଖାଦ୍ୟ ଖାଆନ୍ତୁ ନାହ। ଭାତ ଖାଇବା ପରେ ଏସବୁ ଖାଦ୍ୟ ଖାଇବା ଦ୍ୱାରା ପାଚନ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ।

ଭାତ ଖାଇବା ପରେ ତୁରନ୍ତ ଅଧିକ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ଏହା ପାଚନ ତନ୍ତ୍ରକୁ ଧିମା କରିଥାଏ। ଖାଦ୍ୟ ହଜମ ହେବାକୁ ଅଧିକ ସମୟ ମଧ୍ୟ ଲାଗିଥାଏ।ଭାତ ଖାଇବା ପରେ ସଙ୍ଗେ ସଙ୍ଗେ ମିଠା ଜାତୀୟ ଜିନିଷ କିମ୍ବା ମିଠା ଖାଆନ୍ତୁ ନାହିଁ। ଏହା ରକ୍ତରେ ଶର୍କରାର ସ୍ତରକୁ ବୃଦ୍ଧି କରିଥାଏ। ଶରୀରକୁ ଶକ୍ତି ଯୋଗାଇବାରେ ମଧ୍ୟ ପ୍ରଭାବ ପକାଇଥାଏ।



# ନିୟମିତ ଅଣ୍ଟା ଯନ୍ତ୍ରଣା ଲାଗି ରହୁଥିଲେ



ସୁସ୍ଥ ରହିବା ପାଇଁ ଶରୀରକୁ ପୋଷକ ତ□ର ଆବଶ୍ୟକତା ରହିଛି। ଭିଟାମିନ୍, ମିନେରାଲ୍ସ, ପ୍ରୋଟିନ୍, କାବ୍ରୋହାଇଡ୍ରେଟ ସହ ଅନ୍ୟାନ୍ୟ ପୋଷକ ତ□ ରହିଛି। କ୍ୟାଲସିୟମ ବିଶେଷ କରି ହାଡ ଓ ଦାନ୍ତକୁ ସୁସ୍ଥ ରଖିବା ପାଇଁ ମହ□ପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଶରୀରରେ କ୍ୟାଲସିୟମ ଅଭାବ କାରଣରୁ ଅନେକ ସ୍ୱାସ୍ଥ୍ୟ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ। ଶରୀରରେ ବିଭିଭ ସ୍ଥାନରେ ଯନ୍ତ୍ରଣା ହେବା ସହ ହାଡ ଦର୍ବୁଳ ହେବାକୁ ଆରମ୍ଭ କରିଥାଏ। ତେଣୁ ନିଜ ଖାଦ୍ୟରେ କ୍ୟାଲସିୟମ ଥିବା ଖାଦ୍ୟ ନିଶ୍ଚୟ ସାମିଲ କରନ୍ତୁ। ଜାଣନ୍ତୁ..

ସୁସ୍ଥ ରହିବା ପାଇଁ ନିଜ ଖାଦ୍ୟରେ ବାଦାମ ନିଶ୍ଚୟ ସାମିଲ କରନ୍ତୁ। ଏଥିରେ କ୍ୟାଲସିୟମ ପର୍ଯ୍ୟାପ୍ତ ମାତ୍ରାରେ ରହିଛି। ଏହା ବ୍ୟତୀତ ବାଦାମରେ ଭିଟାମିନ୍ ଇ, ମାଗ୍ନେସିୟମ, ଫାଇବର ଓ ପ୍ରୋଟିନ ମାତ୍ରା ମଧ୍ୟ ରହିଛି। ନିର୍ଦ୍ଦିଷ୍ଟ ପରିମାଣରେ ବାଦାମ ସେବନ କରିବା ଦ୍ୱାରା ହାଡ ସୁସ୍ଥ ରହିବା ସହ ମଜଭୂତ ହୋଇଥାଏ। ଏହା ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି କରିଥାଏ। ଶରୀରକୁ ଅନେକ ରୋଗରୁ ମଧ୍ୟ ରକ୍ଷା କରିଥାଏ।

ନିୟମିତ ଦହି ଖାଇବା ଦ୍ୱାରା କ୍ୟାଲସିୟମର ଅଭାବ ପୂରଣ ହୋଇଥାଏ। ଏହା ହାଡକୁ ମଜଭୂତ ରଖିବା ସହ ପେଟ ଜନିତ ଅନେକ ସମସ୍ୟାକୁ ଦୂର କରିଥାଏ। ଏଥିରେ ପ୍ରୋଟିନ୍, କ୍ୟାଲସିୟମ, ଭିଟାମିନ ବି୬, ଭିଟାମିନ ବି୧୨ ଭଳି ପୋଷକ ତ□ ରହିଛି। ଏହା ଆପଣଙ୍କୁ ସୁସ୍ଥ ରହିବାରେ ସହାୟକ ହୋଇଥାଏ।

ଯେଉଁମାନେ କ୍ଷୀର ପିଇବାକୁ ପସନ୍ଦ କରନ୍ତି ନାହିଁ,ସେମାନେ କ୍ୟାଲସିୟମର ଅଭାବ ପୂରଣ ପାଇଁ ସୋୟା ମିଲ୍କ ସେବନ କରି ପାରିବେ। ଏଥିରେ କ୍ୟାଲସିୟମ, ପ୍ରୋଟିନ୍ ଓ ଫାଇବର ପର୍ଯ୍ୟାପ୍ତ ପରିମାଣରେ ରହିଛି। ଏହା ହିମୋଗ୍ଲୋବିନ୍ ସ୍ତରକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ।

ସବୁଜ ପନିପରିବା ଓ ବିଭିନ୍ନ ପ୍ରକାର ଶାଗ ପୋଷକ ତ□ରେ ଭରପୁର। ଏସବୁରେ କ୍ୟାଲସିୟମ, ପୋଟାସିୟମ, ଆଇରନ ଓ ଭିଟାମିନ୍ ସି ପ୍ରଚୁର ପରିମାଣରେ ରହିଛି। ଶରୀରରେ କ୍ୟାଲସିୟମର ଅଭାବ ପୂରଣ ପାଇଁ ନିଜ ଖାଦ୍ୟରେ କଦଳୀ, ପାଳଙ୍ଗ ସହ ଅନ୍ୟାନ୍ୟ ପନିପରିବା ସାମିଲ କରନ୍ତୁ। ଏହା ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବା ସହ ହାଡ ଓ ମାଂସପେଶୀରେ ଅନୁଭବ ହେଉଥିବା ଯନ୍ତ୍ରଣା ଦୂର କରିଥାଏ।



# ଚିନ୍ତା,ଆର୍ଥିକ ସମସ୍ୟା ଲାଗି ରହୁଛି କି ?

ହିନ୍ଦୁ ଧର୍ମରେ ବାସ୍ତୁ ଶାସ୍ତ୍ରର ଖୁବ ମହତ୍ୱ□ ରହିଛି। ବାସ୍ତୁ ଶାସ୍ତ୍ରରେ ଘରର ପ୍ରତ୍ୟେକ ଛୋଟ ଠାରୁ ଆରମ୍ଭ କରି ବଡ ଜିନିଷ ରଖିବା ପାଇଁ ନିୟମ ବର୍ଣ୍ଣନା କରାଯାଇଛି। ବାସ୍ତୁର ଏହି ନିୟମ ପ୍ରତି ଧ୍ୟାନ ଦେବା ଦ୍ୱାରା ଗୃହରେ ସୁଖଶାନ୍ତି ବୃଦ୍ଧି ହୋଇଥାଏ। ତେବେ ଏପରି କିଛି ସରଳ ଉପାୟ ବିଷୟରେ ବର୍ଣ୍ଣନା କରାଯାଇଛି,ଯାହାର ପାଳନ କରିବା ଦ୍ୱାରା ଚିନ୍ତା ଦୂର ହୋଇଥାଏ। ଜାଣନ୍ତୁ..



ବାସ୍ତୁ ଅନୁଯାୟୀ, ସର୍ବଦା ଦକ୍ଷିଣ କିମ୍ବା ପୂର୍ବ ଦିଗକୁ ମୁଣ୍ଡ କରି ଶୋଇବାକୁ ପରାମର୍ଶ ଦିଆଯାଇଛି। ମାତ୍ର ଉତ୍ତର ଦିଗକୁ ମୁଣ୍ଡ କରି ଶୋଇବାକୁ ବାରଣ କରାଯାଇଛି। ଉତ୍ତର ଦିଗକୁ ମୁଣ୍ଡ କରି ଶୋଇବା ଦ୍ୱାରା ଗୋଡ ଦକ୍ଷିଣ ଆଡକୁ ରହିଥାଏ। ଫଳରେ ମାନସିକ ଦୁଃଶ୍ଚିନ୍ତା ଲାଗି ରହିଥାଏ। ଉତ୍ତମ ନିଦ ମଧ୍ୟ ହୋଇନଥାଏ। ତେଣୁ ଶୟନ ପାଇଁ ଦିଗ ପ୍ରତି ନିଶ୍ଚୟ ଧ୍ୟାନ ଦିଅନ୍ତୁ।

ବାସ୍ତୁ ଅନୁଯାୟୀ, ଶୟନ କକ୍ଷରେ ଖଟ ସମ୍ମୁଖରେ ଆଇନା କିମ୍ବା ଡ୍ରେସିଙ୍ଗ୍ ଟେବୁଲ ରଖିବା ଉଚିତ ନୁହେଁ। ଶୟନ କକ୍ଷରେ ଆଇନା କିମ୍ବା ଡ୍ରେସିଙ୍ଗ୍ ଟେବୁଲ ଥିଲେ ବ୍ୟବହାର ସମୟ ବ୍ୟତୀତ ଅନ୍ୟ ସମୟରେ ଏହାକୁ କପଡା ଦ୍ୱାରା ଢାଙ୍କି ରଖନ୍ତୁ। ଶୟନ କକ୍ଷରେ ଟିଭି ମଧ୍ୟ ରଖନ୍ତୁ ନାହିଁ। ଘରର ଅଗଣାକୁ ସର୍ବଦା ସଫାସୁତୁରା ରଖନ୍ତୁ।କଦାପି ଅସନା ଅପରିଷ୍କାର ରଖନ୍ତୁ ନାହିଁୟ ଏହାକୁ ଅଣଦେଖା କରିବା ଦ୍ୱାରା ମାନସିକ ଦୁଃଶ୍ଚିନ୍ତା ଲାଗି ରହେ। ଏହାସହ ଖରାପ ବୈଦ୍ୟୁତିକ ଉପକରଣ ମଧ୍ୟ ଘରେ ରଖନ୍ତୁ ନାହିଁ। ଏହାଦ୍ୱାରା ନକରାତ୍ମକ ଶକ୍ତି ପ୍ରବେଶ କରିଥାଏୟ ଚିନ୍ତା ଓ କଳହ ଲାଗି ରହିଥାଏ।ବାସ୍ତୁ ଅନୁଯାୟୀ, ଘରର କବାଟ କଦାପି ପରସ୍ପର ସମ୍ମୁଖରେ ହେବା ଉଚିତ ନୁହେ। ଏହାଦ୍ୱାରା ବାସ୍ତୁ ସମସ୍ୟା ସୃଷ୍ଟି ହେବା ଆର୍ଥିକ ସମସ୍ୟା ମଧ୍ୟ ଲାଗି ରହିଥାଏ।



# ଜେଲରେ ସଂକଟ

ଦେଶରେ ଥିବା ଜେଲଗୁଡିକରେ ବ୍ୟାପକ ସଂସ୍କାର ତଥା କଏଦୀଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ରସରକାର ଏବଂ ସୁପ୍ରିମକୋର୍ଟ ବହୁବିଧ ସୁଧାରମୂଳକ ପଦକ୍ଷେପ ଗ୍ରହଣ କରିଥିବାବେଳେ କାରାଗାରଗୁଡିକରେ କଏଦୀଙ୍କ ସ୍ଥିତି ଦେଇ 'ଦ ଇଣ୍ଡିଆ ଜଷ୍ଟିସ' ରିପୋର୍ଟ-୨୦୨୫ରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଜେଲଗୁଡିକର ଦୟନୀୟ ଅବସ୍ଥାକୁ ପ୍ରଦର୍ଶିତ କରିଛି ବୋଲି କୁହାଯାଇପାରିବ। ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ଥିବା ମୋଟ ୧୩୮୨ଟି ଜେଲରେ ୪ଲକ୍ଷ ୩୬ହଜାର ରହିବା ପାଇଁ ବ୍ୟବସ୍ଥା ଥିବାବେଳେ ୨୦୨୨ ମସିହା ସୁଦ୍ଧା ୫ଲକ୍ଷ ୭୩ହଜାରରୁ ଅଧିକ କଏଦୀ ବନ୍ଦୀ ଥିଲେ, ଯାହାକି ନିର୍ଦ୍ଧାରିତ ସଂଖ୍ୟା ଠାରୁ ୧୩୧ ପ୍ରତିଶତ ଅଧିକ। ଇତିମଧ୍ୟରେ କଏଦୀଙ୍କ ସଂଖ୍ୟା ଆହୁରି ଅଧିକ ବୃଦ୍ଧି ପାଇବା ଆଶଙ୍କାକୁ ଏଡାଇ ଦେଉ ହେଉ ନାହିଁ। ରିପୋର୍ଟରେ କୁହାଯାଇଛି ଯେ, ଅଧାରୁ ଅଧିକ କାରାଗାରଗୁଡିକରେ କ୍ଷମତାଠାରୁ ଅଧିକ କଏଦୀ ଥିବାବେଳେ କେତେକରେ ୪ଗୁଣାରୁ ଅଧିକ କଏଦୀ ଅଛନ୍ତି। ରାଜଧାନୀ ଦିଲ୍ଲୀରେ ଚର୍ଚ୍ଚିତ ତିହାର ଜେଲରେ କ୍ଷମତାଠାରୁ ୮ଗୁଣ ଅଧିକ ତଥା ୪୦୦ପ୍ରତିଶତରୁ ଅଧିକ କଏଦୀ ରହିଥିବାବେଳେ ୧୭୬ଟି କାରାଗାରରେ ଏବେ ଧାର୍ଯ୍ୟ ସଂଖ୍ୟା ଠାରୁ ୪ଗୁଣ ଅଧିକ ତଥା ପ୍ରତିଶତ କଏଦୀ ଅଧିକ ରହିଛନ୍ତି। ଏଥିରୁ କଏଦୀମାନେ କେତେ ସୁଖ ସ୍ୱଚ୍ଛନ୍ଦ୍ୟରେ ବନ୍ଦୀ ଜୀବନଯାପନ କରୁଛନ୍ତି, ତାହା ସ୍ପଷ୍ଟ ଅନୁମେୟ। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ବିଚାରାଧୀନ ଏବଂ ସେମାନଙ୍କର ଦୀର୍ଘ ଅବସ୍ଥାନ ଯୋଗୁଁ କାରାଗାରଗୁଡିକରେ ଗହଳି ବଢିବାରେ ଲାଗିଛି। ଏପରିକି ମାମଲା ବିଚାର ହୋଇ ପାରୁନଥିବାରୁ ଦୀର୍ଘ ବର୍ଷ ବର୍ଷ ଧରି ବିଚାରାଧୀନମାନେ ଭାଗ୍ୟକୁ ଆଦରି ପଡି ରହିଛନ୍ତି। କାରାଗାରଗୁଡିକର ଅବସ୍ଥା ଏପରି ହୋଇଛି ଯେ, ଅନ୍ତେବାସୀମାନେ ଭିଡ ବା ଗହଳି ଯୋଗୁଁ ଅଣନିଶ୍ୱାସୀ ହୋଇପଡିଲେଣି। ଆହୁରି ମଧ୍ୟ ଏନେଇ କାରାଗାର ସଂସ୍କାର କମିଟି ଯେଉଁ ରିପୋର୍ଟ ଦେଇଛି ତାହା ମଧ୍ୟ ଚିନ୍ତାଜନକ। ରିପୋର୍ଟରେ କୁହାଯାଇଛି ଯେ, ଜେଲରେ ଗହଳି ଯୋଗୁଁ ୬୮ପ୍ରତିଶତ କଏଦୀ ଭଲରେ ଶୋଇପାରୁଥିବା ବେଳେ ସ୍ଥାନାଭାବ ଯୋଗୁଁ ୩୨ପ୍ରତିଶତ କଏଦୀଙ୍କୁ ରାତ୍ରି ଅନିଦ୍ରା ହେବାକୁ ପଡୁଛି। ତେବେ ଏବେ ଜେଲଗୁଡିକରେ କଏଦୀଙ୍କ ସଂଖ୍ୟା ଯେପରି ବଢିଚାଲିଛି। ୨୦୩୦ ମସିହା ସୁଦ୍ଧା ସେମାନଙ୍କ ସଂଖ୍ୟା ୬ଲକ୍ଷ ୮୦ହଜାରକୁ ବୃଦ୍ଧି ପାଇବ। ଯାହାକି କାରାଗାରଗୁଡିକର ସାମର୍ଥ୍ୟ ୫ଲକ୍ଷ ୧୫ହଜାର ଠାରୁ ଢେର ଅଧିକ। ଏହା ନିସନ୍ଦେହ ଯେ, ବ୍ୟାପକ ଜେଲ ସଂସ୍କାର ସତ୍ତ୍ୱେ କାରାଗାରଗୁଡିକରେ କେବଳ ସ୍ଥାନାଭାବ ନୁହେଁ, ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ସମେତ ବିଭିନ୍ନ ସମସ୍ୟା ଗୁରୁତର ହେବାରେ ଲାଗିଛି। ଏହା ହେଉଛି ମାନବିକ ଅଧିକାର ଜରୁରୀ ପରିସ୍ଥିତି। ଜେଲରେ ଦୀର୍ଘ ବନ୍ଦୀ ଯୋଗୁଁ କଏଦୀଙ୍କ ମଧ୍ୟରେ ମାନସିକ ରୋଗ ବଢିଚାଲିଛି। ଏକ ରିପୋର୍ଟ ଅନୁଯାୟୀ, ୨୦୧୨ ମସିହା ପରେ ମାନସିକ ରୋଗ ଦ୍ୱିଗୁଣିତ ହୋଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ବିଚାରାଧୀନ କଏଦୀ। ଯେଉଁମାନଙ୍କ ଅପରାଧ ନିର୍ଦ୍ଧାରିତ ହୋଇନାହିଁ। ସେମାନେ ଏବେ ମାନସିକ ଯନ୍ତ୍ରଣାରେ ଜର୍ଜରିତ। ଗୋଟିଏ ପଟେ ଜେଲରେ ଅନ୍ତେବାସୀଙ୍କ ମଧ୍ୟରେ ମାନସିକ ରୋଗ ବଢିଚାଲିଥିବାବେଳେ ଅନ୍ୟପଟେ ଦେଶରେ ସମସ୍ତ କଏଦୀଙ୍କ ପାଇଁ ମାତ୍ର ୨୫ ଜଣ ମନୋଚିକିତ୍ସକ ଅଛନ୍ତି, ଯାହାକ ସମୁଦ୍ରକୁ ଶଙ୍ଖେ ବୋଲି କୁହାଯାଇପାରେ। ସେହିପରି ଜେଲରେ ଚିକିତ୍ସା ସମସ୍ୟା ମଧ୍ୟ କିଛି କମ୍ ନୁହେଁ। ଦେଶବ୍ୟାପୀ ୪୩ପ୍ରତିଶତରୁ ଅଧିକ ଡାକ୍ତର ପଦବୀ ଖାଲି ପଡିଛି। ଚିକିତ୍ସା ଅଭାବରୁ କଏଦୀମାନେ ଉଭୟ ଶାରିରୀକ ଓ ମାନସିକ ଯନ୍ତ୍ରଣା ଭୋଗୁଥିବା କୁହାଯାଏ। ଜାତୀୟ ରାଜଧାନୀ ଦିଲ୍ଲୀରେ ଥିବା ଜେଲଗୁଡିକରେ ୨୦୬ଜଣ କଏଦୀଙ୍କ ପାଇଁ ମାତ୍ର ଜଣେ ଡାକ୍ତର ଥିବା ଜଣାଯାଏ। ଏହା ନିସନ୍ଦେହ ଯେ, ଜେଲରେ କଏଦୀଙ୍କ ପ୍ରତି ଉଭୟ ସରକାର ଓ ବିଚାର ପ୍ରକ୍ରୀୟାର ଅବହେଳା ନୂଆ ନୁହେଁ। ବିଚାର ପ୍ରକ୍ରିୟାରେ ମନ୍ଥରତା ଯୋଗୁଁ ବିଚାରାଧୀନଙ୍କ ବନ୍ଦୀ ଜୀବନ ବଢିଚାଲିଥିବାବେଳେ ସରକାର ପ୍ରଶାସନର ଉଦାସୀନତା ସଂକଟକୁ ଦ୍ୱିଗୁଣିତ କରିଛି। ଜେଲଗୁଡିକର ସୁଧାର କାର୍ଯ୍ୟକ୍ରମ ପାଇଁ ମଞ୍ଜୁରୀ ପ୍ରାପ୍ତ ପଦବୀଗୁଡିକ ମଧ୍ୟରୁ ୬୦ପ୍ରତିଶତ ପଦବୀ ଖାଲି ପଡିଛି। କର୍ମଚାରୀ ଅଭାବରୁ ସୁଧାରମୂଳକ କାର୍ଯ୍ୟକ୍ରମ ଆଗେଇ ପାରୁନାହିଁ। ସେହିପରି ସର୍ବୋଚ୍ଚ ଅଦାଲତ ବାରମ୍ବାର ଦୀର୍ଘକାଳୀନ ଜେଲ ଯୋଜନାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ଆସୁଥିବା ସତ୍ତ୍ୱେ ଶାସନ-ପ୍ରଶାସନର ଉଦାସୀନତା ଯୋଗୁଁ କୌଣସି କାର୍ଯ୍ୟ ଆଗେଇ ପାରୁନାହିଁ। ଯାହାର ପରିଣତି ସ୍ୱରୂପ ଜେଲ ସଂକଟ ବଢ଼ିବାରେ ଲାଗିଛି। ଏହି ସଂକଟରେ ସମାଧାନ ପାଇଁ ରାଜନୈତିକ ଇଚ୍ଛାଶକ୍ତି ଜରୁରୀ। ଫାଷ୍ଟଟ୍ରାକ କୋର୍ଟ ଏବଂ ବିକଳ୍ପ ବିବାଦ ସମାଧାନର ପନ୍ଥା ବିଚାରାଧୀନ କଏଦୀଙ୍କ ସଂଖ୍ୟା ହ୍ରାସ କରିପାରିବେ। ଆହୁରି ମଧ୍ୟ କଏଦୀଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଭିତିଭୂମି ନିର୍ମାଣ, ଡାକ୍ତର, ମନୋଚିକିତ୍ସକ ଓ କର୍ମଚାରୀ ନିଯୁକ୍ତି ଜରୁରୀ ଆବଶ୍ୟକତା ରହିଛି। ଗରିବଙ୍କ ପାଇଁ ଆଇନଗତ ସହାୟତାକୁ ତ୍ୱରାନ୍ୱିତ କରିବା ସହ ବିଚାରାଧୀନଙ୍କ ସଂଖ୍ୟା ହ୍ରାସ ଉପରେ ଗୁରୁତ୍ୱ ଦିଆଯିବା ଜରୁରୀ। ଏହା ସତ୍ୟ ଯେ, କଏଦୀଙ୍କୁ ସମ୍ମାନ ଓ ଯତ୍ନ ଆମ ଗଣତନ୍ତ୍ର ଶକ୍ତିକୁ ପ୍ରତିଫଳିତ କରେ। ଏହା ଏକ ଅନୁକମ୍ପା ନୁହେଁ, ସାମ୍ବିଧାନିକ କର୍ତ୍ତବ୍ୟ।

# ବୈଦିକ ପୂଜା, ଯଜ୍ଞ ଓ ନାମ କୀର୍ତ୍ତନ

## କିଶୋର କୁମାର ଜେନା

ବର୍ତ୍ତମାନ ସମୟକୁ ଦେଖିଲେ ଲୋକମାନଙ୍କ ଭିତରେ ଆଧ୍ୟାତ୍ମିକତା କମି ଯାଉଥିବା ଓ ମାନବିକତା ମଧ୍ୟ ଅବକ୍ଷୟମୁଖୀ ବୋଲି କେହି କେହି କୁହନ୍ତି। ଏହି ଭୟାନକ ପରିସ୍ଥିତିରୁ ନିଜକୁ କିପରି ସେ ରକ୍ଷା କରିପାରିବ ତାହା ହେଉଛି ତା ପାଇଁ ମୁଖ୍ୟ ପ୍ରଶ୍ନ। ଏହି ପରିସ୍ଥିତିରୁ ରକ୍ଷା ପାଇବାର ଏକମାତ୍ର ଉପାୟ ହେଉଛି ମୂକ ଭାବେ ଅନ୍ୟ ମାନଙ୍କୁ ଅନୁସରଣ କରି ସେମାନଙ୍କ ପଛରେ ନଯାଇ କିମ୍ବା ପଛକୁ ଫେରି ନ ଚାହିଁ ଯେଉଁଠି ଅଛ ସେଠାରେ ଠିଆ ହୋଇ ଚାରିଆଡ଼କୁ ନିରୀକ୍ଷଣ କରି ଦେଖିବ ଉଚିତ ମାର୍ଗରେ ଯିବା ପାଇଁ କେଉଁଟା ହେଉଛି ସଠିକ ମାର୍ଗ। ଏହା ଜାଣିବା ପରେ ନିଜର ଗନ୍ତବ୍ୟ ଆରମ୍ଭ କର। ବୈଦିକ ମାର୍ଗରେ ଯିବା ପାଇଁ ବେଦ ଅଧ୍ୟୟନ କରିବାକୁ ପଡ଼ିବ। କାରଣ ବୈଦିକ ମାର୍ଗ ହିଁ ଆମକୁ ପ୍ରକୃତ ଶାନ୍ତି ପ୍ରଦାନ କରିବ। କାରଣ ବେଦ ହେଉଛି ଈଶ୍ୱରଙ୍କ ମୁଖ ନିଃସୃତ ବାଣୀ। ପରଂବ୍ରହ୍ମଙ୍କ ସହିତ ମିଳନ ହେବା ନିମନ୍ତେ ଏହା ହେଉଛି ସିଧା ମାର୍ଗ। ଏହି ମାର୍ଗରେ ପ୍ରତିବନ୍ଧକ ନାହିଁ। ଯେଉଁ ଲକ୍ଷ୍ୟ ହାସଲ ନିମନ୍ତେ ମଣିଷ ଜନ୍ମ ହୋଇଛି ତାହାର ପ୍ରାପ୍ତି ନିମନ୍ତେ ବୈଦିକ ମାର୍ଗ ହେଉଛି ଏକମାତ୍ର ମାର୍ଗ।

ତେବେ ଏହି ମାର୍ଗରେ ଯାହା କରିବା ପୂର୍ବରୁ ଆମକୁ ଏହା ମଧ୍ୟ ଜାଣିବାକୁ ହେବ ଯେ ଆଧୁନିକ ବୈଷୟିକ ଜ୍ଞାନ କୌଶଳର ବିକାଶ କରି ଚନ୍ଦ୍ର ସମେତ ଅନ୍ୟାନ୍ୟ ଗ୍ରହକୁ ଯାତ୍ରା କରିବା ପ୍ରକ୍ରିୟାରେ ପରିବେଶର କେତେ କ୍ଷତି ହୋଇଛି। ଏହି ବିକାଶ ଯୋଗୁ ଧରିତ୍ରୀ ମାର ପାଣି, ପବନ ଏବଂ ମୃତ୍ତିକାର ପ୍ରଭୂତ କ୍ଷତି ହୋଇଛି। ଯାହାର ଭରଣା ସମ୍ଭବ ନୁହେଁ। ନିଜର ଜ୍ଞାନକୌଶଳ ବିକାଶ କ୍ରୀଡ଼ାରେ ମଣିଷ ଏତେ ଉନ୍ମତ୍ତ ହୋଇଗଲା ଯେ ଏହାଫଳରେ ତାହାର ଚାରି ପାଖରେ ଥିବା ଭୌତିକ, ନୈତିକ ଏବଂ ଆଧ୍ୟାତ୍ମିକ କ୍ଷେତ୍ରରେ ଯେଉଁ କ୍ଷତି ହେଲା ତାହାର କଳନା କଲାନାହିଁ ଏବଂ ଏହି କ୍ଷତିକୁ ହେୟଜ୍ଞାନ କଲା। ଏହି ବିକାଶ ଫଳରେ ପରିବେଶର ଯେଉଁ କ୍ଷତି ହୋଇଛି ତାହାର ବର୍ଣ୍ଣନା କରିବାକୁ ଅନେକ ସମୟ ଏବଂ ସ୍ଥାନ ନେବ। କେବଳ ଏତିକି ଜାଣିରଖିବା ଉଚିତ ଯେ ଏହି ବିକାଶ ଫଳରେ ଅମ୍ଳଜାନର ପରିମାଣ ବାୟୁମଣ୍ଡଳରେ ହ୍ରାସ ପାଇଚାଲିଛି। ଏହି ଅମ୍ଳଜାନ ହେଉଛି ପ୍ରାଣବାୟୁ। ପ୍ରାଣବାୟୁର ସ୍ଥାନ ପୂରଣ କରୁଛି ଅଙ୍ଗାରକାମ୍ଳ, ଯାହା କି ଶରୀର ନିମନ୍ତେ ଅତ୍ୟନ୍ତ କ୍ଷତିକାରକ। ପୃଥିବୀ ଉପରେ ଅଙ୍ଗାରକାମ୍ଳ ଯାନର ଏକ ଚାଦର ସୃଷ୍ଟି ହୋଇଗଲାଣି ବୋଲି ପରିବେଶବିତମାନେ କହୁଛନ୍ତି। ଏହାକୁ ରୋକାନଗଲେ ସମଗ୍ର ପୃଥିବୀ ଉପରେ ଅଙ୍ଗାରକାମ୍ଳର ଏକ ଚଦର ପଡ଼ିଯିବ ଏବଂ ଜୀବଜଗତ ଲୋପ ପାଇଯିବ। ଏହିପରି ଯେଉଁ ଭୟଙ୍କର ପରିସ୍ଥିତି



ମାଡ଼ି ଆସୁଛି ତାହାର କବଳରୁ ପୃଥିବୀକୁ ରକ୍ଷା କରିବା ପାଇଁ ବୈଜ୍ଞାନିକମାନେ ଉଦ୍ୟମ ଆରମ୍ଭ କରିଛନ୍ତି।

ସୂର୍ଯ୍ୟ ଏବଂ ଚନ୍ଦ୍ରଙ୍କୁ ସମସ୍ତେ ଜାଣନ୍ତି ଏବଂ ସ୍ୱୀକାର କରନ୍ତି। ସବୁ ଜାତି, ଧର୍ମ, ବର୍ଣ୍ଣର ଲୋକମାନେ ସୂର୍ଯ୍ୟର ଉତ୍ତାପ ପାଆନ୍ତି ଏବଂ ଆଲୋକକୁ ସ୍ୱାଗତ କରନ୍ତି। ସେହି ଚନ୍ଦ୍ରର ଶୀତଳ କିରଣ ମଧ୍ୟ ସମସ୍ତଙ୍କୁ ମୁଗ୍ଧ କରିଥାଏ। ଚନ୍ଦ୍ର ଏବଂ ସୂର୍ଯ୍ୟ ଯେପରି ସାର୍ବଜନୀନ ଠିକ ସେହିପରି ଅଗ୍ନି ମଧ୍ୟ ସମସ୍ତଙ୍କର। ସକାଳୁ ସଞ୍ଜ ଯାଏ ସମସ୍ତଙ୍କର କାମରେ ଅଗ୍ନି ଆସନ୍ତି। ଦୈନନ୍ଦିନ ଜୀବନରେ ଅଗ୍ନିଙ୍କୁ ବାଦ ଦେଇ ଜୀବନ ଧାରଣ ସମ୍ଭବ ନୁହେଁ। ଅଗ୍ନିଦେବଙ୍କ ମାଧ୍ୟମରେ ଆମେ ସବୁ ଦେବ ଦେବତାମାନଙ୍କୁ ଆରାଧନା କରିଥାଉ। ଅଗ୍ନି ହେଉଛନ୍ତି ଆମର ହାତ ପାହାନ୍ତାରେ ଥିବା ଦେବତା। ବୈଦିକ ଯୁଗରେ ଯଜ୍ଞ ଦ୍ୱାରା ଅଗ୍ନିଙ୍କର ପୂଜା ହେଉଥିଲା।

ସଂପ୍ରତି ପୃଥିବୀରେ ଆଧ୍ୟାତ୍ମିକ ମୂଲ୍ୟବୋଧର ଆବଶ୍ୟକତା ଘେନି ଏକ ନୂତନ ଚେତନାର ଅଭ୍ୟୁଦୟ ଘଟିଛି। ଏହି ଲକ୍ଷ୍ୟ ହାସଲ ନିମନ୍ତେ ପୃଥିବୀର ବାୟୁମଣ୍ଡଳରେ ପରିବର୍ତ୍ତନ ଆବଶ୍ୟକ। ପବିତ୍ର ଭଜନ ଏବଂ ଈଶ୍ୱରଙ୍କ ନାମ ଜପ ଦ୍ୱାରା ପରିବେଶରେ ପରିବର୍ତ୍ତନ ଅଣାଯାଇପାରିବ। ସଂହତି ହେଉଛି ଏକ ଅଣୁଶକ୍ତି। ଏହାଦ୍ୱାରା ପ୍ରତ୍ୟେକ ଦୁଷ୍ଟ ଆତ୍ମା ମାନଙ୍କୁ ଦୂରେଇ ରଖାଯାଇପାରିବ। ବୈଦିକ ଯୁଗରେ ଆଶ୍ରମ ଗୁଡ଼ିକ ଆଧ୍ୟାତ୍ମିକ ଶକ୍ତିର ଉତ୍ପାଦନ କେନ୍ଦ୍ର ଭାବରେ କାର୍ଯ୍ୟ କରୁଥିଲେ। କାରଣ ମଣିଷ ସମାଜ କେବଳ ଆଧ୍ୟାତ୍ମିକ ବିଜ୍ଞାରନ ଅର୍ଜନ ଦ୍ୱାରା ଚିର ଆନନ୍ଦ ଲାଭ କରିପାରିବ। ଆଉସବୁ ମଣିଷଙ୍କୁ ବନ୍ଧନ ମଧ୍ୟରେ ପକାଇବାକୁ ଉଦ୍ଦିଷ୍ଟ ଏବଂ ଦୁଷ୍ଟ ଶକ୍ତିମାନେ ଏହାକୁ ବିଭିନ୍ନ ଭାବେ ବ୍ୟକ୍ତିସମ୍ମୁଖରେ ଉପସ୍ଥିତ କରିଥାଆନ୍ତି। ସଠିକ ଭାବେ ଯଜ୍ଞ କରିବା ଫଳରେ ଯେଉଁ ଶକ୍ତି ମିଳେ ତାହା ବ୍ୟକ୍ତିକୁ ଆଧ୍ୟାତ୍ମିକ ମାର୍ଗରେ ନେଇଯାଏ ଏହାଦ୍ୱାରା ତାଙ୍କର ହୃଦୟ ନିର୍ମଳ ହୁଏ ଏବଂ ସେ ଈଶ୍ୱରଙ୍କ ଦର୍ଶନ କରନ୍ତି।

ଆଇନଜୀବୀ, ବଙ୍ଗାଳିସାହି, କଟକ, ଦୂରଭାଷ : ୭୩୨୫୯୦୪୯୨୭/୭୩୭୭୪୩୯୦୭୭
E-mail : kishorekumarjena.adv@gmail.com

# ଭ୍ରଷ୍ଟାଚାର

## ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଏହି ଶବ୍ଦଟି ଅନେକ କ୍ଷେତ୍ରରେ ଲାଗିପାରେ। ଗ୍ରହଟି କକ୍ଷଚ୍ୟୁତ ହେଲେ ତାର ପାଇଁ ଧାର୍ଯ୍ୟ ଗତିର ସମୟ ସୀମା ତାର ଅନୁକୂଳ ଫଳ ପ୍ରତିକୂଳ ଫଳ ଯାହା ନିୟମାକ ମାନେ ଧାର୍ଯ୍ୟ ରଖିଛନ୍ତି ତାହା ଗଣ୍ଡଗୋଳ ହୋଇଥାଏ। ସେ ପରି ଭ୍ରଷ୍ଟାଚାରୀକୁ କୌଣସି ପ୍ରକୃତର ନିମୟରେ ରହିବାରେ ଚଳିବା ଦେଖାଯାଏ ନାହିଁ। ଅଭାବରୁ ସ୍ୱଭାବ ନଷ୍ଟ। ଅଭାବ କାହିଁକି ହୁଏ ? ଗୃହୀଜନରେ ଥିଲାବାଲା ଅଛନ୍ତି ନଥିଲାବାଲା ଅଛନ୍ତି। ନଥିଲାବାଲା ଏକ ନିର୍ଦ୍ଦିଷ୍ଟ ଧର୍ମରେ ଚାଲୁଥିଲେ କଷ୍ଟରେ ନିଜର ଜୀବନ ନିର୍ବାହ କରୁଥିବେ। ଖାଦ୍ୟ ମୁଠିକ ପାଇଁ କୁଟୁମ୍ବ ଚଳାଇବା ପାଇଁ ଅତି ପରିଶ୍ରମ କରୁଥିବେ। ମାତ୍ର ସେମାନେ ଏହି ପର୍ଯ୍ୟାୟରୁ ମୁକ୍ତି ପାଇଁ ଯଦି ଚୋରୀ ତସ୍କରୀ ନଷ୍ଟ ଚରିତ୍ର ହୁଅନ୍ତି ତେବେ ଭ୍ରଷ୍ଟ ହୋଇ ଥିଲାବାଲା ହୋଇପାରନ୍ତି ମାତ୍ର ସାମାଜିକ ବାଛନ୍ଦରେ ଧରାପଡ଼ି ହୋଇଥାନ୍ତି ଏହାପରେ ଦୁଃଖ ଆହୁରି ବଢ଼େ। ଥିଲାବାଲା ଆହୁରି ଦ୍ରୁତ ଅର୍ଜନ ପାଇଁ ଅନ୍ୟାୟ ପଥ ଧରି ପାରନ୍ତି। ବାଣିଜ୍ୟ କରୁଥିଲେ ଯେଉଁ ବିଶ୍ୱାସ ସେ ପ୍ରଥମେ ଅର୍ଜନ କରିଥାନ୍ତି ତାହା ବଣିକ ଦ୍ରବ୍ୟରେ ମିଶ୍ରଣ କରି ରାତି ରାତି ବଡ଼ଲୋକର ସ୍ୱପ୍ନ ତାଙ୍କୁ ଭ୍ରଷ୍ଟ କରାଏ। ଓଜନରେ କାମ ଦେଇ ଦ୍ରବ୍ୟର ମୂଲ୍ୟ ଚଢ଼ା ନେଲେ ସେ ଭ୍ରଷ୍ଟ ହୋଇଥାନ୍ତି। ଅନେକ ଥିଲାବାଲା ଉଚିତ ମାର୍ଗରେ ଚଳୁଥିଲେ ବି କରଜ ଧାର ଲୋଭରେ ପଡ଼ି ଅଧିକ ଅର୍ଜନ ଚିନ୍ତାରେ ଯାଇ ନିଜର ଋଣଶୋଧ ଚିନ୍ତା ନକରି ଋଣ ଟଙ୍କାରେ ଅୟସ କରି ଲୋକଙ୍କୁ ଦେଖାଇ ହେବା ସ୍ତରକୁ ଆସିଥାନ୍ତି। ଋଣ ଅନାଦେୟରେ କେବେ ଘର ନିଲାମ, ଜମି ନିଲାମ ଗାଡ଼ି ଟଣା ହେଲାଣି ବାଣିଜ୍ୟ କାରଖାନା ନିଲାମ ହେଲେ ସେ ହେବେ ଭ୍ରଷ୍ଟ। ଧନ ଅଛି ଦେଖାଇ ହୋଇ ବନ୍ଧୁଙ୍କୁ ନଚିହ୍ନି ଧାର ଦେଇ ତାକୁ ଆଦାୟକ କରିବା ଦୁରୂହ ହେଲେ ସମ୍ପର୍କତିକ୍ତ। ଥାନା କୋର୍ଟ ଗୁଣ୍ଡାପାର୍ଟି ଷଣ୍ଢ ଖର୍ଚ୍ଚ ପାଇଁ ଧାବିତ ହେଲେ ଭ୍ରଷ୍ଟା ହେବାକୁ ହୁଏ। ଦରିଦ୍ର ଦିଗ ଖୋଲିଯାଏ। ଶସ୍ତାଲୋକ ପ୍ରିୟତା ପାଇଁ ପଣ୍ୟ ଦ୍ରବ୍ୟ ବିକ୍ରେତା ହୋଇ ବାକି ଦେଲେ ଦିନେ ଭ୍ରଷ୍ଟ ହେବାକୁ ମହାଜନଙ୍କ ପାଖରେ ବ୍ୟାଙ୍କର ପାଖରେ ହେବାକୁ ହୁଏ। ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି। ତରିବାକୁ ଏହି ସଂସାର ବାରିଧି। ଧର୍ମ କହିଲେ ହିନ୍ଦୁ, ଖ୍ରୀଷ୍ଟିଆନ, ଇସଲାମ ଧର୍ମ କେବଳ ନୁହେଁ, ପ୍ରକୃତରେ ସବୁସ୍ତରରେ ସବୁ ବୟସରେ ସବୁ ଆଚରଣରେ ସବୁ ମୌଳିକରେ ସବୁ ଯୌଗିକରେ ଧର୍ମ ଅଛି। ଶିଶୁ ଅବୋଧ ଏହାକୁ ବାପମାଆ ଗୁରୁଜନ ବହୁ କ୍ଷେତ୍ରରେ କ୍ଷମା କରନ୍ତି। ଏଠାରେ କ୍ଷମା ଧର୍ମ ଶିଶୁପାଇଁ ଯାହା ଲାଗୁଛି ଜଣେ ବୟସ୍କ ଲୋକର ଗୁରୁତର ଭୁଲ ପାଇଁ ତାକୁ କେହି କ୍ଷମା କରନ୍ତି ନାହିଁ। ଏଠାରେ ଭୁଲକାମ ଯେ କରିଛି ସେ ଭ୍ରଷ୍ଟ ଓ ତାକୁ ଯେ କ୍ଷମା କରୁଛି ସେ ବି ଭ୍ରଷ୍ଟ। ମାତ୍ର ସୁଧାର ପାଇଁ ପ୍ରାୟଶ୍ଚିତ ଯେ କରିପାରୁଛି କରାଇ ପାରୁଛି ସେ ଭ୍ରଷ୍ଟ ହୋଇନପାରେ। ସେ ପୁନଃ ଜୀବନ ଧାରାରେ ପ୍ରବେଶ କରିପାରନ୍ତି।

ମାଇପଙ୍କ ଆଗରେ ପାଇକ ପଣିଆଁ ଅନେକ ଦେଖାନ୍ତି। ଦୁଇ ମଲ୍ଲଙ୍କ କୁସ୍ତୀ ଦେଖନ୍ତୁ ଏଥିରେ ଜଣେ ଜିତେ ଜଣେ ହାରେ। ଏଠାରେ ମଲ୍ଲଙ୍କର ପାଇକ ପଣ ଜଣାପଡ଼େ ମାତ୍ର ଜଣେ ମଲ୍ଲ ଦୁର୍ବଳ ଲୋକଙ୍କ ଉପରେ ପାଇକପଣ ଦେଖାଇଲେ କଣ ତାଙ୍କୁ ମଲ୍ଲବୀର କୁହାଯିବ କି ? ଗୁଣ୍ଡାଗିରି ଏପରି ଧନ୍ଦା, ନିରୀହ ଲୋକ ଉପରେ ଅତ୍ୟାଚାର। କାନୁନ ଅଛି ଅଦାଲତ ଅଛି ଥାନା ଅଛି ଏ ସବୁ ବାଦ ଗୁଣ୍ଡାଗିରିରେ ଲୋକଙ୍କୁ ତାପିତ କରି କିଛି କାର୍ଯ୍ୟ ହାସଲ ଏବେ କରାଯାଉଛି। ଏସବୁ ଭ୍ରଷ୍ଟବୃତ୍ତି ଏମାନଙ୍କୁ ନମସ୍କାର ପ୍ରକୃତରେ ନିଚପ୍ରୀତିର ନମସ୍କାର। ରାଜନୀତିରେ ଭ୍ରଷ୍ଟାଚାର ଏବେ ପୁରି ରହିଲାଣି। ସମ୍ବିଧାନର ଧାରାରେ କୌଣସି କାର୍ଯ୍ୟ ଓଲଟ ଭାବରେ ସାଧିତ କରିବାକୁ ଏବେ ଭ୍ରଷ୍ଟପଥ ଅବଲମ୍ବନ କରାଯାଉଛି। ସାର୍ବଜନୀନ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ପର୍ଯ୍ୟାୟକୁ ମୁଷ୍ଟିମେୟ କେମିତି ହାସଲ କରିବେ ଏ ବୁଦ୍ଧି ଏବେ ରାଜନୀତିରେ ଆସି ପଶିଗଲାଣି ବ୍ୟାଙ୍କ ଜାତୀୟ କରଣରୁ ପୁଣି ପ୍ରାଇଭେଟ ସ୍ତର ଆସିବା ମୂଳରେ ଏପରି ମୁଷ୍ଟିମେୟ ତୋଷ ନିତି ରହିଛି।

ଚାକିରୀ ପାଇଁ ପ୍ରତିଯୋଗିତା ପରୀକ୍ଷା ରହିଛି। ମାତ୍ର ଏଥିରେ କୋଟା ଲଗାଯାଇଛି। ଜିତିଲେ ବି ଚାକିରୀ ହୋଇନପାରେ। ପ୍ରତି ଚାକିରୀ ପଥକୁ ବହୁ ତୀର୍ଯ୍ୟକ କରାଯାଇଛି। ସ୍ୱାସ୍ଥ୍ୟ, ବୟସ, ବିଦ୍ୟାର ସ୍ତର, ଜାତି ଭଳି ଦିଗର ଗୁଡ଼ିକ ଦଲେ ଚାକିରୀ ମିଳିପାରିବା ସ୍ତରକୁ ଆସିପାରେ ପୁଣି ଏହାମଧ୍ୟରେ ଅନ୍ୟାୟ ପଥ ଡାକ୍ତରୀ ମାୟନାରେ ଲଗାଯାଇ ବାତିଲ କରାଯାଇପାରେ। ବୟସ ଦୃଷ୍ଟେ ବି ବାଧା ଉଠିପାରେ, ବିଦ୍ୟାରେ କ୍ୟାରିଅର ଦେଖି ପ୍ରତିବନ୍ଧକ କରାଯାଇପାରେ। ଉଚ୍ଚତାରେ ଶଣୀରର ଦକ୍ଷତାରେ ଚାକିରୀ କଟିପାରେ। ଜାତି କଥା ଉଠିଲେ ଏବି କୋଟାରେ କଟୁଛି। ଜାତି ସାର୍ଟିଫିକେଟ ପାଇଁ ସରକାରୀ ଦପ୍ତରକୁ ଦୌଡ଼ି ଦୌଡ଼ି ଥକତ କରାଯାଉଛି। ଏମିତି ଚାକିରୀ ପାଇଁ ଲୋକ ଜାଲିଆତି ସ୍ତରରେ ବି ଆସୁଛନ୍ତି ଲାଞ୍ଚ ଦେଇଛନ୍ତି। ଭୁଲକଥାରେ ପଶୁଛନ୍ତି ଏସବୁ ଭ୍ରଷ୍ଟାପଥ। ଏହି ପଥଚାରୀ ପରେ ଲାଞ୍ଚ ଦେଇଛନ୍ତି ବୋଲି ଲାଞ୍ଚ ଖାଇବେ ଏଇ ମାର୍ଗରେ ରହୁଛନ୍ତି ଏହା ବି ଜଟିଳ ଭ୍ରଷ୍ଟପଥ। ରାଜନୀତିରେ ହାଇକମାଣ୍ଡ ନିଷ୍ଠେ ଅଛନ୍ତି ଏହା ପ୍ରକୃତରେ ଦଳପତି। ଦଳପତିଙ୍କ ରାୟ ନିୟମକୁ ନମାନି ଅନେକ ଦଳକୁ ଯାଇ କିଛି ଫାଇଦା ପାଉଛନ୍ତି। ପ୍ରକୃତରେ ଏହା ଠିକ ପଥ ନୁହେଁ। ଆଜି ଭାରତ ବର୍ଷରେ ଅନେକ ରାଜନୈତିକ ଦଳ କିନ୍ତୁ ଭାରତ ସ୍ୱାଧୀନତା ବେଳେ ଏକ ଦଳ ହିଁ ପ୍ରାଧାନ୍ୟ ରହିଥିଲା ସେହି ଏକ ଦଳ ଆଜି ବହୁଦଳରେ ପରିବର୍ତ୍ତନ ଏଇ ହାଇକମାଣ୍ଡଙ୍କ କଥା ନମାନି ହୋଇଛି। ପ୍ରକୃତରେ ସ୍ୱାର୍ଥ ପାଇଁ ଭ୍ରଷ୍ଟପଥ। କରଛଡ଼ା ନେତାମାନେ ଅବହେଳିତ ମନେ କରି ବୃତ୍ତି ବଞ୍ଚାଇବାକୁ ସ୍ୱାଧୀନ କିଛି କରିବା ଚେଷ୍ଟାରେ ଯିବା କଷ୍ଟ ଯୋଗୁ ଅନ୍ୟଦଳକୁ ଆଉଜି ଯାଉଛନ୍ତି। ଏଠାରେ ଯେ ତାଙ୍କୁ ଛାଡୁଛନ୍ତି ସେମାନେ ବି ଭ୍ରଷ୍ଟାପଥରେ ଅର୍ଥାତ୍ ଯୋଗ୍ୟତା ବିଚାର ତାଙ୍କର ଠିକ ହେଉନାହିଁ। ହାଇକମାଣ୍ଡଙ୍କ ମନ ମାନି ବି ଭ୍ରଷ୍ଟପଥ। ସାତକଥାରେ ସତୀ ଭୁଲେ। ଯେଉଁ ନାରୀ କୌଣସି ସୀମାରେ ରହିବା ମନସ୍ଥ ନୁହଁନ୍ତି ସେ ଭ୍ରଷ୍ଟ ହୁଅନ୍ତି। ଏକ ପତିବ୍ରତ ପାଇଁ ତାଙ୍କର ମନ ରହିନଥାଏ। ଅଭାବ ସୃଷ୍ଟିକଲେ ଅନ୍ୟତ୍ର ଅନ୍ୟ ଦ୍ୱାରା ଭାବ ହୋଇଯିବ ଏ ମାନସ ହିଁ ଭ୍ରଷ୍ଟ ପଥ। ଯେଉଁ ନାରୀମାନେ ସତ୍ୟପଥରେ ରହି ବଡ଼ ପଦବୀରେ ଅଛନ୍ତି ପ୍ରକୃତରେ ସେମାନେ ଲୋକମାତା ସେମାନେ ଲକ୍ଷ୍ମୀ ପାର୍ବତୀ ସରସ୍ୱତୀଙ୍କ ପରି ସମ୍ମାନନୀୟା। ମାତ୍ର ଭ୍ରଷ୍ଟ ପଥରେ ଯାଇ ଯେଉଁମାନେ ବଡ଼ ହୋଇଛନ୍ତି ମୋନେ ଯେତେ ଚନ୍ଦନ ଲିପିଲେ ବି ତାଙ୍କର କାରନାମାର ପାଶ୍ଚାତରେ ମୃଦୁ ଗୁଞ୍ଜନ ଉଠିଥାଏ।

ଜଣେ ନାରୀର ଭ୍ରଷ୍ଟ ପଥ ଆଶୁ ହୋଇପାରେ ଏ ପାଇଁ ମୂଳରୁ ନିୟନ୍ତ୍ରିତ ଜୀବନ ଧାରାରେ ଚାଲୁ ରଖିବା ଦରକାର। ସଂସାରରେ ସବୁ ନାରୀ କେବେ ସମାନ ହୋଇନପାରନ୍ତି। ଏପରି ଦାବୀ କରିବା ବି ଅଯୌକ୍ତିକ। କେତେକ ଦ୍ରବ୍ୟ ଅଛି ତାର ପ୍ୟାକେଟରେ ଲେବୁଲରେ ଏକ୍ସପ୍ୟାରୀ ତାରିଖ ଲେଖାଅଛି। ଏହି ଲେଖା ଦର୍ଶାଏ ସେ ଦ୍ରବ୍ୟ ସେହି ତାରିଖ ଯାଏ କାର୍ଯ୍ୟକାରୀ। ତାପରେ ଭ୍ରଷ୍ଟ। ମୂଳ ବୋତଲ ବା ପ୍ୟାକେଟର ଲେବଲ ଚିରି ତହିଁରେ ନୂତନ ଲେବଲ ମାରି କେହି ଏହାକୁ ବିକ୍ରୟ କଲେ କିଏ ଏହାକୁ ଦେଖୁଛି। ଭ୍ରଷ୍ଟ ଦ୍ରବ୍ୟକୁ ବିକ୍ରେତା ଏବେ ଅନେକେ କ୍ରେତା ନିରୁପାୟ ଭ୍ରଷ୍ଟ ଚିନ୍ତାଧାରାରୁ ଆୟ ଏହା ବଢ଼ିବାରେ ଲାଗିଛି। ଗ୍ରାମର କଷ୍ଟ ଘଣାର ସୋରିଷ ତେଲ ଯେ ଖାଇଥିବେ ବର୍ତ୍ତମାନର ସୋରିଷ ତେଲ ଖାଇଲେ ବୁଝିପାରିବେ। ବର୍ତ୍ତମାନ ନାମ ବିକ୍ରୀ ଦ୍ରବ୍ୟ ବିକ୍ରୀ ନୁହଁ। ଏମିତି ଦୁଗ୍ଧ, ଦହି, ଘିଅ, ମହୁ କେହି ଠିକ ନୁହଁ। ସୂତାଲୁଗା ବି ମିଲାବଟ ଏପରି ଭ୍ରଷ୍ଟବେଳୀ ଆହୁରି ଆଗକୁ ବଢୁଛି। ଏପରି ଭ୍ରଷ୍ଟାଚାର କେମିତି ଶାନ୍ତ ହେବ ସମସ୍ତେ ଭାବନ୍ତୁ। କେବଳ ଅବତାର ପୁରୁଷ ଏହାକୁ ଆସି ଠିକଣା କରିପାରନ୍ତି କୌଣସି ସାଧାରଣ ପ୍ରଶାସନ ବା ବ୍ୟକ୍ତି ଏହା ଆଉ କରାଇ ପାରିବେ ନାହିଁ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ଟ୍ରେଣ୍ଡର ମାୟାଜାଲ : ହର୍ଡ଼ ମେଣ୍ଟାଲିଟିର ଅନ୍ତହୀନ ପ୍ରବଣତା

## ଡାକ୍ତର ସମ୍ରାଟ କର

ମନୋବିଜ୍ଞାନୀଙ୍କ ଯୁକ୍ତି ହେଉଛି, ଏଭଳି ଟ୍ରେଣ୍ଡ କାରଣରୁ ଅନେକ ବର୍ନଆଉଟ ସିଣ୍ଡ୍ରୋମରେ ପୀଡ଼ିତ ହେଉଛନ୍ତି। ନୂଆ ପିଢ଼ି ମଧ୍ୟରେ ହର୍ଡ଼ ମେଣ୍ଟାଲିଟି ବିକଶିତ ହେଉଛି। ମନସ୍ତାତ୍ତ୍ୱିକ ବିଜ୍ଞାନ ଅନୁସାରେ ଆଲଗୋରିଦିମ ଏବଂ ବାସ୍ତବ ଜୀବନ ମଧ୍ୟରେ ଚାଲିଥିବା ପ୍ରତିଯୋଗିତା କାରଣରୁ ଲୋକଙ୍କ ମଧ୍ୟରୁ ସୃଜନଶୀଳତା କ୍ରମାଗତ ଭାବେ କମି ଚାଲିଛି। ଲୋକମାନେ ଡୁମ ସ୍କ୍ରୋଲିଂରେ ବ୍ୟସ୍ତ ରହି ବାସ୍ତବ ଜଗତରୁ ନିଜକୁ ବିଚ୍ଛିନ୍ନ କରିଦେଉଛନ୍ତି। ଲାଇକ, କମେଣ୍ଟ, ଫଲୋଅର୍ସଙ୍କ ସଂଖ୍ୟା ହିସାବ କରି ନିଜର ଆତ୍ମ ମୂଲ୍ୟାୟନ କରୁଛନ୍ତି। ଏହା ଏକ ବିରକ୍ତିକର ପ୍ରକ୍ରିୟା, ଯାହା ଅନେକଙ୍କ ମଧ୍ୟରେ ଉଦବେଗ ବିଷର୍ଣ୍ଣତା ଏବଂ ନୈରାଶ୍ୟ ଭରିଦେଉଛି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସାମାଜିକ ଗଣମାଧ୍ୟମରେ ପ୍ରଚଳିତ ଟ୍ରେଣ୍ଡର ପ୍ରଭାବ ଆମ ମାନଙ୍କ ନିତିଦିନିଆ ଜୀବନ ଉପରେ ଏତେ ଅଧିକ ମାତ୍ରାରେ ପଡୁଛି ଯେ ସତେ ଯେପରି ଏହି ଟ୍ରେଣ୍ଡ ନଥିଲେ ଆମ ଖାଦ୍ୟ ଶୈଳୀ ଓ ପୋଷାକ ପରିଧାନର ଶୈଳୀ ବୋଧ ହୁଏ ଭିନ୍ନ ହୋଇଥାନ୍ତା। ଅନେକ ତଥାକଥିତ ପ୍ରଚାରଧର୍ମୀ ଫାଷ୍ଟ ଫେସନ ଗୁଡ଼ିକ ଏପରି ଲୋକମାନଙ୍କ ଭିତରେ ଛାଇ ହୋଇଯାଉଛି ଯେ ସେଥିରୁ ବର୍ତ୍ତିବା ସହଯେ ସମ୍ଭବ ହେଉନାହିଁ। ଉଦାହରଣ ବଶତଃ ଫାଷ୍ଟ ଫେସନ ଧାରା ସହ ସାମାଜିକ ଗଣମାଧ୍ୟମ ଯୋଗୁଁ ଟ୍ରେଣ୍ଡ କରୁଛି ଇଭିଲ ଆଇ ଫ୍ୟାସନ। ଇଭିଲ ଆଇ ବା ଖରାପ ନଜର ଯାହାକି ଏକ ପ୍ରକାର ନୀଳ ରଙ୍ଗର ମାଳି। ଯେଉଁଥିରେ କଳା ରଙ୍ଗର ଏକ ବିନ୍ଦୁ ରହିଥାଏ। ବିଶ୍ୱାସ ରହିଛି ଆଖି ପରି ଦେଖାଯାଉଥିବା ଏହି ମାଳିଟି କୁ ନଜରରୁ ରକ୍ଷା କରିଥାଏ। ଇଭିଲ ଆଇର ଟ୍ରେଣ୍ଡ ଏବେ ଏତେ ବ୍ୟାପିଗଲାଣି ଯେ ଏହି ଟ୍ରେଣ୍ଡର ମାୟାରେ ସାଧାରଣ ଜନତା ଠାରୁ ସେଲିବ୍ରେଟିଙ୍କ ପର୍ଯ୍ୟନ୍ତ ବି ବାୟା ହୋଇଗଲେଣି। ସାମାଜିକ ଗଣମାଧ୍ୟମ ଅନେକ ଜ୍ଞାନ ସୂଚୀତ କରେ ଓ ଅନେକ ଅଜଣା ତଥ୍ୟ ମଧ୍ୟ ଆମ୍ଭ ମାନଙ୍କୁ ଜଣାଇଥାଏ। ତେବେ ଘଣ୍ଟା ଘଣ୍ଟା ଧରି ଏହି ଟ୍ରେଣ୍ଡ ଭିତରେ ବିଶେଷକରି ସୋସିଆଲ ମିଡ଼ିଆ ଭିତରେ ଜଡ଼ିତ ରହିବା ଦ୍ୱାରା ଜଣଙ୍କର ସୃଜନଶୀଳତା କେବଳ ନଷ୍ଟ ହେଉନି ଏହାର ଗୁରୁତର ପ୍ରଭାବ ତାଙ୍କର ଜୀବନଚର୍ଯ୍ୟା ଉପରେ ପଡୁଛି। ଖାଇବା, ପିଇବା, ବସିବା-ଉଠିବା, ଅନ୍ୟ ମାନଙ୍କ ସହ ଯୋଡ଼ି ହେବା ଓ ନିଜର ତମାମର ଧରାବନ୍ଧା ରୁଟିନ ମଧ୍ୟ ବାଧା ପ୍ରାପ୍ତ ହେଉଛି। ନିଜେ ସୋସିଆଲ ମିଡ଼ିଆରେ ପଠାଇଥିବା ଟ୍ରେଣ୍ଡଟି ଲାଇକ କି କମେଣ୍ଟ ନ ଆସିଲେ ଅନେକଙ୍କ ଭିତରେ ଏପରି ବିରକ୍ତି ଓ ହତାଶ ଭାବ ସହ ଉତ୍ତେଜନା ସୃଷ୍ଟି କରିଥାଏ ଯେ ସେମାନେ ମାନସିକ ଭାରସାମ୍ୟ ମଧ୍ୟ ହରାଇଥାନ୍ତି। ତେଣୁ ଏ କ୍ଷେତ୍ରରେ ସବୁଠାରୁ ବଡ଼ କଥା ହେଉଛି ନିଜର ସମୟର ମୂଲ୍ୟାୟନ ସହ ଦୈନନ୍ଦିନ ରୁଟିନ ବନ୍ଧା ଜୀବନଟିକୁ ମଧ୍ୟ ଦେଖନ୍ତୁ। କାରଣ ଭାବ ପ୍ରବଣତାର ଅନ୍ତହୀନ ବାସ୍ତବତାକୁ ଛୁଇଁବା ଅନେକଙ୍କ ପାଇଁ କେବଳ କଷ୍ଟକର ହୋଇନଥାଏ ବରଂ ବିଶାଦ ଓ ଅବସାଦର କାରଣ ହୋଇଥାଏ। ତେଣୁ ଜଣେ ଏହିପରି ଫିୟର ଅଫ ମିସିଂ ଆଉଟ ବା ହର୍ଡ଼ ମେଣ୍ଟାଲିଟିର ଶିକାର ହୋଇଥିଲେ ପୀଡ଼ିତର ପାଖ ଲୋକମାନେ ଆଦୌ ଅଧୈର୍ଯ୍ୟ ନହୋଇ ବରଂ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ତାଙ୍କ ପାଇଁ ଏକ ଭଲ ରୁଟିନଟି ତିଆରି କରନ୍ତୁ ଏବଂ ସର୍ବୋପରି ତାଙ୍କ ସହିତ ଗଭୀର ଆତ୍ମୀୟତା ବଢ଼ାଇ କିଛି ସମୟ ଏକାଗ୍ରତାର ଲୟ ଶିଖାନ୍ତୁ। ସୋସିଆଲ ମିଡ଼ିଆକୁ ନେଇ ତାଙ୍କ ଭିତରେ ରହିଥିବା ଅହେତୁକ ଦୁର୍ବଳତାକୁ ପ୍ରଶମିତ କରିବା ପାଇଁ ପରିବାରର ଲୋକ ଓ ଆତ୍ମୀୟ ମାନଙ୍କର ଗୁରୁ ଦାୟିତ୍ୱ ରହିଛି।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ
E-mail : samratkar009@gmail.com

# ମାଲେରିଆ ଓ ଯକୃତ

## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ପ୍ରତିବର୍ଷ ବିଶ୍ୱରେ ୩.୩ ନିୟୁତ ଲୋକ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି । ୨୦୨୩ରେ ହୋଇଥିବା ଅଧ୍ୟୟନ ଅନୁଯାୟୀ ମାଲେରିଆରେ ଆକ୍ରାନ୍ତ ହୋଇ ପ୍ରତି ବର୍ଷ ୬ଲକ୍ଷ ୮୪ ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି । ଏସିଆ, ଆଫ୍ରିକ ଓ ଲାଟିନ୍ ଆମେରିକୀୟ ଦେଶଗୁଡ଼ିକରେ ମାଲେରିଆ ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ଅଧିକ । ସାଧାରଣତଃ ମଶା କାମୁଡ଼ିବା ଦ୍ୱାରା ମାଲେରିଆ ବ୍ୟାପିଥାଏ । ମଶା କାମୁଡ଼ାରୁ ବର୍ତ୍ତିବାକୁ ହେଲେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି । ମାଲେରିଆର ପ୍ରଭାବ ବୃଦ୍ଧିକୁ ଆଖି ଆଗରେ ରଖି ଚଳିତ ବର୍ଷ ମାଲେରିଆ ନିରାକରଣ ଦିଗରେ ଅଧିକ ନିବେଶ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ସମୁଦାୟକୁ ଆହ୍ୱାନ ଜଣାଇଛି ।

ମାଲେରିଆ ଜୀବାଣୁ ସ୍ପୋରୋଜୋଏଟସ୍ ମନୁଷ୍ୟ ଶରୀରକୁ ପ୍ରବେଶ କରି ପ୍ରଥମେ ଯକୃତକୁ ଆକ୍ରମଣ କରେ। ଯକୃତରେ ଥିବା ରକ୍ତନଳୀରୁ ତାହା ଯାଇ ଯକୃତ କୋଷ ଭିତରେ ପ୍ରବେଶ କରେ। ଯକୃତ କୋଷ ଭିତରେ ତାହା ବୃଦ୍ଧିପ୍ରାପ୍ତ ହୋଇ ଶରୀରର ରକ୍ତକୋଷକୁ ଆକ୍ରମଣ କରେ। ମାଲେରିଆ ଜୀବାଣୁ ଲିଭର ଭିତରେ ଥାଇ ରୋଗ ପ୍ରତିରୋଧକ ଶକ୍ତିକୁ ଅତିକ୍ରମ କରି ଲୋହିତ ରକ୍ତ କଣିକାକୁ ଆକ୍ରମଣ କରେ। ମାଲେରିଆରେ ଯକୃତ ଆକ୍ରାନ୍ତ ହେଲେ ଜଣ୍ଡିସ ହୁଏ। ରକ୍ତରେ ଲିଭର ଏନଜାଇମ୍ସ ଗୁଡ଼ିକ ବଢ଼ିଯାଆନ୍ତି। ଲୋହିତ ରକ୍ତ କଣିକା ନଷ୍ଟ ହୁଏ। ଗ୍ଲୁକୋଜ-୬ ଫସ୍‌ଫେଟ ଅଭାବ ଥିଲେ ଲୋହିତ ରକ୍ତ କଣିଆ ଆହୁରି ବେଶୀ ଭାବରେ ନଷ୍ଟ ହୁଏ। ମାଲେରିଆ ଔଷଧ ସେପ୍ଟିସିମିଆ ଓ ଡିଆଇସି ଇତ୍ୟାଦି କାରଣ ଯୋଗୁଁ ମଧ୍ୟ ଜଣ୍ଡିସ୍ ଦେଖାଦିଏ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ମାଲେରିଆ ପ୍ରବଣ ଦକ୍ଷିଣ ଏସିଆ ଅଞ୍ଚଳରେ ଏ ଘାତକ ଜ୍ୱରର ପ୍ରକୋପ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି । ବିଶ୍ୱର ସବୁଠାରୁ ଅଧିକ ମାଲେରିଆ ପ୍ରବଣ ୧୦ଟି ଦେଶ ମଧ୍ୟରୁ ଛଅଟି ଦେଶ ଏହି ଅଞ୍ଚଳରେ ଅବସ୍ଥିତ । ବିଶ୍ୱର ପ୍ରାୟ ଚଉଠେ ଲୋକ ବସବାସ କରୁଥିବା ଏ ଅଞ୍ଚଳରେ ମାଲେରିଆର ପ୍ରକୋପ ଏତେ ବେଶି ଯେ, ପ୍ରତି ଚାରିଜଣରେ ତିନିଜଣ ଏହାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ବିଗତ ଗୋଟିଏ ଦଶକ ମଧ୍ୟରେ ଦକ୍ଷିଣ ପୂର୍ବ ଏସୀୟ ଅଞ୍ଚଳରେ ମାଲେରିଆ ଆକ୍ରାନ୍ତ ଓ ମାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ଏବେ ବି ଏହା ଜୀବନ ପାଇଁ ଘାତକ ଏବଂ ଜୀବିକା ପାଇଁ ବିପଦ ହୋଇ ରହିଛି । ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ମାଲେରିଆ ପ୍ରବଣ ଦେଶ ଅପେକ୍ଷା ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏ ରିପୋର୍ଟକୁ ଅଧିକ ଗୁରୁତ୍ୱର ସହ ନେଇ ଏକ ଚେତାବନୀ ଭାବେ ବିଚାର କରୁଛି । ବିଶ୍ୱର ସର୍ବାଧିକ ମାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି । ଅନ୍ୟ ଦେଶମାନେ ଯେଉଁ, ଅନୁପାତରେ ମାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେ ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାର ସଫଳ ହୋଇପାରିନାହିଁ । ୨୦୦୦ ମସିହାରୁ ୨୦୨୦ ମଧ୍ୟରେ ନେପାଳ, ଭୁଟାନ, କୋରିଆ, ବାଙ୍ଗଲାଦେଶ, ଶ୍ରୀଲଙ୍କା ଆଦି ଦେଶମାନେ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୭୫ ପ୍ରତିଶତ ହ୍ରାସ କରିବାରେ ସଫଳ ହୋଇଛନ୍ତି । କିନ୍ତୁ ଭାରତ ଏ କ୍ଷେତ୍ରରେ ପଛରେ ପଡ଼ିଯାଇଛି । ୨୦୨୫ ଶେଷ ବେଳକୁ ଯାଇ ଭାରତ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାରେ ସମର୍ଥ ହୋଇପାରେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏ ଅଞ୍ଚଳର ଅନ୍ୟତମ ଦେଶ ମାଳଦ୍ୱୀପରେ ୧୯୮୪ରୁ ଆଉ କେହି ଜଣେ ହେଲେ ମାଲେରିଆରେ ଆକ୍ରାନ୍ତ ହୋଇ ନାହାନ୍ତି । ଶ୍ରୀଲଙ୍କା ମଧ୍ୟ ମାଲେରିଆର ସମ୍ପୂର୍ଣ୍ଣ ନିରାକରଣ ଲକ୍ଷ୍ୟ ହାସଲର ନିକଟତର । ଭାରତରେ ଏବେ ବି ମାଲେରିଆର ପ୍ରକୋପ ଭୟଙ୍କର । କେବଳ ଦୁଇଟି ରାଜ୍ୟ ଜାମ୍ମୁ-କାଶ୍ମୀର ଓ ହିମାଚଳ ପ୍ରଦେଶକୁ ଛାଡ଼ିଦେଲେ ଦେଶର ଅବଶିଷ୍ଟ ସବୁ ରାଜ୍ୟ ମାଲେରିଆ ପ୍ରବଣ । ଲୋକସଂଖ୍ୟାର ପାଖାପାଖି ୭୦ ପ୍ରତିଶତ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ହିଁ ମାଲେରିଆ ଭାରତ ପାଇଁ କେମିତି ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ତାର ସୂଚନା ଦିଏ । ପ୍ରତିବର୍ଷ ପ୍ରାୟ ୯୫ଲକ୍ଷ ଲୋକ ଦେଶର ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଏବଂ ସେଥିରୁ ପ୍ରାୟ ୪୫ ହଜାର ପୀଡ଼ିତଙ୍କ ମୃତ୍ୟୁ ହୁଏ । ଉଲ୍ଲେଖନୀୟ ହେଲା ସମଗ୍ର ବିଶ୍ୱରେ ମାଲେରିଆ ଜନିତ ବାର୍ଷିକ ମୃତ୍ୟୁ ସଂଖ୍ୟା ଯେତେ, ସେଥିରେ ଦକ୍ଷିଣ ପୂର୍ବ ଏସିଆର ଭାଗ ୯୮ ପ୍ରତିଶତ ଏବଂ ସମଗ୍ର ଦକ୍ଷିଣ ପୂର୍ବ ଏସିଆର ମାଲେରିଆରେ ଯେତିକି ମୃତ୍ୟୁ ହୁଏ ସେଥିରେ ଭାରତର ଭାଗ ୩୮ ପ୍ରତିଶତ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାହା ରିପୋର୍ଟ ଅନୁଯାୟୀ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ମାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଉଛି । କ୍ରମଶଃ ଦେଶର ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳ ଅଧିକ ମାଲେରିଆ ପ୍ରବଣ ହୋଇପଡୁଛି । ଅନିୟନ୍ତ୍ରିତ ସହରୀକରଣ ଏବଂ ଯୋଜନା ବିହୀନ ଶିଳ୍ପାୟନ ଯୋଗୁଁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ । ଫଳରେ ଅନେକ ସ୍ଥାନରେ ଦୂଷିତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି । ଏହା ହିଁ ମଶା ବଂଶ ବୃଦ୍ଧିର କାରଣ ହୋଇ ମାଲେରିଆ ସଂକ୍ରମଣର ଆଶଙ୍କାକୁ ବୃଦ୍ଧି କରୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଆଉ ଏକ ସତର୍କ ସଙ୍କେତ । ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘ ବର୍ଷ ହେଲା ଜାତୀୟ ସ୍ତରରେ ମାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଇପ୍‌ସିତ ସୁଫଳ ମିଳି ନାହିଁ । ମାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି । ଅବଶ୍ୟ ସବୁ ରୋଗର ନିୟନ୍ତ୍ରଣ ପରି ମାଲେରିଆର ମୁକାବିଲା ପାଇଁ ମଧ୍ୟ ସରକାରୀ ଅଭିଯାନ ଅପେକ୍ଷା ଜନସଚେତନତା ଉନ୍ନତ ପରିମଳ ବ୍ୟବସ୍ଥା ଅଧିକ ଆବଶ୍ୟକ ।

ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ଶନିବାର, ୨୬ ଏପିଲ, ୨୦୨୫




## ଧୂମୂଛାଇ ସମିତିସଭ୍ୟ ନିର୍ବାଚନ ଫଳାଫଳ ; ବିଜେପି ସମର୍ଥୀତ ପ୍ରାର୍ଥୀଙ୍କ ବାଜିମାତ୍

ବେଲଗୁଣ୍ଠା, (ମହାଭାରତ) : ବୁଧବାର ବେଲଗୁଣ୍ଠା ବ୍ଲକ୍ ଧୂମୂଛାଇ ପଂଚାୟତର ସମିତିସଭ୍ୟ ପଦବୀ ପାଇଁ ଉପନିର୍ବାଚନ ହୋଇଥିବା ବେଳେ ଆଜି ଭୋଟ୍ ଗଣତି କରାଯାଇ ଫଳାଫଳ ପ୍ରକାଶ କରାଯାଇଛି ଓ ଫଳାଫଳ ବିଜେପି ସମର୍ଥିତ ପ୍ରାର୍ଥୀଙ୍କ ସପକ୍ଷରେ ଯାଇଛି । ବିଜେପି ସମର୍ଥିତ ପ୍ରାର୍ଥୀ ଶ୍ୟାମ ସୁନ୍ଦର ନାୟକ ବିଜେଡି ସମର୍ଥିତ ପ୍ରାର୍ଥୀ ବିନୋଦିନୀ ନାୟକଙ୍କୁ ହରାଇ ଏହି ଉପନିର୍ବାଚନରେ ବିଜୟ ହାସଲ କରିଛନ୍ତି ଓ ବୁଧବାର ନିର୍ବାଚନ ସରିବା ପରେ ବାଲାଟ୍ ବକ୍ସଗୁଡିକୁ କଡ଼ା ସୁରକ୍ଷା ବଳୟ ଭିତରେ ଆଣି ବ୍ଲକ୍ କାର୍ଯ୍ୟାଳୟର ଷ୍ଟ୍ରଙ୍ଗ୍ ରୁମରେ ରଖାଯାଇଥିଲା । ଆଜି ପୂର୍ବ ପ୍ରସ୍ତୁତି ମୁତାବକ ସକାଳ ଆଠ ଘ[ା ଠାରୁ ଗଣତି ଆରମ୍ଭ ହୋଇ ମଧ୍ୟାହ୍ନ ବାର ଘ[ା ପର୍ଯ୍ୟନ୍ତ ପା* ରାଉଣ୍ଡରୁ ଗଣତିରେ କରାଯାଇ ଫଳାଫଳ ପ୍ରକାଶ ପାଇଥିଲା ଓ ପ୍ରଥମ ରାଉଣ୍ଡରୁ ହିଁ ବିଜେପି ପ୍ରାର୍ଥୀ ଶ୍ୟାମ ସୁନ୍ଦର ନାୟକ ବିଜେଡ଼ି ପ୍ରାର୍ଥୀ ବିନୋଦିନୀଙ୍କ ଠାରୁ ଆଗୁଆ ରହି ତାଙ୍କ ଠାରୁ ୮୩୪ ଖଣ୍ଡ ଭୋଟ୍ ଅଧିକ ପାଇ ବିଜୟ ଲାଭ କରିଥିଲେ । ଏହି ନିର୍ବାଚନ ପ୍ରକ୍ରିୟାରେ ବେଲଗୁଣ୍ଠା ବିଡ଼ିଓ ବିଜୟ କୁମାର ପ୍ରଧାନ ନିର୍ବାଚନ ଅଧିକାରୀ ରୂପେ ଦାୟିତ୍ୱ ତୁଲାଇଥିବା ବେଳେ ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ରହିଥିଲେ । ଭଞ୍ଜନଗରରେ ଅତିରିକ୍ତ ଏସ୍.ପି ରଞ୍ଜନ କୁମାର ଦେ, ଏସଡ଼ିପିଓ ସୁଜିତ୍ କୁମାର ନାୟକ,ଭଞ୍ଜନଗର ଥାନା ଅଧିକାରୀ ଜୀବନାନନ୍ଦ ଜେନା, ଗାଙ୍ଗପୁର ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ,ବେଲଗୁଣ୍ଠା ଥାନା ଅଧିକାରୀ ବନ ବିହାରୀ ପ୍ରଧାନ, ଜଗନ୍ନାଥପ୍ରସାଦ ଥାନା ଅଧିକାରୀ ପ୍ରମୋଦ କୁମାର ଲେଙ୍କା, ବୁଗୁଡା ଥାନା ଅଧିକାରୀ ସୀତାଂଶୁ ଶେଖର୍ ମାନ୍ଧାତାଙ୍କ ସମେତ ପୋଲିସ୍ ବାହିନୀ ଆଇନ୍ ଶୃଙ୍ଖଳା ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଥିଲେ । ଶ୍ୟାମ ସୁନ୍ଦରଙ୍କ ବିଜୟ ପରେ ବିଜେପି ନେତା ଓ କର୍ମୀ ବାଣ ଫୁଟାଇ ଏବଂ ପରସ୍ପରକୁ ମିଠା ଖୁଆଇ ଖୁସି ମନାଇଥିବା ବେଳେ ବିଜେଡ଼ି ମହଲରେ ନିରାଶା ଖେଳି ଯାଇଛି ।

## ବିବାହିତା ମହିଳାଙ୍କ ଆତ୍ମହତ୍ୟା

କପ୍ତିପଦା, (ମହାଭାରତ) : କପ୍ତିପଦା ବ୍ଲକ ନୁଦଡିହା ପ*ାୟତ ପିଙ୍ଗୁ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ନୁଦଡିହା ପ*ାୟତ ପିଙ୍ଗୁ ଗ୍ରାମର ଏକ ବିବାହିତା ମହିଳା ଗତକାଲି ବିଳମ୍ବିତ ରାତିରେ ବେକରେ ଶାଢ଼ୀ ଗୁଡ଼ାଇ ଏକ ଗଛରେ ଆତ୍ମହତ୍ୟା କରିଛନ୍ତି । ପିଙ୍ଗୁ ଗ୍ରାମର କରୁଣାକର ସୁରଲିଆ ଙ୍କ ସ୍ତ୍ରୀ ଗୀତାଞ୍ଜଳି ସୁରଲିଆ (୩୪) ଗତକାଲି ବିଳମ୍ବିତ ରାତିରେ ଶାଢ଼ୀ ଦ୍ୱାରା ଏକ ଗଛରେ ଆତ୍ମହତ୍ୟା କରିଛନ୍ତି । ଖବର ପାଇ ନୁଦଡିହା ଫାଣ୍ଡି ଅଧିକାରୀ କ୍ଷୀରୋଦ ଚନ୍ଦ୍ର ପାତ୍ର ଘଟଣା ସ୍ଥଳରେ ପହଁ* ମୃତ ଦେହକୁ ଜବଦ କରି ଉଦଳା ଡାକ୍ତରଖାନାକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି । ଏ ସମ୍ପର୍କରେ କପ୍ତିପଦା ଥାନାରେ ଏକ ଅପମୃତ୍ୟୁ ମାମଲା କେଶ ନମ୍ବର ୯ ରେ ରୁଜୁ କରିଛନ୍ତି ।


## ବିବାହିତା ମହିଳାଙ୍କ ଆତ୍ମହତ୍ୟା

କପ୍ତିପଦା, (ମହାଭାରତ) : କପ୍ତିପଦା – କପ୍ତିପଦା ବ୍ଲକ ନୁଦଡିହା ପ*ାୟତ ପିଙ୍ଗୁ ଗ୍ରାମେର ଏକ ଅଭାବନୀୟ ଘଟଣା ଘଟିଯାଇଛି । ନୁଦଡିହା ପ*ାୟତ ପିଙ୍ଗୁ ଗ୍ରାମର ଏକ ବିବାହିତା ମହିଳା ଗତକାଲି ବିଳମ୍ବିତ ରାତରେ ବେକେର ଶାଢ଼ୀ ଗୁଡ଼ାଇ ଏକ ଗଛେର ଆତ୍ମହତ୍ୟା କରିଛନ୍ତି । ପିଙ୍ଗୁ ଗ୍ରାମର କରୁଣାକର ସୁରଲିଆ ଙ୍କ ସ୍ତ୍ରୀ ଗୀତାଞ୍ଜଳି ସୁରଲିଆ (୩୪) ଗତକାଲି ବିଳମ୍ବିତ ରାତରେ ଶାଢ଼ୀ ଦ୍ୱାରା ଏକ ଗଛେର ଆତ୍ମହତ୍ୟା କରିଛନ୍ତି । ଖବର ପାଇ ନୁଦଡିହା ଫାଣ୍ଡି ଅଧିକାରୀ କ୍ଷୀରୋଦ ଚନ୍ଦ୍ର ପାତ୍ର ଘଟଣା ସ୍ଥଳେର ପହଁ* ମୃତ ଦେହକୁ ଜବଦ କରି ଉଦଳା ଡାକ୍ତରଖାନାକୁ ଶବ ବ୍ୟବେଚ୍ଛଦ ପାଇଁ ପଠାଇଛନ୍ତି । ଏ ସମ୍ପକର୍େ କପ୍ତିପଦା ଥାନେର ଏକ ଅପମୃତ୍ୟୁ ମାମଲା କେଶ ନମ୍ବର ୯ ରେ ରୁଜୁ କରିଛନ୍ତି ।


## ମା' ଦୁଆରଶୁଣିଙ୍କ ମନ୍ଦିରରୁ ଦିତୀୟ ଥର ଚୋରି

ହାଟଡିହି, (ମହାଭାରତ) : ଗୋବିନ୍ଦପୁର ଗାଁ ର ଆରାଧ ଦେବୀ ମା ଦୁଆର ଶୁଣି । ଗତ କାଲି ବିଳମ୍ବିତ ରାତିରେ ମନ୍ଦିର ସାଉଣ୍ଡ ମେସିନି ଚୋରି ହୋଇଥିବା ଦେଖିବାକୁ ମିଳିଛି । ହଦଗଡ଼ ରାସ୍ତା ଶେଲଫି ପ୍ଏ[ ନିକଟରେ ଅବସ୍ଥିତ ମା ଦୁଆର ଶୁଣି ଙ୍କ ମନ୍ଦିର । ପୂର୍ବରୁ ଏହି ମନ୍ଦିର ଜିନିଷ ପତ୍ର ନେଇ ଯିବାକୁ ଆକ୍ରମଣ କରି ଥିଲେ ଦୂର୍ବୃତ୍ତ । ପୂର୍ବରୁ ମନ୍ଦିର ଚାବି ଭାଙ୍ଗି ଜିନିଷ ପତ୍ର ନେଇଯାଉଥିବା ବେଳେ ପୁନଃ ଗତ କାଲି ରାତିରେ ମା ଙ୍କ ସାଉଣ୍ଡ ମେସିନ ଟିକୁ କେହି ମନ୍ଦିର ର ଚାବି ଭାଙ୍ଗି ନେଇ ଯାଇଛନ୍ତି । ଯାହାକୁ ନେଇ ମା ଦୁଆର ଶୁଣି କମିଟି ସମସ୍ତ ସଦସ୍ୟ ମାନେ ଦୁଃଖ ପ୍ରକାଶ କରିଥିଲେ ସୁଦ୍ଧା ବାର ମ୍ବାର ଏହି ମନ୍ଦିର ଟିରୁ ଜିନିଷ ଗୁଡ଼ିକ ଚୋରି କରି ନେଉଥିବାରୁ ଗ୍ରାମବାସୀ ମାନଂକ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି । ଏହି ଘଟଣାକୁ ନେଇ ଗୁରୁବାର ସନ୍ଧ୍ୟା ରେ ମନ୍ଦିର କମିଟି ଦ୍ୱାରା ଆଲୋଚନା କରା ଯାଇ ଦୃଢ଼ ନିନ୍ଦା ମଧ୍ୟ କରାଯାଇଛି । କାହିଁକି ଓ କିଏ ଏପରି ବାରମ୍ବାର ଏହି । ମନ୍ଦିର ଜିନିଷ ଗୁଡ଼ିକ ଚୋରି କରି ନେଉଥିବାରୁ ପୋଲିସ ମଧ୍ୟ ଏହି ଘଟଣା ଗୁଡ଼ିକୁ ସେମିତି ଗୁରୁତର ସହ ନନେଇ ହାଲକା ରେ ନେଉଥିବାରୁ ଏପରି ହାଟଡିହିର ଅନ୍ୟ ମନ୍ଦିର ମାନଙ୍କ ରେ ଚୋରି ଦୃତ ଗତିରେ ହେବାସହ ଗ୍ରାମା*ଳରେ ବଢିବ ବୋଲି ଗ୍ରାମବାସୀ ମାନେ କହିଛନ୍ତି ।

## ସଂକୁଳ ସ୍ତରୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦଯାପିତ

ଅସ୍ତରଙ୍ଗ, (ମହାଭାରତ) : ଆଧୁନିକତା ଭିତରେ ବୌଦ୍ଧିକ ମାନଦଣ୍ଡ କୁ ପ୍ରତିଷ୍ଠା କରିବା ଯାହାର ବିଶେଷ ଲକ୍ଷ, ସେହିଭଳି ଏକ ସ୍ୱତନ୍ତ୍ର ଅନୁଷ୍ଠାନ ସରସ୍ୱତୀ ଶିଶୁମନ୍ଦିର, ଏହି ନୈତିକତାକୁ ଦୃଷ୍ଟିରେ ରଖି ଏହାର ମୂଲ୍ୟବୋଧ କୁ ସୁଦୃଢ କରିବା ଉଦ୍ଦେଶ୍ୟରେ ଭାରତୀୟ ଜାତୀୟ ଶିକ୍ଷାନୀତି –୨୦୨୦ ଆଧାର ରେ ଏକ ୪ ଦିନିଆ ପ୍ରଶିକ୍ଷଣ ଶିବିର ଅସ୍ତରଙ୍ଗ କୁଅଁରପୁର ସ୍ଥିତ ସରସ୍ୱତୀ ଶିଶୁମନ୍ଦିର ପରିସରରେ ରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ଗତ ୨୧ ତାରିଖ ସୋମବାର ଦିନ ଉଦ୍ଘାଟନ ହୋଇଥିବା ବେଳେ ୨୪ ତାରିଖ ଗୁରୁବାର ଦିନ ମହାଆଡମ୍ବର ରେ ଉଦଯାପନ ହୋଇଛି, ଏହା କାକଟପୁର ସଂକୁଳ ସ୍ତରୀୟ କାର୍ଯ୍ୟକ୍ରମ ହୋଇଥିବା ବେଳେ ଏହି ପ୍ରଶିକ୍ଷଣ ରେ କାକଟପୁର ସଂକୁଳ ସ୍ତରୀୟ ଅସ୍ତରଙ୍ଗ, ଓଥକା, ଆମ୍ବପଡା, ବାଲିଦୋକାନ, କାକଟପୁର ଓ ଯୋଗେଶ୍ୱରପୁର ସମୁଦାୟ ୬ ଗୋଟି ଶିଶୁମନ୍ଦିର ର ଆଚାର୍ଯ୍ୟ ଓ ଆଚାର୍ଯ୍ୟାଙ୍କ ସମେତ ପ୍ରଧାନଆଚାର୍ଯ୍ୟ ମାନେ ଯୋଗ ଦେଇଛନ୍ତି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟତଃ ଆଧ୍ୟାତ୍ମିକ ତତ୍ତ୍ୱ ଭିତରେ ଶିକ୍ଷା ର ମାନ ବିକାଶ କରିବା ସହିତ ବୌଦ୍ଧିକ ମୂଲ୍ୟବୋଧତା କୁ ଶିକ୍ଷା ନୀତି ରେ କିପରି ନୂତନ ସମାଜ ଓ ସୁସ୍ଥ ସମାଜ ଗଠନ ରେ ଭବିଷ୍ୟତ ନିର୍ମାଣ କରାଯିବ ତାହାକୁ ଗୁରୁତ୍ୱ ଦିଆଯାଇ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ମାନଙ୍କ ଭିତରେ ଏକ ଶିକ୍ଷା ଓ ପ୍ରଶିକ୍ଷଣ କରାଯାଇ ସେମାନଙ୍କୁ ଆଧୁନିକତା ଭିତରେ ପ୍ରାଚୀନ ପରମ୍ପରା ଓ ସଭ୍ୟତା କୁ ପୁନଃଜୀବିତ କରାଯାଇପାରିବ ସେଇ ଉଦ୍ଦେଶ୍ୟରେ ଏହି ପ୍ରଶିକ୍ଷଣ ରେ ସ୍ୱତନ୍ତ୍ର ଅତିଥି ମାନଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯାଇଛି । ବ୍ରହ୍ମମୁହୂ□ ରେ ଶଯ୍ୟାତ୍ୟାଗ କରି ପ୍ରାତଃକ୍ରିୟା କରାଯାଇ ପ୍ରାତଃସ୍ମରଣ ସହିତ ପାର୍ଥନା ହୋଇଛି, ଏହା ସହ ସକାଳ ୮ ଘଟିକା ୩୦ ମିନିଟ ଠାରୁ ରାତ୍ର ୮:୩୦ ମିନିଟ ଭିତରେ ସମୁଦାୟ ୬ ଗୋଟି କାଳାଂଶ ରେ ଆଧ୍ୟାତ୍ମିକ ତତ୍ତ୍ୱ ଓ ପାରମ୍ପରିକ ଶିକ୍ଷା ନୀତି ଉପରେ ବରିଷ୍ଠ ଶିକ୍ଷାବି□ ମାନଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯାଇଛି । ଆଜି ଏହି କାର୍ଯ୍ୟକ୍ରମରେ ଉଦଯାପନୀ ୍ୱ ସମାରୋପ ଦିବସ ପାଳିତ ହୋଇଛି । ଏହି ଦିବସରେ ସଂକୁଳ ପ୍ରମୁଖ ସୁରେନ୍ଦ୍ର କୁମାର ମାଣିକ, ସଂକୁଳ ସଂଯୋଜକ ତନ୍ମୟ କୁମାର ପାତ୍ର, ଅସ୍ତରଙ୍ଗ ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ପରିଡା, ଶିଶୁବାଟିକା ପ୍ରମୁଖ ତଥା କ୍ଷେତ୍ର ସଙ୍ଗୀତ ସଂଯୋଜକ ପି. ମୋହନ ରାଓ ପାତ୍ର ଓ ସହ ଜିଲ୍ଲା ପ୍ରମୁଖ ଦୀନବନ୍ଧୁ ତ୍ରିପାଠୀଙ୍କ ସମେତ ୬ ଗୋଟି ସଂକୁଳ ସ୍ତରୀୟ ଶିଶୁମନ୍ଦିର ର ପ୍ରଧାନ ଆଚାର୍ଯ୍ୟଙ୍କ ସମେତ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ଅନେକ ବରିଷ୍ଠ ଶିକ୍ଷାବି□ ମାନେ ଉପସ୍ଥିତ ରହିଥିଲେ । ମଧ୍ୟାହ୍ନ ସମୟ ରେ ସମାରୋପ ଦିବସ ପାଳନ ହୋଇ ଭୋଜନ ଓ ପରିଶେଷରେ ଆସିଥିବା ଅତିଥି ମାନଙ୍କୁ ସ୍ୱାଗତ ସ୍ୱରୂପ ବିଦାୟ ଦିଆଯାଇଛି ।

## ଗ୍ରାମବାସୀଙ୍କ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ରାଇରଙ୍ଗପୁର, (ମହାଭାରତ) : ଚିର ଅବହେଳିତ ହୋଇଥିବା ରାଇରଙ୍ଗପୁର ସହରକୁ ଡବଲ ଇଞ୍ଜିନ ସରକାର ଆସିବାପରେ ଏବଂ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଂଚଳ ହୋଇଥିବାରୁ କୋଟି କୋଟି ଟଙ୍କାର ପ୍ରକଳ୍ପର ସୁଅ ଛୁଟିଛି ।ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଆବଶ୍ୟକ । ତେଣୁ ସରକାର ସରକାର ଜମି ଅଧିଗ୍ରହଣ ନେଇ ସରକାରୀ ଖାତାରେ ଥିବି ଜମିକୁ ନିଜ ଖାତାକୁ ଆଣିବାକୁ ଚେଷ୍ଟା କରୁଛନ୍ତି । ତେଣୁ ବିଭିନ୍ନ ସରକାରୀ ଜମିରେ ଥିବା ଦଖଲରେ ଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ନୋଟିସ ଜାରି କରିଛନ୍ତି । ରାଇରଙ୍ଗପୁର ପୌରା*ଳର ବାଇଦାପୋଷୀ ଗ୍ରାମ ୨ ନମ୍ବର ୱାର୍ଡରେ ନୂତନ ଷ୍ଟାଡିୟମ, ଆଦିବାସୀ ସଂସ୍କୃତି ଗୃହ ଭଳି ବିଭିନ୍ନ ପ୍ରକଳ୍ପ ପାଇଁ ସରକାରୀ ଜମି ଉଚ୍ଛେଦ ଅଭିଯାନ ଦେଢ଼ମାସ ହେଲା ଆରମ୍ଭ କରି ବହୁ ଘର ବୁଲଡୋଜର ଲଗାଇ ଭାଙ୍ଗିଦେବା ସହ ଜମି ଅଧିଗ୍ରହଣ କରିଚାଲିଛନ୍ତି । ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରୁଛନ୍ତି । ତେଣୁ ଆଜି ବାଇଦାପୋଷୀ ଗ୍ରାମବାସୀ ଶତାଧିକ ପୁରୁଷ ଓ ମହିଳାମାନେ ରାଇରଙ୍ଗପୁର ମୁର୍ମୁ ଛକରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରାରେ ଆସି ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ । ସରକାର ଘରଭଙ୍ଗା ବନ୍ଦକର, କ୍ଷତିଗ୍ରସ୍ତ ପରିବାରଙ୍କୁ ନୂତନ ଗୃହ ଦିଅ । ଉପଜିଲ୍ଲାପାଳ ଶ୍ରୀ ସୌମ୍ୟରଂଜନ ପ୍ରଧାନଙ୍କୁ ବାଇଦାପୋଷୀ ଗ୍ରାମର ପ୍ରାକ୍ତନ କଂଗ୍ରେସ ବିଧାୟକ ଶ୍ୟାମ ଚରଣ ହାଁସଦା , ବିଜେଡି କାଉନସିଲର ସୁକଦେବ ବେହେରା ପ୍ରମୁଖ ଉପଜିଲ୍ଲାପାଳଙ୍କୁ ଭେଟି କହିଥିଲେ ବିକାଶ ପଛରେ ଆମେ ଅଛୁ । କିନ୍ତୁ ଯେତିକି ଆବଶ୍ୟକ ସେତିକି ସରକାର ଜମି ନିଅନ୍ତୁ ଅନ୍ୟଥା ଦିର୍ଘ ବର୍ଷ କରି ରହି ଆସୁଥିବା ଲୋକଙ୍କ ଘର ନଷ୍ଟ କରି ବେଘର ନ କରନ୍ତୁ । ସରକାର କ୍ୱେଳ ବାଇଦାପୋଷୀ ୨ ନମ୍ବର ୱାର୍ଡରେ ପ୍ରକଳ୍ପ ନାମରେ ଉଚ୍ଛେଦ କରାଉଛନ୍ତି ।ଅନ୍ୟ ୧୪ ଟି ୱାର୍ଡରେ ସରକାରୀ ଜମି ଅଛି । ସେଠାରେ ସରକାରୀ ଜମି ଦଖଲ କରି ପ୍ରକଳ୍ପ ଗୁଡ଼ିକ ଭାଗ ଭାଗ କରି ପ୍ରତିଷ୍ଠା କରନ୍ତୁ ବୋଲି ଅସନ୍ତୋଷ ଓ କାନ୍ଦ କାନ୍ଦ ମୁହଁରେ ପିଡିତା ପରିବାର କହିଥିଲେ । ତୁରନ୍ତ ସରକାର ଜନମାରଣନୀତି ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ । ତଦସହ ଉପଜିଲ୍ଲାପାଳଙ୍କ ଦ୍ୱାରା ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଦାବିପତ୍ର ପ୍ରଦାନଦେବାସହ ତୁରନ୍ତ ହସ୍ତକ୍ଷେପ ପାଇଁ ଅନୁରୋଧ କରିଥିଲେ । ଗ୍ରାମବାସୀମାନେ ଶାନ୍ତିଶୃଙ୍ଖଳା ର ସହ ଦିର୍ଘ ୩ ଘ[ା ଧରି ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ରବଳ ଗ୍ରୀଷ୍ମକୁ ଖାତିର ନ କରି ୪୨ ଡାଗ୍ରୀ ଟେମ୍ପେରେଚରରେ ବସି ରହିଥିଲେ ।ପରେ ସେମାନେ ରାଇରଙ୍ଗପୁର ପୌରପାଳିକା କୁ ଯାଇ ଅଧକ୍ଷ ଅଭିଷେକ ପଟ୍ଟନାୟକଙ୍କୁ ସେମାନଙ୍କ ଗୁହାରି ଜଣାଇଥିଲେ । ଅଧକ୍ଷ ମଧ ପ୍ରଶାସନ ସେମାନଙ୍କ ସହ ଆଲୋଚନା ନ କରି ଉଚ୍ଛେଦ କରାଇବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ ।

## ବ୍ଲକସ୍ତରୀୟ ମଶାରୀ ବ[ନ

ଜୁନାଗଡ, (ମହାଭାରତ) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଅ*ଳରେ ମ୍ୟାଲେରିଆ ମୁକ୍ତ କରି ସୁସ୍ଥ ବାତାବରଣରେ ଲୋକେ ଜ୍ୱୀନ ଯାପନ କରିବା ହେଉଛି ମଶାରୀ ବ[ନ କାର୍ଯ୍ୟକ୍ରମର ମୁଖ୍ୟ ଉଦେଶ୍ୟ ବୋଲି କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ କଲେଇଗାଁ ପ*ାୟତର କୁଲିହାରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବ୍ଲକ ସ୍ତରୀୟ ମଶାରୀ ବ[ନ କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ବ୍ଲକ ସ୍ତରୀୟ ମଶାରୀ ବ[ନ କାର୍ଯ୍ୟକ୍ରମରେ କଲେଇଗାଁ ସରପ* ମଳୟ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟବକ୍ତା ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଭଗବାନ ପଣ୍ଡା, ସମ୍ମାନୀତ ଅତିଥି ଭାବେ ବିସିସି ବ୍ୟାଙ୍କ ସଭାପତି ଗିରିଶଚନ୍ଦ୍ର ବେହେରା , ଚାଷୀନେତା ଲକ୍ଷ୍ମଣ ରଣବିର, ପରମାନନ୍ଦ ପୁଝାରି, ଅନ୍ତରାମ ବାଗ, ସମାଜସେବୀ ପ୍ରଶାନ୍ତ ନାଏକ ପ୍ରମୁଖ ଉଦବୋଧନ ଦେଇଥିଲେ । ପରେ ଜନସାଧାରଣଙ୍କୁ ଅତିଥି ମାନଙ୍କ ଦ୍ୱାରା ମଶାରୀ ବ[ନ କରାଯାଇଥିଲା

## * ବିଜେପି ସରକାରରେ ଓଡ଼ିଆ ଅସ୍ମିତା ଧୋକା ଖାଇଗଲା *

ନୂଆଗଡ, (ମହାଭାରତ) : ଆମ ମାତୃଭାଷା ହେଉଛି ଓଡ଼ିଆ । ଏହି ଓଡ଼ିଆ ଭାଷା ପାଇଁ ଆମେ ସବୁ ଗର୍ବିତ । ଇତିହାସ ସାକ୍ଷୀ ଅଛି ଆମ ଓଡ଼ିଆ ଭାଷା ଓ କଳା କୁ ବ*ାଇ ରଖିବା ପାଇଁ ଆମ ପୂର୍ବଜ ମାନେ ନିଜକୁ କେତେ ବଳିଦାନ ଦେଇଛନ୍ତି । କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଏକ ସୁନ୍ଦର ଲେଖା 'ମାତୃଭୂମି ମାତୃଭାଷାରେ ମମତା ଯା ଦେହେ ଜନମୀ ନାହିଁ ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନେ ରହିବେ ନାହିଁ ' ଏହି ଉକ୍ତିରୁ ହିଁ ଧରା ପଡୁଛି ସେତେବେଳରୁ ହିଁ ନିଜ ମାତୃଭାଷା ପ୍ରତି ଲୋକେ କେତେ ଭାବାବେଗ ଥିଲେ । ବହୁ କବି ମାନଙ୍କର ବଳିଦାନରେ ୧୯୩୬ ଏପ୍ରିଲ ୧ ରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଲା ଏବଂ ୨୦୨୪ ଓଡିଶାର ସାଧାରଣ ନିର୍ବାଚନ ସାକ୍ଷୀ ଅଛି । ଓଡ଼ିଆ ଅସ୍ମିତାର ପ୍ରତିଶ୍ରୁତି ଦେଇ ଦୀର୍ଘ ୨୫ ବର୍ଷର ବିଜେଡି ସରକାରକୁ ଧୂଳିସାତ କରି ଓଡ଼ିଶାରେ ବିଜେପି ସରକାର ଗଠନ




କଲା । ଏଥିରୁ ଜଣା ପଡୁଛି ଓଡ଼ିଆ ଭାଷା ଓ ଅସ୍ମିତା ପାଇଁ ଓଡ଼ିଆ ଲୋକଙ୍କର କେତେ ଭଲପାଇବା ରହିଛି । କିନ୍ତୁ ବିଜେପି ସରକାରରେ ଦିନକୁ ଦିନ ଓଡ଼ିଆ ଅସ୍ମିତାର ବ୍ୟତିକ୍ରମ ଦେଖିବାକୁ ମିଳୁଛି । ଯେକୌଣସି ବି ସରକାରୀ କାର୍ଯ୍ୟାଳୟ ପ*ାୟତଠୁ ଆରମ୍ଭକରି ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତେ ଯଦି କୌଣସି ବାର୍ତ୍ତା, ଶୁବେଚ୍ଛା କିମ୍ବା ସରକାରୀ କାର୍ଯ୍ୟକ୍ରମ ଗୁଡିକୁ ଲୋକମାନଙ୍କର ପାଖରେ ପହ*ାଇବା ପାଇଁ ସାମାଜିକ ଗଣମାଧ୍ୟମ ଏକ୍ସ (ଢ) ଉପରେ ନିର୍ଭର କରିଥାନ୍ତି କିନ୍ତୁ ଗଜପତି ଜିଲ୍ଲା ନୂଆଗଡ ବ୍ଲକ ଆତରସିଂ ପ*ାୟତରେ ଓଡ଼ିଆ ଅସ୍ମିତାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଆଜି ହେଉଛି ଜାତୀୟ ପ*ାୟତିରାଜ ଦିବସ । ସେହି ପରିପେକ୍ଷୀରେ ଆଜି ଏହି ପ*ାୟତ କାର୍ଯ୍ୟାଳୟ ଠାରେ ପ*ାୟତିରାଜ ଦିବସ ଉପରେ ଏକ ସ୍ୱତନ୍ତ୍ରସଭା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯାହାକୁ କି ପ*ାୟତ କାର୍ଯ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମର ଫୋଟ ସହ କିଛି ଲେଖି ନିଜ କାର୍ଯ୍ୟାଳୟର ଅଫିସିଆଲ ଆକାଉ[ରେ ଏକ୍ସ (ଢ)ପୋଷ୍ଟ କରାଯାଇଥିଲା । କିନ୍ତୁ ସବୁଠାରୁ ଦୁଃଖର କଥା ହେଲା ଲେଖାର କୌଣସି ଅର୍ଥହିଁ ନଥିଲା । ଲେଖା ସବୁ ଭୁଲ ଥିଲା । ଇଏ କଣ ଓଡ଼ିଆ ଅସ୍ମିତା ପ*ାୟତ ପକ୍ଷରୁ ଏଭଳି ଭୁଲ ଲେଖାକୁ ନେଇ ଅଂଚଳର ବୁଦ୍ଧିଜୀବୀ ମହଲରେ ଦୃଢ ନିନ୍ଦା କରାଯାଇଛି ।

## ଜଳଛତ୍ର ଉଦଘାଟିତ

ଦାନଗଦି/କଳିଙ୍ଗନଗର, (ମହାଭାରତ) : ପ୍ରଚଣ୍ଡ ଖରା ସହିତ ଅସହ୍ୟ ଗୁଳୁଗୁଳି ପାଇଁ ଲୋକଙ୍କୁ ଯାତାୟାତ ରେ ବହୁ ହଇରାଣ ହେବାକୁ ପଡୁଛି । ଯାହା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ଛକ ଛକ ରେ ଜଳଛତ୍ର କରାଯାଇଥିବା ଦେଖିବାକୁ ମିଳିଥାଏ । ଯାହା କୁ ନେଇ ଆଜି ତଥା ଗୁରୁବାର ୨୪ ଏପ୍ରିଲ ପ*ାୟତିରାଜ ଦିବସ ରେ ଯାଜପୁର ଜିଲ୍ଲା କଳିଙ୍ଗନଗର ରେ ଥିବା ଭିସା ଗ୍ରୁପ ପକ୍ଷରୁ ଦୁଇଟି ସ୍ଥାନରେ ଜଳଛତ୍ର ଉଦ୍ଘାଟନ କରିଥିବା ଦେଖିବାକୁ ମିଳିଛି । ପ୍ରଥମ ଟି ଦାନଗଦି ମିଲେଟାରି ଛକ ଓ ଅନ୍ୟ ଟି ଦାନଗଦି ବ୍ଲକ ସମ୍ମୁଖରେ ଉଦ୍ଘାଟନ ହୋଇଥିବା ବେଳେ ଏହି ଜଳଛତ୍ର କୁ ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ଙ୍କ ପ୍ରତିନିଧି ପ୍ରଶାନ୍ତ ରାୟ, ଦାନଗଦି ବ୍ଲକ ମଣ୍ଡଳ ଅଧିକାରୀ ପ୍ରଦୀପ ସେଠୀ, ସମାଜସେବୀ ପ୍ରତାପ ଧୀର, ସୁଧାଂଶୁ ଭଞ୍ଜ,୧୦ ନମ୍ବର ଜୋନ୍ ମଣ୍ଡଳ ସଭାପତି..,୨୩ ପ*ାୟତ ର ଏକାଧିକ ସରପ* ଓ ସମିତି ସଭ୍ୟ ଙ୍କ ସହିତ ବହୁ ମହିଳା ପୁରୁଷ ଉପସ୍ଥିତ ଥିବା ଦେଖିବାକୁ ମିଳିଛି । ଭିସା ଗ୍ରୁପ ପକ୍ଷରୁ ଆସନ୍ତା ଦୁଇ ମାସ ପର୍ଯ୍ୟନ୍ତ ପ୍ରତିଦିନ ଜଳଛତ୍ର ରେ ଜଳ ଶୋଷିଲା ଲୋକ ଙ୍କୁ ଦେବା ପାଇଁ ସୂଚନା ମିଳିଛି । ଏହି ଜଳଛତ୍ର ଉଦ୍ଘାଟନ କରିଥିବା ବେଳେ ଦାନଗଦି ବ୍ଲକ ବିଡ଼ିଓ ଓ ରାୟ ବାବୁ ଭିସା ଗ୍ରୁପ ପକ୍ଷରୁ ଏପରି କାର୍ଯ୍ୟ କୁ ପ୍ରଶଂସନୀୟ ଓ ଉ□ମ କାର୍ଯ୍ୟ ବୋଲି ଭିସା ଗ୍ରୁପ କୁ ଓ ଆୟୋଜନ କରିଥିବା ଠିକାଦାର ଙ୍କୁ ଧନ୍ୟବାଦ ଦେଇଥିବା ଦେଖିବାକୁ ମିଳିଛି । ଠିକ୍ ସେହିପରି ଅନ୍ୟ ଜଳଛତ୍ର କୁ ବାବୁଲି ନାଟିଆ ଓ ପଙ୍କପାଳ ସରପ* ଙ୍କ ଉପସ୍ଥିତି ରେ ଆରମ୍ଭ କରାଯାଇଥିବା ଦେଖିବାକୁ ମିଳିଛି । ତେଣୁ ଆଗକୁ କଳିଙ୍ଗ ନଗର ଶିଳ୍ପା*ଳରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ଅନ୍ୟ ସଂସ୍ଥା ମାନଙ୍କୁ ଆଗକୁ ଆସିବା ଆବଶ୍ୟକତା ରହିଛି ବୋଲି ସାଧାରଣରେ ଆଲୋଚନା ହେଉଛି ।

## ଡହ ଡହ ଖରାକୁ ବିନା ସୁରକ୍ଷା ରେ ଖଟୁଛନ୍ତି ଶ୍ରମିକ

ପରଜଙ୍ଗ, (ମହାଭାରତ) : ସରକାର କୋଟି କୋଟି ଟଙ୍କା ବ୍ୟୟ ବରଦା କରି ଗ୍ରାମଚଳରେ ମେଗା ଜଳ ପ୍ରକଳ୍ପର ସୁଉଚ୍ଚ ପାଣି ଟାଙ୍କି ହେଉଛି । କିନ୍ତୁ ଡହ ଡହ ଖରା ସହ ବିନା ସୁରକ୍ଷା ରେ କାମ କରୁଛନ୍ତି ଶ୍ରମିକ । ସୁଉଚ୍ଚ ପାଣିଟାଙ୍କି ଉପରେ ଅତି ବିପଜ୍ଜନକ ଭାବେ କାମ କରୁଛନ୍ତି ଶ୍ରମିକ । କେତେବେଳେ ଯେ କେଉଁ ଅଘଟଣ ଘଟିବ ତାହା କହି ହେବନାହିଁ । ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଅଧିନସ୍ଥ ପିତିରି ଗ୍ରାମ ଓ ଆମ୍ବପଳାଶ ଗ୍ରାମ ନିକଟରେ ଜଳ ଯୋଗାଣ ଲାଗି ପାଣିଟାଙ୍କି ନିର୍ମାଣ ହେଉଛି । ତେବେ ଆରମ୍ଭରୁ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଥିବାବେଳେ ପାଣିଟାଙ୍କି ନିର୍ମାଣ ଶେଷ ଭାଗରେ ପହଁଚିଲାଣି । ଅତି ଉଚ୍ଚ ପାଣିଟାଙ୍କିକୁ ଶ୍ରମିକମାନେ ବିପଦ ଶଂକୁଳ ଭାବେ



ଯାଇ କାମ କରୁଥିବାର ଦେଖିବାକୁ ମିଳିଛି । ଏତେ ଉଚ୍ଚରେ ରଡ଼ ବାନ୍ଧିବା ଠାରୁ ସଟରିଂ ଓ ଢ଼ଳେଇ କାମ କରାଯାଉଛି । କିନ୍ତୁ ଶ୍ରମିକମାନଙ୍କ ଲାଗି କୌଣସି ସୁରକ୍ଷା ବ୍ୟବସ୍ଥା ନ ଥିବା ସହ ଦିନ ଦ୍ୱିପ୍ରହରର ଡହ ଡହ ଖରାରେ କାମ କରାଯାଉଛି । ଶ୍ରମିକମାନେ ପେଟପାଟଣା ଯୋଗୁ ଭୟରେ ମୁହଁ ଖୋଲୁ ନାହାନ୍ତି ଠିକାଦାର ଆଗରେ । ତେବେ ସୁଉଚ୍ଚ ପାଣିଟାଙ୍କି ହେଉଥିବା ସ୍ଥାନକୁ କୌଣସି ପଦ ଅଧିକାରୀମାନେ ଉପସ୍ଥିତ ରହୁନଥିବା ମଧ ଦେଖିବାକୁ ମିଳିଛି । ସେପଟେ ଗ୍ରୀଷ୍ମ ପ୍ରବହା ଅଧିକ ହେଉଥିବାରୁ ଜିଲ୍ଲାପାଳ ଓ ପରଜଙ୍ଗ ପ୍ରଶାସନ ବାରମ୍ବାର ସୂଚନା ଦେଇଆସୁଛନ୍ତି ସକାଳ ୭ ଘଟିକା ଠାରୁ ୧୧ ଘଟିକା ଓ ୩ଟାରୁ ସନ୍ଧ୍ୟା ୬ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ କରାଯିବ । ହେଲେ ପରଜଙ୍ଗ ଅଂଚଳରେ ସୁଉଚ୍ଚ ପାଣିଟାଙ୍କି କାର୍ଯ୍ୟ କରୁଥିବା ଠିକାଦାର ଓ ଅଧିକାରୀମାନେ ଜିଲ୍ଲପାଳ ଓ ପରଜଙ୍ଗ ପ୍ରଶାସନ କଥାକୁ କର୍ଣ୍ଣପାତ କରୁନଥିବା ଦେଖିବାକୁ ମିଳୁଛି । ଏ ନେଇ ଏଥିପ୍ରତି ଜିଲ୍ଲାପାଳ ପରଜଙ୍ଗ ପ୍ରଶାସନ ଦୃଷ୍ଟି ଦେବାକୁ ଅଂଚଳବାସି ଙ୍କ ଦାବି ହୋଇଛି ।

## ଜିଲ୍ଲାସ୍ତରୀୟ ନୂତନ ରାସନ୍ କାର୍ଡ ବିତରଣ

ନବରଙ୍ଗପୁର, (ମହାଭାରତ) : ଆଜି ସ୍ଥାନୀୟ ସାଇ କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲା ସ୍ତରୀୟ ଜାତୀୟ ପ*ାୟତିରାଜ ଦିବସ ନୂତନ ରାସନ୍ କାର୍ଡ ପ୍ରଦାନ, ଉ□ମ ପ*ାୟତକୁ ପ୍ରୋତ୍ସାହନ ରାଶି ଏବଂ ଉ□ମ ପୃଷ୍ଟି ପ*ାୟତ କୁ ଅର୍ଥରାଶି ପ୍ରଦାନ ରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରି* ନାରାୟଣ ଦରୱାନ, ଲୋକ ସଭା ସାଂସଦ ପ୍ରତିନିଧି ଜ୍ୟୋତିରଂଜନ କଂସ,ଜିଲ୍ଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଯଦୁମଣି ନାୟକ ପ୍ରମୁଖ ମ*ା ସିନ ଥିଲେ । ତୃଣମୂଳ ସ୍ତରରେ ଗାଁର ବିକାଶ ଗାଁଲୋକଙ୍କ ଦ୍ୱାରା ଗ୍ରାମସଭାରେ ପାରିତ ବିକାଶ କାର୍ଯ୍ୟକ୍ରମକୁ ପ*ାୟତିରାଜ ବ୍ୟବସ୍ଥାରେ ଅଗ୍ରାଧିକାର ଦିଆଯାଇଛି । ୧୯୯୨ ମସିହା ଏପ୍ରିଲ ୨୪ ତାରିଖରେ ସମ୍ବିଧାନ ର ୭୩ ତମ ସଂଶୋଧନ ବଳରେ ତ୍ରିସ୍ତରୀୟ ପ*ାୟତିରାଜ ବ୍ୟବସ୍ଥା ଦେଶରେ ପ୍ରବ□ନ ହୋଇଥିଲା ।ଏହି



ଆଇନ ପ*ାୟତିରାଜ ବ୍ୟବସ୍ଥାରେ ଯୁଗାନ୍ତକାରୀ ପରିବ□ନ ଆଣି ଗ୍ରାମ ପଂଚାୟତ, ପ*ାୟତ ସମିତି ଓ ଜିଲ୍ଲା ପରିଷଦ ସ୍ତରରେ ବ୍ୟାପକ ବିକାଶ କୁ ଗୁରୁତ୍ୱ ଦେଇଛି । ପ*ାୟତି ରାଜ ଓ ପାନୀୟ ଜଳ ବିଭାଗ,ଓଡ଼ିଶା ସରକାରଙ୍କ ଆନୁକୁଲ୍ୟରେ ଏବଂ ପ*ାୟତ ସମିତି, ନବରଙ୍ଗପୁର ସୌଜନ୍ୟ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ଯୋଗ ଦେଇ ପ*ାୟତିରାଜ ବ୍ୟବସ୍ଥାରେ କ୍ଷମତା ର ବିକେନ୍ଦ୍ରୀକରଣ ଓ ନିର୍ବାଚିତ ପ୍ରତିନିଧିଙ୍କ ଓ ସାଧାରଣ ଲୋକଙ୍କ ଭାଗିଦାରୀ କୁ ଉଲ୍ଲେଖ କରି ସାରା ଦେଶରେ ଆଜି ପାଳିତ ହେଉଥିବା ଜାତୀୟ ପ*ାୟତି ରାଜ ଦିବସ ପାଳନ ଅବସରରେ ଉପସ୍ଥିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ । ରାଜ୍ୟ ସରକାର 'ବିକଶିତ ଓଡ଼ିଶା ବିକଶିତ ଭାରତ 'ଲକ୍ଷ୍ୟରେ ଗ୍ରାମ ପଂଚାୟତ, ବ୍ଲକ୍, ଜିଲ୍ଲା ସ୍ତରରେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇ ସାମଗ୍ରିକ ବିକାଶକୁ ଗୁରୁତ୍ୱ ଦେଇଛନ୍ତି ତା ଉପରେ କହିବା ସଙ୍ଗେ ସଙ୍ଗେ ଆୟୁଶ୍ମାନ ଯୋଜନା ଅନ୍ତର୍ଗତ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା, ସୁଭଦ୍ରା ଯୋଜନା, ଧାନ ସର୍ବନିମ୍ନ ମୂଲ୍ୟ ବୃଦ୍ଧି ଏବଂ ସବସିଡି ପ୍ରଦାନ ଉପରେ କହିଥିଲେ । ମାନ୍ୟବର ବିଧାୟକ ନବରଙ୍ଗପୁର ନିଜ ବକ୍ତବ୍ୟରେ ପ*ାୟତିରାଜ ବ୍ୟବସ୍ଥାରେ ଗ୍ରାମସ୍ତରରୁ ବିକାଶର ଶିଡି ଆରମ୍ଭ ହୋଇଥାଏ ଏବଂ ପ*ାୟତ ସ୍ତରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା କାର୍ଯ୍ୟକାରୀ ଯୋଗୁଁ ଆଜି ବିକଶିତ ଓଡ଼ିଶା ୨୦୩୬ ର ଲକ୍ଷ୍ୟଧାର୍ଯ୍ୟ କୁ ଆମେ ନିଶ୍ଚୟ ଉପଲବ୍ଧି କରିବା ବୋଲି କହିଥିଲେ । ପୁରୀ ଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଜାତୀୟ ପ*ାୟତିରାଜ ଦିବସ ପାଳନ ରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ଏଲ ଇ ଡି ସ୍କ୍ରିନ୍ ମାଧ୍ୟମରେ ଉପସ୍ଥିତ ସମସ୍ତେ ଦେଖିଥିଲେ । ଆଜି ଖାଦ୍ୟସୁରକ୍ଷା ରୁ ବ*ିତ ରାଜ୍ୟର ୬ ଲକ୍ଷ ହିତାଧିକାରୀଙ୍କୁ ନୂତନ ରାସନ୍ କାର୍ଡ ପ୍ରଦାନର ଶୁଭାରମ୍ଭ ହୋଇଥିଲା । ଇ –କେ ୱାଇ ସି ମାଧ୍ୟମ ରେ ଆବେଦନକାରୀ ପରିବାର ନୂତନ ରାସନ୍ କାର୍ଡ ପାଇପାରିବେ ।ଜିଲ୍ଲାରେ ବର୍ତମାନ ୧୦,୭୨୦ ନୂତନ ରାସନ୍ କାର୍ଡ ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ୫୯୯୫ ଜଣ ଆବେଦନ କରିଥିଲେ ଏବଂ ସେଥି ମଧ୍ୟରୁ ୫୫୪ ପରିବାର ୩୪୭ ନୂତନ ରାସନ୍ କାର୍ଡ ପାଇବାକୁ ହକଦାର ହୋଇଛନ୍ତି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ୧୨ ଜଣ ନୂତନ ଭାବେ ରାସନ୍ କାର୍ଡ ପାଇଥିବା ହିତାଧିକାରୀଙ୍କୁ ନୂତନ ରାସନ୍ କାର୍ଡ ପ୍ରଦାନ କରିଥିଲେ । ସେଭଳି ୧୦ ଟି ଉ□ମ ପ*ାୟତ କୁରାଜେବା, କୁନ୍ଦେ ଇ, ମହୋଣ୍ଡ , ହାତୀଗାଁ, ଭାମନି, ଡଙ୍ଗରିଗୁଡା , ଚୋଚୋରାଗୁଡା , ବୋରିଗା, ନାକଟିଶିମୁଡ଼ା, ଚନ୍ଦାହାଣ୍ଡି ପ*ାୟତକୁ ମୋଟ ୫୯,୯୦,୩୩୩ ଟଙ୍କା ର ପ୍ରୋତ୍ସାହନ ଅର୍ଥରାଶି ପ୍ରଦାନ କରିଥିଲେ । ଉ□ମ ପୃଷ୍ଟି ପ*ାୟତ ରୂପେ ଡଙ୍ଗରିଗୁଡା ଗ୍ରାମ ପଂଚାୟତ କୁ ୫୦,୦୦୦ ଟଙ୍କା ର ଅର୍ଥରାଶି ପୁରସ୍କାର ବିତରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ ମଲ୍ଲିକ, ଜିଲ୍ଲା ସୁଚନା ଓ ଲୋକ ସଂପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରପୌଦୀ କହଁରଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ଅଙ୍ଗନବାଡି କର୍ମୀ, ଏସ ଏଚ ଜି ସଭ୍ୟା, ହିତାଧିକାରୀ, ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ନବରଙ୍ଗପୁର ଭାରପ୍ରାପ୍ତ ବି ଡି ଓ କ୍ଷୀରୋଦ ସାହୁ କାର୍ଯ୍ୟକ୍ରମର ଆୟୋଜନ ଓ ସଭା ସ*ାଳନ କରିଥିଲେ ।

## ଉଦଳା ବିଦ୍ୟୁତ ବିଭାଗର ଅଘୋଷିତ ବିଦ୍ୟୁତ କାଟ ବିରୋଧରେ ସାମ୍ବାଦିକ ସମ୍ମିଳନୀ

ଉଦଳା- ( ମହାଭାରତ): ଉଦଳା – ଓଡିଶା ରାଜ୍ୟ ସରକାର ତଥା ବିଭାଗୀୟ ମନ୍ତ୍ରୀ ପ୍ରେସ୍ ରିଲିଜରେ ଘୋଷଣା କରିଥିଲେ କି, ରାଜ୍ୟରେ ଅସହ୍ୟ ଗରମ ଏବଂ ଗୁଳୁଗୁଳି ପାଇଁ ବିଦ୍ୟୁତ କାଟ ହେବନାହିଁ । କିନ୍ତୁ ମନ୍ତ୍ରୀ କହିବା ପରେ ଉଦଳା ବିଦ୍ୟୁତ ଡିଭିଜନରେ ତା'ର ଓଲଟା କାର୍ଯ୍ୟ ହେଉଅଛି, ଦିନକୁ ୩/୪ ଘଂଟା ଅଘୋଷିତ ବିଦ୍ୟୁତ କାଟ ହବାର ପରିଲକ୍ଷିତ ହେଉଅଛି । ଏହାର ବିରୋଧରେ ଉଦଳା ବିଜୁ ଜନତା ଦଳ କାଯ୍ୟାଳୟରେ ପୂର୍ବତନ ବିଧାୟକ ଶ୍ରୀ ନାଥ ସୋରେନ ଏକ ସାମ୍ବାଦିକ ସମ୍ମିଳନୀ କରି ଡବଲ ଇଞ୍ଜିନ ସରକାରକୁ ଘୋର ନିନ୍ଦା କରିଛନ୍ତି ।ତିନିଗୋଟି ବ୍ଲକ ଏବଂ ଗୋଟିଏ ବିଜ୍ଞାପିତ ଅଂଚଳ ପରିଷଦକୁ ନେଇ ଆମ ଉପଖଣ୍ଡ ତଥାଉଦଳା,କପ୍ତିପଦା,ଖୁଟା,ଗୋପବନ୍ଧୁ ନଗର ଏବଂ ଉଦଳା ଏନ:ଏ:ସି: ଉଦଳା ଠାରେ ସବ୍ଡିଭିଜନ ଡାକ୍ତରଖାନା ରହିଅଛି ।ଶହ ଶହ ରୋଗୀ ଏଠାରେ ରହୁଛନ୍ତି । ବାରମ୍ବାର ବିଦ୍ୟୁତ କାଟ ହବାଫଳରେ ରୋଗୀମାନେ ଗରମରେ ନାହିଁ ନଥିବା ଅବସ୍ଥା ଭୋଗୁଛନ୍ତି। ବଜାର ସହର ଜନତା ଠାରୁ ଆରମ୍ଭ କରି ଗ୍ରାମାଂଚଳର ଲୋକମାନେ ବିଦ୍ୟୁତ କାଟ ହବା ଫଳରେ ତ୍ରାହି,ତ୍ରାହି ଡାକିଲେଣି। ଯଦି ବିଭାଗର ଏଭଳି ବେପରୁଆ ମନୋଭାବ ରୁହେ,ତାହେଲେ ଆଗାମୀ ଦିନରେ ଦଳ ପକ୍ଷରୁ ବିଦ୍ୟୁତ ବିଭାଗକୁ ଅଚଳ କରିବୁ ବୋଲି ଶ୍ରୀ ସୋରେନ ସାମ୍ବାଦିକ ମାଧ୍ୟମରେ ଚରମବାଣି ଦେଇଥିଲେ । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତା ଶ୍ରୀ ବନମାଳି ବେହେରା,ଅମିୟ କୁମାର ବଳ,ଗୋବିନ୍ଦ ଚନ୍ଦ୍ର ନାୟକ,ଅରୁଣ କୁମାର ନାଏକ,କପ୍ତିପଦା ବ୍ଲକ ଯୁବନେତା ବିଣାକର ମହାପାତ୍ର, ଆଶିଶୁଦାସ,ଶଶଧର ସାଇଁ ଏବଂ ଭବାନୀ ଶଙ୍କର ମହାନ୍ତ,ପ୍ରତାପ ବେହେରା,ସୁରେଶ ବିନ୍ଧାଣୀ,ନାଲାରାମ ସୋରେନ ଓ ଅନ୍ୟମାନେ ଯୋଗଦେଇ ଡବଲ ଇଞ୍ଜିନ ସରକାର ବିଦ୍ୟୁତ ବିଭାଗରେ ସଂପୂର୍ଣ ଫେଲ୍ ହୋଇଛନ୍ତି ବୋଲି ପ୍ରକାଶ କରିଥିଲେ।

## ବାଲି ଦରକୁ ନେଇ ଚିନ୍ତାରେ ଗୃହ ନିର୍ମାଣକାରୀ

# ବର୍ଷକରେ ବଢ଼ିଛି ଦୁଇ ଗୁଣା ଦର : ଲୁଚ୍ଛପାରେ ସୈରାତରୁ ଉଠୁଛି ବାଲି

ନୟାଗଡ଼, ( ମହାଭାରତ ) : ଏବେ ଘର ନିର୍ମାଣ ସମୟ। ବର୍ଷ ବର୍ଷର ସଞ୍ଚିତ ଅର୍ଥକୁ ଏହି ସମୟରେ ହିଁ ହିତାଧିକାରୀ ମାନେ ଘର ନିର୍ମାଣରେ ଲଗାନ୍ତି। ବର୍ଷା ପୂର୍ବରୁ ଘର ନିର୍ମାଣ କାର୍ଯ୍ୟ ଶେଷ କରି ଦେବା ପାଇଁ ସମସ୍ତ ବ୍ୟଗ୍ର ରୁହନ୍ତି। କେବଳ ସେତିକି ନୁହେଁ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହେଉଥିବା ହିତାଧିକାରୀ ମାନେ ମଧ୍ୟ ଏହି ସମୟରେ ଘର ନିର୍ମାଣ କରନ୍ତି। ମାତ୍ର ଏବେ ସମସ୍ତଙ୍କ ପାଇଁ ବାଲି ଦର ଚିନ୍ତାର କାରଣ ପାଲଟିଛି। ବାଲି ଦର ଅମୂଳ ମୂଳ ହେବା ଯୋଗୁଁ ଏବେ ହିତାଧିକାରୀ ମାନେ ଘର ନିର୍ମାଣ ପାଇଁ ପଛଘୁଞ୍ଚା ଦେଉଛନ୍ତି। ବର୍ଷକୁ ଦୁଇ ଗୁଣା ବଢୁଥିବା ଏହି ବାଲି ଦର ଏବେ ସମସ୍ତଙ୍କ ଚିନ୍ତାର କାରଣ ପାଲଟିଛି। ଖଣି ଅଧିକାରୀ ଈଶ୍ୱର ପ୍ରଧାନଙ୍କ ସୂଚନା ମୁତାବକ, ଜିଲ୍ଲାରେ



ବର୍ତ୍ତମାନ ଗୋଟିଏ ବାଲି ସୈରାତ ଚାଲୁ ରହୁଛି। ଗଣିଆ ତହସିଲ ଅଧୀନ ଓ୍ୱାଲିପୁରରେ ବାଲି ସୈରାତକୁ କେବଳ ଅନୁମତି ରହିଛି। କନସେଣ୍ଟ ଟୁ ଅପରେଟ୍ (ସିଟିଓ) ନଥିବାରୁ ବାକି ସମସ୍ତ ସୈରାତ ବନ୍ଦ ରହିଛି। ମାତ୍ର ଖୁବଶୀଘ୍ର ଲଙ୍ଗଳକ□। ସମେତ ଆଉ ଦୁଇଟି ସୈରାତ ଚାଲୁ ହେବ। ଯେହେତୁ ଗୋଟିଏ ସୈରାତ ଏବେ ସାରା ଜିଲ୍ଲାକୁ ବାଲି ଯୋଗାଉଛି, ସେଥିପାଇଁ ଦର ଅଧିକ ରହୁଛି। ଗୋଟିଏ ଟ୍ରାକ୍ଟରରେ ଦୁଇ କ୍ୟୁବିକ୍ ମିଟର ଓ ହାଇଓ୍ୱା ରେ ୧୪ କ୍ୟୁବିକ୍ ମିଟର ବାଲି ଯାଉଛି। ଏବେ ୧୨ ଚକିଆ ହାଇଓ୍ୱାର ଦର ୨୦ ରୁ ୨୫ ହଜାର ଟଙ୍କା ରହୁଛି। ପୂର୍ବରୁ ଏହି ବାଲିକୁ ହିତାଧିକାରୀ ମାନେ ୮ ରୁ ୧୦ ହଜାର ଟଙ୍କାରେ କିଣୁଥିଲେ। ସେହିପରି ଗୋଟିଏ ଟ୍ରାକ୍ଟର ପାଇଁ ପୂର୍ବରୁ ହିତାଧିକାରୀ ମାନଙ୍କୁ ୧୩୦୦ ଟଙ୍କା ଦେବାକୁ ପଡୁଥିବା ବେଳେ ବର୍ତ୍ତମାନ ତିନି ହଜାର ଦେବାକୁ ପଡ଼ିଲାଣି। ଯାହାକି ହିତାଧିକାରୀ ମାନଙ୍କ ପକେଟକୁ ବେଶ୍ ବାଧୁଛି। ଯେହେତୁ ବାଲି ସୈରାତ ଗୁଡ଼ିକୁ ଉଚ୍ଚା ଦରରେ ମାଲିକ ମାନେ ନିଲାମ ନେଉଛନ୍ତି, ସେଥିପାଇଁ ସ୍ୱାଭାବିକ ଭାବେ ଦରରେ ବୃଦ୍ଧି ଘଟୁଛି ।ଏଣୁ ଘର ନିର୍ମାଣ ପାଇଁ ଯୋଜନା କରୁଥିବା ଲୋକଟିକୁ ଏବେ ଚିନ୍ତା କରିବାକୁ ପଡୁଛି। କେବଳ ହିତାଧିକାରୀ ନୁହନ୍ତି, ଗାଡ଼ି ମାଲିକ ମାନେ ମଧ୍ୟ ଏହା ଦ୍ୱାରା ବେଶ୍ ପ୍ରଭାବିତ ହେଉଛନ୍ତି। ଦର ଅଧିକ ପାଇଁ ହିତାଧିକାରୀ ମାନେ ବାଲି କିଣିବାକୁ ଟିକେ ପଛଘୁଞ୍ଚା ଦେଉଛନ୍ତି। ଫଳରେ ଗାଡ଼ି ମାଲିକ ମାନଙ୍କର ମଧ୍ୟ ଭଡ଼ା କମି ଯାଉଛି। ଆଉ ଯେତେ ବେଳେ ଅଧିକ ମୁନାଫା ଲୋଭରେ ଜାଲ୍ ଟ୍ରାଞ୍ଜିଟ୍ ପାସ୍ (ଟିପି) ଦ୍ୱାରା ସେମାନେ ବାଲି ଆଣୁଛନ୍ତି, ତେବେ ହାଇଓ୍ୱା ଓ ଟ୍ରାକ୍ଟର ଗୁଡ଼ିକୁ ଜବତ କରି ଖଣି ବିଭାଗ ଲକ୍ଷାଧିକ ଟଙ୍କା ଜରିମାନା କରୁଛି। ଜରିମାନା ନ ଦେଲେ ସ୍ଥାନୀୟ ଥାନା ଗୁଡ଼ିକରେ ଦୀର୍ଘ ଦିନ ଧରି ଏହି ବାଲି ବୋଝେଇ ଗାଡ଼ି ଗୁଡ଼ିକ ପଡ଼ି ରହୁଥିବା ଦେଖିବାକୁ ମିଳୁଛି। ମାତ୍ର ଏହି ନକଲି ଟିପି ବ୍ୟବହାରର ମୂଳ ପର୍ଯ୍ୟନ୍ତ କେହି ପହଞ୍ଚିବାକୁ ପ୍ରୟାସ କରୁ ନାହାନ୍ତି। ବର୍ତ୍ତମାନ ଜିଲ୍ଲାରେ ଗୋଟିଏ ସୈରାତ ଚାଲିଛି। ବୋଲି ଖଣି ଅଧିକାରୀ କହୁଥିଲେ ମଧ୍ୟ ଲୁଚ୍ଛପାରେ ଅନ୍ୟ ସୈରାତରୁ ମଧ୍ୟ ବାଲି ଉଠୁଥିବା ଦେଖାଯାଉଛି।

## ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରି ଯୋଡାରେ ମହମବତୀ ଶୋଭାଯାତ୍ରା




ଯୋଡା, (ମହାଭାରତ): ଜାମ୍ମୁକାଶ୍ମୀର ପହଲଗାମରେ ହୋଇଥିବା ପର୍ଯ୍ୟଟକଙ୍କ ଉପରେ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରି ଯୋଡାରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ମହମବତୀ ଶୋଭାଯାତ୍ରା କରାଯାଇଛି। ଗତ ୨୨ ତାରିଖ ଦିନ ହୋଇଥିବା ଏହି ନାରକିୟ କାଣ୍ଡକୁ ସବୁ ମହଲରେ ତୀବ୍ର ନିନ୍ଦା କରାଯିବା ସହ ମୃତକଙ୍କ ଆତ୍ମା ପ୍ରତି ସଦଗତି କାମନା କରାଯାଇଛି । ଏହି ଶୋଭାଯାତ୍ରାରେ ଯୋଡା ରୋଟାରୀ କ୍ଲବର କର୍ମକର୍ତମାନେ ହାତରେ ମହମବତୀ ଧରି ସହର ପରିକ୍ରମା କରିବା ସହିତ ଯୋଡା ବସ୍ ଷ୍ଟାଣ୍ଡରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ତଳେ ଏକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସେହିପରି ଯୋଡା ବିଜେପି ମଣ୍ଡଳ ପକ୍ଷରୁ ଏକ ମହମବତୀ ଶୋଭାଯାତ୍ରା ଲକ୍ଷ୍ମୀପଡିଆରୁ ବାହାରି ସହର ପରିକ୍ରମା କରିବା ସହ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ତଳେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିବା ଦେଖିବାକୁ ମିଳିଛି । ଓଡିଆ ସ୍ୱାଭିମାନ ମଞ୍ଚ ପକ୍ଷରୁ ମଧ୍ୟ ଏହ ମହମବତୀ ଶୋଭାଯାତରା ବାହାର କରାଯାଇ ଗୋପବନ୍ଧୁ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିବା ବେଳେ ଏହି ବର୍ବରଚିତ ଆକ୍ରମଣକୁ ତୀବ୍ର ନିନ୍ଦା କରାଯାଇଛି।

## ହିନ୍ଦୋଳରେ ଅତିଷ୍ଠ କଲାଣି ବିଜୁଳିକାଟ, ଫେଲ ମାରିଛି ଟାଟା ପାୱାରର ନିରବଛିନ୍ନ ବିଦ୍ୟୁତ ସେବା



ହିନ୍ଦୋଳ(ମହାଭାରତ)ରାଜ୍ୟରେ ଦିନକୁ ଦିନ ଖରାର ପ୍ରକୋପ ବଢ଼ିଚାଲିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଶେଷକରି ଖରାଦିନରେ ବିଜୁଳି କାଟ୍ ସମସ୍ୟା ଲୋକଙ୍କୁ କଲବଲ କରିଥାଏ। ତେବେ ବିଜୁଳି କାଟ୍କୁ ନେଇ ସରକାର ରାଜ୍ୟରେ ଅଘୋଷିତ ବିଜୁଳି କାଟ୍ କରାଯିବ ନାହିଁ ବୋଲି କହିଥିବା ବେଳେ ହିନ୍ଦୋଳ ଅଞ୍ଚଳରେ ଖରା ଗରମ ସାଙ୍ଗକୁ ବିଦ୍ୟୁତକାଟ ଲୋକଙ୍କୁ ନାକେଦମ୍ କଲାଣି ।ସ୍କୁଲରେ ଆଉଟପାଉଟ ହେଉଛନ୍ତି ଛାତ୍ରଛାତ୍ରୀ ।ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ପାଠପାରେ ବ୍ୟାଘାତ ସୃଷ୍ଟି ହେବା ସହିତ ପାଣି ପାଇଁ ବହୁ ଅସୁବିଧା ଭୋଗୁଛନ୍ତି ଲୋକେ। ବିଶେଷ କରି ରାତ୍ରୀ ସମୟରେ ଘନଘନ ବିଜୁଳିକାଟ ହେବା ଫଳରେ ଲୋକମାନେ ଘରେ ଫ୍ୟାନ,କୁଲର୍ ଇତ୍ୟାଦି ବ୍ୟବହାର କରିବାରୁ ବଞ୍ଚିତ ହେଉଛନ୍ତି ତେଣୁ ବାଧ ହୋଇ କିଏ ରାସ୍ତା କଡ଼ରେ ଖଟ,ସପ ପକାଇ ସୋଇଲାଣି ତ ଆଉ କିଏ ଛାତ ଉପରକୁ ଶୋଇବା ପାଇଁ ଚାଲି ଯାଉଛି। ତେବେ ହିନ୍ଦୋଳ ଭଳି ଏକ ସ୍ୱାଭିମାନ ଅଞ୍ଚଳରେ ବିଦ୍ୟୁତ ବିଭାଗର ଏଭଳି ଯନ୍ତ୍ରଣା ଲୋକମାନଙ୍କୁ ଯମଯନ୍ତ୍ରଣା ଦେବା ସହ ଏକ ପ୍ରକାର ଚିନ୍ତାର ବିଷୟ ପାଲଟି ଯାଇଛି। ଗୋଟିଏ ପଟେ ସରକାର୍ ଲୋକମାନଙ୍କୁ ନିରବଛିନ୍ନ ବିଦ୍ୟୁତ ସେବା ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ ହେବା ବେଳେ ହିନ୍ଦୋଳ ବିଦ୍ୟୁତ ବିଭାଗର ଅବହେଳା ଯୋଗୁଁ ଲୋକମାନଙ୍କୁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ତେବେ ଖୁବ୍ ଶୀଘ୍ର ହିନ୍ଦୋଳରେ ଏନେଇ ଏକ ବଡ ଧରଣର ଆନ୍ଦୋଳନ ହେବା ସହିତ ବିଦ୍ୟୁତ ବିଭାଗର କାର୍ଯ୍ୟାଳୟ ଘେରାଉ କରିବା ପାଇଁ ଲୋକ ମାନେ ସଜବାଜ ହେଲେଣି।

## ଆସନ୍ତା ମଇ ୧୦ରେ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଗଜପତି(ମହାଭାରତ): ପାରଳାଖେମୁଣ୍ଡି ସବୁ ବର୍ଷ ପରି ଚଳିତ ବର୍ଷ ଆସନ୍ତା ମଇ ୧୦ ତାରିଖରେ ଗଜପତି ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ପାରଳାଖେମୁଣ୍ଡି କାଶୀ ନଗର ଆର ଉଦୟଗିରି, ମୋହନା ଠାରେ ଥିବା ବିଭିଡ ଅଦାଲତ ପରିସରରେ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁଯାଉଛ ।ଏହି ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ପ୍ରାକ ସ୍ତରୀୟ ମକଦ୍ଦମା ଓ ବିଚାରଧୀନ ମକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ )ଚେକ ବାଉନ୍ସ ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ବିବାଦ,ଲୋକ ସେବା ସମ୍ବନ୍ଧୀୟ ମାମଲା, ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ) ପାରିବାରିକ ବିବାଦ, ଜମି ଅଧିଗ୍ରହଣ,ଚାକିରୀ ସମ୍ବନ୍ଧୀୟ (ପେନସନ) ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲାର ବିଚାରଣା ହେବ।

## ଚୋରା ମାଙ୍କଡା ଖାଦାନ ଉପରେ ଚଢାଉ: ଦୁଇ ଚୋରା ମାଙ୍କଡ଼ା ପଥର କଟା ମେସିନ୍ ଜବତ



ବଡଚଣା (ମହାଭାରତ)କଟକ ବନଖଣ୍ଡ ଅନ୍ତର୍ଗତ ବୈରୀ ଠାରେ ଥିବା ଡାଳିଯୋଡା ବନାଅଞ୍ଚଳର ପକ୍ଷରୁ ଚୋରା ମାଙ୍କଡ଼ା ପଥର ଖାଦାନରେ ଚଢାଉ କରି ପଥର କଟାରେ ବ୍ୟବହାର ହେଉଥିବା ଦୁଇଟି ପଥର କଟା ମେସିନ୍ ଜବତ କରିଥିବା ଜଣାପଡିଛି ।ଘଟଣାରୁ ପ୍ରକାଶ ଯେ ଦର୍ପଣ ତହସିଲ ଅନ୍ତର୍ଗତ ସୋଲର ରାଜସ୍ୱ ନିରୀକ୍ଷକ ଅଧୀନସ୍ଥ ବାଘୁଆ ମୌଜାରେ ଚୋରା ମାଙ୍କଡ଼ା ପଥର କଟାଯାଉଥିବା ଖବର ପାଇ ବୈରୀ ବନାଅଞ୍ଚଳ ଅଧିକାରୀ ଅଦ୍ୱୈତ ପ୍ରଧାନ, ବୈରୀ ଫରେଷ୍ଟର ସସ୍ମିତା ସ୍ୱାଇଁଙ୍କ ନେତୃତ୍ୱରେ ଚୌଦ୍ୱାର, ବୈରୀ ଓ ଚଣ୍ଡିଖୋଲର ସମସ୍ତ ଷ୍ଟାଫ ଅର୍ତକୀତ ଚଢାଉ କରିଥିଲେ ।ଚୋରା ମାଙ୍କଡ଼ା ପଥର କଟାଯାଉଥିବା ଦୁଇଟି ପାୱାର ଟ୍ରିଲର କୁ ଜବତ କରି ଥିଲେ। ମାତ୍ର ଅନ୍ୟ ଏକ ପାୱାର ଟ୍ରିଲର କୁ ବନ ବିଭାଗ ଠାରୁ ଯୋର ଜବରଦସ୍ତ ଛଡାଇ ନେଇଥିବା ଜଣାପଡିଛି। ପରେ ଘଟଣା ସ୍ଥଳରେ ବୈରୀ ଥାନା ଏ ଏସ୍ ଆଇ ଧୀରେନ୍ଦ୍ର ପଣ୍ଡା ଘଟଣା ସ୍ଥଳରେ ପହଞ୍ଚି ଯିବାରୁ ଚୋରା ପଥର କାଟୁଥିବା ଲୋକ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ।

## ବ୍ଲକ ସ୍ତରୀୟ ପଞ୍ଚାୟତ ରାଜ ଦିବସ ସମାରୋହ

କୋକସରା,(ମହାଭାରତ): ଗ୍ରାମାଞ୍ଚଳ ର ଉନ୍ନତି ନିମନ୍ତେ ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗ, ଓଡିଶା ସରକାରଙ୍କ ଦ୍ୱାରା ଜାତୀୟ ପଞ୍ଚାୟତ ରାଜଦିବସ କୁ ପଞ୍ଚାୟତ, ବ୍ଲକ ଓ ରାଜ୍ୟସ୍ତରରେ ପାଳନ କରୁଥିବା ବେଳେ କୋକସରା ବ୍ଲକ ସମ୍ମୁଖରେ ମଧ୍ୟ ବ୍ଲକ ସ୍ତରୀୟ ପଞ୍ଚାୟତରାଜ ଦିବସ ପାଳିତ ହୋଇଛି । କୋକସରା ବିଡ଼ିଓ ଡ଼ ହିମାଞ୍ଚଳ ମାଝୀଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ସମାରୋହରେ ବ୍ଲକ ଅଧ୍ୟକ୍ଷା ରୀତା ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ । ବିଡିଓ ଡ଼ ମାଝୀ ପଞ୍ଚାୟତରାଜ ଦିବସର ଆଭିମୁଖ୍ୟ ଓ ପଞ୍ଚାୟତରାଜ ଦ୍ୱାରା ଗ୍ରାମାଞ୍ଚଳ ର ଉନ୍ନତି ନିମନ୍ତେ ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିଥିଲେ । ଅନ୍ୟ ଅତିଥିଙ୍କ ମଧ୍ୟରେ ସାଂସଦ ପ୍ରତିନିଧି ଦୁର୍ଗାପ୍ରସାଦ ପ୍ରଧାନୀ, ବିଜେପି ନେତା ତ୍ରିନାଥ ଶବର ମଞ୍ଚାସିନ ଥିଲେ । ଏହି ଅବସରରେ କୃଷି ବିଭାଗ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ,ସ୍ୱାସ୍ଥ୍ୟ ବିଭାଗ, ଓଡିଶା ଜୀବିକା ମିଶନ ବିଭାଗ ପକ୍ଷରୁ ବିଭିନ୍ନ ଷ୍ଟଲ ମାନ ପ୍ରଦର୍ଶିତ ହୋଇ ଅଧିକାରୀ ମାନେ ଲୋକଙ୍କୁ ସମସ୍ତ ଯୋଜନାର ସୁଫଳ ପାଇବା ପାଇଁ ସଚେତନ କରିଥିଲେ । ଏହି ଅବସରରେ କୋକସରା ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ୫୯ ଜଣ ହିତାଧିକାରୀ ଙ୍କୁ ରାସନ କାର୍ଡ ପ୍ରଦାନ କରାଯାଇଥିଲା । ଉପସ୍ଥିତ ଜନପ୍ରତିନିଧି, ସ୍ୱଂସହାୟିକା ମହିଳା, ଏମ୍ବିକେ, ସିଆରପି, ଓ ସାଧାରଣ ଜନତା ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଙ୍କ ଅଭିଭାଷଣ ଶୁଣିଥିଲେ । ବ୍ଲକ ପ୍ରଶାସନ ପକ୍ଷରୁ ପାନୀୟ ଜଳ, ଦହି ସରବତ, ସୁସ୍ୱାଦୁ ଭୋଜନର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମ କୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ବେହେରା ପରିଚାଳନା କରିଥିବା ବେଳେ, ବ୍ଲକ ଯୋଗାଣ ଅଧିକାରୀ, ଜଗାରାମ ମୁର୍ମୁ, ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ ସମେତ ସମସ୍ତ ଯନ୍ତ୍ରୀ ଓ ବ୍ଲକ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ପାରାଦୀପ କ୍ରିକେଟ ଲିଗ ର ଫାଇନାଲ ରେ ଡିକେଟି ଷ୍ଟାର ଓ ଶ୍ରୀରାମ ସ୍ପୋର୍ଟିଂ



ପାରାଦୀପ (ମହାଭାରତ): ପାରାଦୀପ ର ମଧୁବନ ସ୍ଥିତ ଏନଏସି ପଡିଆରେ ଆୟୋଜିତ ପାରାଦୀପ କ୍ରିକେଟ ଲିଗ (ପିସିଏଲ) ର ତୃତୀୟ ସଂସ୍କରଣ ଗଙ୍ଗାଧର ଜେନା ଆମନ୍ତ୍ରଣ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶନିବାର ଦିନ ଅନୁଷ୍ଠିତ ଦୁଇଟି ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ସେମି ଫାଇନାଲ ରେ ଡିକେଟି ଷ୍ଟାର ନିର୍ଦ୍ଧାରିତ ୨କ୍ଷ ଓଭର ରେ ୧୬୧ ରନ କରି ୭ ଉଇକେଟ ହରାଇଥିବା ବେଳେ ଏହାର ଜବାବ ରେ ଜସିସି ୱାରିୟର୍ସ ୯ ଉଇକେଟ ହରାଇ ୧୪୩ ରନ କରି ୧୮ ରନ ରେ ପରାସ୍ତ ହୋଇଥିଲା । ଏହି ମ୍ୟାଚ ରେ ଡିକେଟି ଷ୍ଟାର ର ଦିନା ଦାସ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ । ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ସ୍ୟାଣ୍ଡ ବିଚ ପାୟର ଦଳର ୧୨୪ ରନ ଜବାବରେ ଶ୍ରୀରାମ ସ୍ପୋର୍ଟିଂ ୧୪.୧ ଓଭର ରେ ୩ ଉଇକେଟ ହରାଇ ୧୨୫ ରନ ସଂଗ୍ରହ କରି ୭ ଉଇକେଟ ରେ ବିଜୟୀ ହୋଇଥିଲା । ଏଥିରେ ଶ୍ରୀରାମ ସ୍ପୋର୍ଟିଂ ର ପ୍ରକାଶ ଜେନା ୫ ଉଇକେଟ ହାସଲ କରି ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ । ଏବଂ ଆସନ୍ତା ରବିବାର ଦିନ ଫାଇନାଲ ରେ ଉଭୟ ସେମିଫାଇନାଲ ବିଜେତା ପରସ୍ପରକୁ ଭେଟିବେ ।ତେବେ ଏହି ସେମିଫାଇନାଲ ମ୍ୟାଚ ରେ ଓଡିଶା କ୍ରିକେଟ ଆସୋସିଏସନ (ଓସିଏ) ର ସଭାପତି ପଙ୍କଜ ଲୋଚନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଓସିଏ ର କୋଷାଧ୍ୟକ୍ଷ ବିକାଶ ପ୍ରଧାନ,ପିସିଏଲ ର ସଭାପତି ରବି ଦାସ, ସଭାପତି, ଉପସଭାପତି ଅକ୍ଷୟ ସୁତାର, କାର୍ଯ୍ୟକାରୀ ସଭାପତି ଧର୍ମେନ୍ଦ୍ର ପତି, ଯୁଗ୍ମ ସମ୍ପାଦକ ଭରଦ୍ୱାଜ ସାହୁ, ଉପସଭାପତି ସୁବାସ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ମ୍ୟାନ ଅଫ ଦ ମ୍ୟାଚ ଖେଳାଳି ଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନିନ୍ଦା କରି ଆସିକା କଂଗ୍ରେସ ପକ୍ଷରୁ କେଣ୍ଡେଲ ପ୍ରତିବାଦ ଯାତ୍ରା

ଆସିକା, (ମହାଭାରତ) କାଶ୍ମୀର ଅନନ୍ତନାଗ ଜିଲ୍ଲାର ପହଲଗାମ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଆତଙ୍କବାଦୀ ଘଟଣାରେ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଆଖିବୁଜା ଗୁଳିକାଣ୍ଡ ଘଟଣାରେ ୨୬ରୁ ଉର୍ଦ୍ଧ୍ ପର୍ଯ୍ୟଟକ ପ୍ରାଣ ହରାଇବା ଓ ଅନେକ ଆହତ ହେବା ଘଟଣାକୁ ତୀବ୍ର ନିନ୍ଦା କରିବା ସହ ନୀରିହ ବ୍ୟକ୍ତିଙ୍କ ହତ୍ୟା ଘଟଣାରେ ସଂପୃକ୍ତ ଆତଙ୍କବାଦୀଙ୍କୁ ଖୋଜି ବାହାର କରିବା ସହ ଆତଙ୍କବାଦ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ଦାବୀ କରି ଗୁରୁବାର ସନ୍ଧ୍ୟାରେ ପଶ୍ଚିମ ଭାଗ ସଭାପତି ରବୀନ୍ଦ୍ର ନାଥ ଶର୍ମା ଙ୍କ ନେତୃତ୍ୱରେ ଆସିକା ବିଜୁପଟ୍ଟନାୟକ ଛକ ଠାରୁ ଏକ ବିରାଟ କେଣ୍ଡେଲ ଶୋଭାଯାତ୍ରାରେ ବାହାରି ପାକିସ୍ତାନ ମୁର୍ଦାବାଦ ରେ ପ୍ରକମ୍ପିତ ହୋଇ ଥିଲା। ଏହି ଶୋଭାଯାତ୍ରା କଳିଙ୍ଗ ରୋଡ ଦେଇ ଲକ୍ଷ୍ମୀ ବଜାର ଦେଇ ହାଟପଦା ଠାରେ ଥିବା ଗାନ୍ଧିଜୀ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରି ଆସିକା ଟାଉନ ହଲ ଠାରେ ଏକ ସଭାର ଆୟୋଜନ କରାଯାଇ ପାକିସ୍ତାନ ର ବର୍ବରତା ଉପରେ ବର୍ଷି ଥିଲେ ଉପସ୍ଥିତ କଂଗ୍ରେସ କର୍ମୀ।

## କଲେଇଗାଁ ପେକ୍ସ ପକ୍ଷରୁ ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ପାଳିତ

ଜୁନାଗଡ଼ (ମହାଭାରତ) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକର କଲେଇଗାଁ ପେକ୍ସ ପକ୍ଷରୁ ଆଜି ଆନ୍ତର୍ଜାତିକ ସମବାୟ ବର୍ଷ ପାଳିତ ।ଏହି ଅବସରରେ ସ୍ଥାନୀୟ ପେକ୍ସ କାର୍ଯ୍ୟାଳୟ ସମ୍ମୁଖରେ ଏକ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ।ପେକ୍ସ ସଭାପତି ସଞ୍ଜୟ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବେଙ୍କ ଆସିଷ୍ଟାଣ୍ଟ ବୁଦ୍ଧିମାନ ପାତ୍ର,ଆସିଷ୍ଟାଣ୍ଡ ମେନେଜର ଶୁଭାଶିଷ ବେଶ୍ରା, ପେକ୍ସ ମୁଖ୍ୟ କାର୍ଯ୍ୟନିର୍ବାହୀ ବସନ୍ତ ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମରେ ପେକ୍ସ ପରିଚାଳନା ପରିଷଦ ସଭ୍ୟ ନେତ୍ରାନନ୍ଦ ଭଣ୍ଡାରଘରିଆ, ସନାତନ କଟା, କୁଞ୍ଜବିହାରୀ ଦଣ୍ଡସେନା, ବୈକୁଣ୍ଠ ଗହୀର, ଦିବ୍ୟଶଙ୍କର ଗହୀର,କୁଶ ବାଗ, ଚକ୍ରମାଝୀ, ପେକ୍ସ କର୍ମଚାରୀ କାଳିଆ ମେହେର,ଚନ୍ଦ୍ର ବେହେରା, ବିଶ୍ୱନାଥ ବେହେରା, କ୍ଷମା ସାଗର ପୂଜାରୀଙ୍କ ସମେତ ଅନେକ ଲୋକ ଉପସ୍ଥିତ ଥିଲେ। ଆଗାମୀ ରବି ଋତୁରେ ଧାନ କିଣା ସୁରୁଖୁରୁରେ କରିବା ସହ କଲେଇଗାଁ ପେକ୍ସ କୃଷକଙ୍କ ପାଇଁ ସମର୍ପିତ ଭାବେ କାର୍ଯ୍ୟ କରିବା ପାଇଁ ବକ୍ତାମାନେ ମତପୋଷଣ କରିଥିଲେ।

## କାହା ସ୍ୱାର୍ଥରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ

# କାମରେ ଆସୁନି କେନାଲ ବନ୍ଧ : ଆଗକୁ ପାଣି ଅଭାବରୁ ଉଜୁଡ଼ିବ ଚାଷୀଙ୍କ ବିଭିନ୍ନ ଫସଲ

ନୟାଗଡ଼, ( ମହାଭାରତ ) : କୃଷି ଓ କୃଷକର ଉନ୍ନତି ପାଇଁ ରାଜ୍ୟ ତଥା କେନ୍ଦ୍ର ସରକାର ଅହରହ ଉଦ୍ୟମ କରିଚାଲିଥିବା ବେଳେ ନୟାଗଡ଼ ଜିଲ୍ଲା ରେ କୃଷକଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ, ଚେକଡ୍ୟାମ୍ ଓ କେନାଲ ବନ୍ଧର ବ୍ୟବସ୍ଥା କରାଯାଇଥିଲେ ହେଁ ଏବେ ସେଗୁଡ଼ିକ କାମରେ ଆସୁ ନଥିବା ଅଭିଯୋଗ ହେଉଛି। ଏବେଠାରୁ ଯଦି ବିଭାଗ ପକ୍ଷରୁ କରାଯାଇଥିବା ବିଭିନ୍ନ ଚେକ୍ ଡ୍ୟାମ ଗୁଡିକର ମରାମତି ସହ ବିଭିନ୍ନ ଯାଗାରେ ନୂତନ ଚେକ୍ ଡ୍ୟାମ ନିର୍ମାଣ ନ କରାଯାଏ ତାହାଲେ ଚଳିତ ବର୍ଷ ଆଗକୁ ଆସୁଥିବା ଶହ ଶହ ଏକର ଧାନ ଫସଲ କ୍ଷେତ ପାଣି ଅଭାବରୁ ଉଜୁଡ଼ି ଯାଇପାରେ। ଯଦି ଚାଷୀ ଙ୍କ କାମ ନକରିବ ତାହାଲେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାହା ସ୍ୱାର୍ଥରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ସୂଚନା ଥାଉକି, ନୟାଗଡ଼ ଜିଲ୍ଲା ର ବିଭିନ୍ନ ଅଞ୍ଚଳ ଦେଇ ପ୍ରବାହିତ ହେଉଥିବା ନଦୀ ଓ କେନାଲ ଗୁଡ଼ିକର ମୃଷିକା କ୍ଷୟକୁ ରୋକିବା



ସହ ଭୂତଳ ଜଳସ୍ତର ବୃଦ୍ଧି କରିବା ଉଦ୍ଦେଶ୍ୟରେ କେନ୍ଦ୍ର ତଥା ରାଜ୍ୟ ସରକାର ମନରେଗା ଯୋଜନାରେ ଚେକ୍ ଡ୍ୟାମ୍ ନିର୍ମାଣ କରିବାର ବ୍ୟବସ୍ଥା କରିଛନ୍ତି। ଏହି ଯୋଜନାରେ ନଦୀ ଗୁଡ଼ିକରେ ଡ୍ୟାମ ନିର୍ମାଣ କରାଯାଇ ପ୍ରବାହିତ ପାଣିକୁ ମଧ୍ୟ ଗଚ୍ଛିତ ରଖାଯାଇଥାଏ। ଏହି ଗଚ୍ଛିତ ପାଣିକୁ ବିଭିନ୍ନ ଚାଷ କାର୍ଯ୍ୟ ସମୟରେ ପାଣିର ଅଭାବ ଦେଖାଦେଲେ ଗଚ୍ଛିତ ପାଣିକୁ ଚାଷ କାର୍ଯ୍ୟ ରେ ବ୍ୟବହାର କରି ସେହି ଅଞ୍ଚଳର ଚାଷୀ ମାନେ ଜମିରେ ଚାଷ ଓ ଫସଲ କରି ଯେପରି ଲାଭବାନ ହେବେ ଏହି ଡ୍ୟାମ୍ ନିର୍ମାଣ ହିଁ ଏହାର ମୂଳ ଉଦ୍ଦେଶ୍ୟ। ଉକ୍ତ ଯୋଜନାରେ ଜିଲ୍ଲା ର ୮ ଟି ବ୍ଲକ୍ ତରଫରୁ ବିଭିନ୍ନ ନଦୀ ମାନଙ୍କ ସ୍ଥିତି ଦେଖି ନୂତନ ଚେକ୍ ଡ୍ୟାମ ବନାଇବା ହେଉ ବା ପୁରୁଣା ଚେକ୍ ଡ୍ୟାମ ମରାମତି ପାଇଁ ଲକ୍ଷାଧିକ ଅର୍ଥ ମଧ୍ୟ ବ୍ୟୟ କରାଯାଇଥିବା ଜଣାପଡ଼ିଛି। ଅପରପକ୍ଷେ, ଦେଖାଯାଇଛି କିଛି ଟା ନୂତନ ଡ୍ୟାମ ନିର୍ମାଣରେ ଆବଶ୍ୟକ ସରଞ୍ଜାମ ବ୍ୟବହୃତ ହୋଇନଥିବା ବେଳେ କେତେକ ସ୍ଥାନରେ ନଦୀ ପତନର ଆବଶ୍ୟକ ଉଚ୍ଚତା ଅନୁସାରେ ଏଗୁଡ଼ିକ ନିର୍ମାଣ କରାଯାଉନାହିଁ। ଫଳରେ ଚାଷ କାର୍ଯ୍ୟ ଆରମ୍ଭରୁ କେଉଁ ଗୋଟିଏ ଚେକ୍ ଡ୍ୟାମ ରେ ପାଣି ଟୋପେ ରହୁଥିବା ଦେଖିବାକୁ ମିଳୁନି। ସେହିଭଳି କେତେକ କେନାଲ ବନ୍ଧ ଦୀର୍ଘ ସମୟ ଅଧପନ୍ତରିଆ ଅବସ୍ଥାରେ ପଡ଼ି ରହୁଛି। ଫଳରେ ଜଳସେଚନରେ ସମସ୍ୟା ଉପୁଜିବାରୁ ଚାଷକାମରେ ବ୍ୟାଘାତ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ତେବେ କ୍ଷୁଦ୍ର ଜଳସେଚନ ବିଭାଗ ହେଉ ବା ବ୍ଲକ୍ କର୍ତୃପକ୍ଷ ଙ୍କ ମନମନି ପାଇଁ ଚାଷୀ ଙ୍କ ଦୁର୍ଦ୍ଦଶା ବଢୁଛି। ବିଗତ ବର୍ଷ ଦେଖିବାକୁ ଗଲେ ରଣପୁର ବ୍ଲକ୍ ଅଞ୍ଚଳର ୨୨ ହଜାର ହେକ୍ଟର ଚାଷ ଜମିରେ ଚାଷୀ ଧାନ ଫସଲ କରିଥିଲେ କିନ୍ତୁ ଜଳସେଚନ ଅଭାବରୁ ଲୋଧାଚୁଆ, କାମନ୍ଦା, ସୁରୁକାବାଡ଼ି, ଜାମୁସାହି, ସୁନାଖଳା, କୁଳାସର, ଖଇରପଲ୍ଲୀ, ଚମ୍ପାଗଡ଼, ବେଞ୍ଚ, କନ୍ଧନୟାଗଡ଼, ଚନ୍ଦପୁର ଆଦି ଢିପ ଅଞ୍ଚଳରେ ଜଳସେଚନର ଘୋର ସଙ୍କଟ ଦେଖାଦେଇଥିବା ଅଭିଯୋଗ ମଧ୍ୟ ହୋଇଥିଲା। ଅପରପକ୍ଷେ, ରାଜ୍ୟ ସରକାରଙ୍କ କୃଷକ ମାରଣ ନୀତି ଯୋଗୁ ବେଳ ଥାଉ ଥାଉ ଏହାର ବ୍ୟବସ୍ଥା ନ କରାଯିବାରୁ ଏଭଳି ସମସ୍ୟା ଉପୁଜୁ ହେଉଛି ବୋଲି ବହୁ କୃଷକ ସଂଗଠନ ପକ୍ଷରୁ ଅଭିଯୋଗ ହେଉଛି। ସମୟ ଥାଉ ଥାଉ ଏବେଠାରୁ ତୁରନ୍ତ ଏହାର ପ୍ରତିକାର କରିବାକୁ ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଦାବି ହେଉଛି। ତେବେ ଭଙ୍ଗାରୁଜା, ଅଧାପନ୍ତରିଆ ଚେକ୍ ଡ୍ୟାମ୍ ଓ କେନାଲ ବନ୍ଧର ମରାମତି ତଥା ପୁନଃ ନିର୍ମାଣ ନିମନ୍ତେ ଖୁବ୍ଶୀଘ୍ର ପ୍ରତିକାର କରାଯିବ ବୋଲି କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଆତଙ୍କୀ ନିପାତରେ ଭାରତକୁ ସହାୟତା କରିବ ଆମେରିକା



ନୂଆଦିଲ୍ଲୀ : ଆତଙ୍କବାଦୀଙ୍କୁ ନିପାତରେ କରିକାରେ ଭାରତକୁ ସବୁ ପ୍ରକାର ସହାୟତା କରିବ ଆମେରିକା । ପହଲଗାଓଁ ଆକ୍ରମଣରେ ଜଡିତ ଆତଙ୍କୀଙ୍କୁ ଚିହ୍ନଟ, ଠାବ ଓ ନିପାତରେ ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ଆମେରିକା ଗୁଇନ୍ଦା ମୁଖ୍ୟ ତୁଲସୀ ଗବାର୍ଡ । ପହଲଗାଓଁରେ ହୋଇଥିବା ମୁସଲିମ ଆତଙ୍କୀ ଆକ୍ରମଣକୁ ନିନ୍ଦା କରିବା ସହ ପ୍ରାଣ ହରାଇଥିବା ୨୬ ହିନ୍ଦୁଙ୍କ ପାଇଁ ଶୋକ ବ୍ୟକ୍ତ କରିଛନ୍ତି ଆମେରିକା ଗୁଇନ୍ଦା ମୁଖ୍ୟ । ଏହି ଆକ୍ରମଣରେ ଜଡିତ ଆତଙ୍କୀଙ୍କୁ ଠାବ କରି ନିପାତ କରିବାରେ ଆମେରିକା ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବ ବୋଲି ଗବାର୍ଡ ପ୍ରତିଶ୍ରୁତି ଦେଇଛନ୍ତି । ଆମେରିକା ବୈଦେଶିକ ମନ୍ତ୍ରାଳୟ ମୁଖପାତ୍ର ଟାମି ବ୍ରୁସ ପହଲଗାଓଁ ଆକ୍ରମଣକୁ ନେଇ ପାକିସ୍ତାନୀ ସାମ୍ବାଦିକଙ୍କ ପ୍ରଶ୍ନକୁ ଏଡାଇ ଯିବା ପରେ ତୁଳସୀଙ୍କ ସମର୍ଥନ ଭାରତର ମନୋବଳ ବଢାଇଛି ।

ପୂର୍ବରୁ ରାଷ୍ଟ୍ରପତି ଟ୍ରମ୍ପ ଓ ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ପହଲଗାଓଁ ଆକ୍ରମଣ ନେଇ ଭାରତକୁ ସମର୍ଥନ ଜଣାଇଥିଲେ । ଆତଙ୍କବାଦ ମୁକାବିଲା ପାଇଁ ଆମେରିକା ଭାରତ ସହିତ ଛିଡା ହୋଇଥିବାରୁ ଏ ସମ୍ପର୍କରେ ପାକିସ୍ତାନୀ ସାମ୍ବାଦିକଙ୍କୁ ପ୍ରଶ୍ନ କରିବାକୁ ଦିଆଯିବ ନାହିଁ ବୋଲି ବ୍ରୁସ କହିଥିଲେ ।

## ଭାରତ ଆକ୍ସନରେ ଭୟଭୀତ ପାକିସ୍ତାନ ସେନା ମୁଖ୍ୟ

ନୂଆଦିଲ୍ଲୀ : ପହଲଗାମ ଆତଙ୍କୀ ଆକ୍ରମଣ ପରେ ଭାରତର କାର୍ଯ୍ୟାନୁଷ୍ଠାନ ଦେଖି ପାକିସ୍ତାନ ସେନା ଭୟରେ । ପାକିସ୍ତାନୀ ଆର୍ମି ମୁଖ୍ୟ ଜେନେରାଲ ଆସିମ ମୁନୀର ଭାରତ ଭୟରେ ନିଜ ପରିବାରକୁ ବିମାନ ଯୋଗେ ବିଦେଶ ପଠାଇଦେଇଥିବା ସୂଚନା ମିଳିଛି । ଖବର ମୁତାବକ, ପାକିସ୍ତାନ ସେନାର ଅନେକ ଅଫିସର ନିଜ ପରିବାର ପ୍ରାଇଭେଟ ଏୟାରକ୍ରାଫ୍ଟରେ ବ୍ରିଟେନ ଏବଂ ନ୍ୟୁ ଜର୍ସି ପଠାଇଥିବା ସୂଚନା ମିଳିଛି । କାରଣ ପହଲଗାମ୍ ଆତଙ୍କୀ ଆକ୍ରମଣ ପଛରେ ଏହି ପାକିସ୍ତାନ ସେନା ମୁଖ୍ୟ ଆସୀମ ମୁନିରର ହାତ ଥିବା ଚର୍ଚ୍ଚା ହେଉଛି । ଆଉ ଭାରତ ଆକ୍ରମଣ କରିବାକୁ ନଜରରେ ରଖି ପାକିସ୍ତାନୀ ସେନା ନିଜ ପରିବାରକୁ ସୁରକ୍ଷିତ ଭାବେ ପଠାଇଛନ୍ତି । ପହଲଗାମ ଆକ୍ରମଣ ପରେ ଭାରତ ସରକାରଙ୍କ ବୟାନକୁ ନେଇ ପାକିସ୍ତାନ ସେନା ଓ ଆଇଏସଆଇ ଭୟଭୀତ ହୋଇପଡ଼ିଛି । ଭାରତ ଯେକୌଣସି ସମୟରେ ବି କଡ଼ା ପଦକ୍ଷେପ ନେଇପାରେ । ଭାରତ ସର୍ଜିକାଲ୍ ଷ୍ଟ୍ରାଇକ୍ କରିପାରେ । ଆଉ ତା ପୂର୍ବରୁ ସେନା ମୁଖ୍ୟ ଛାନିଆ ହୋଇଛନ୍ତି । ଭାରତ ଭୟରେ ନିଜର ସପରିବାର ଲୋକଙ୍କୁ ବିମାନ ଯୋଗେଁ ବିଦେଶକୁ ପଠାଇ ଦେଇଥିବା ସୂଚନା ମିଳିଛି । ପହଲଗାମରେ ଆକ୍ରମଣ କରିଥିବା ଆତଙ୍କବାଦୀ ଓ ଷଡ଼ଯନ୍ତ୍ରକାରୀଙ୍କୁ, ସେମାନଙ୍କ କଳ୍ପନାଠାରୁ ଅଧିକ ଦଣ୍ଡ ଦିଆଯିବ ବୋଲି ମୋଦି କହିଛନ୍ତି । ସୂଚନାଯୋଗ୍ୟ, ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, କେନ୍ଦ୍ର ସରକାର ପଡ଼ୋଶୀ ଦେଶ ସହିତ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିଲେ । ଅଟାରୀ ସୀମାରୁ ଗତି ବନ୍ଦ କରିଦିଆଯାଇଛି । ପାକିସ୍ତାନୀ ନାଗରିକଙ୍କ ଭିସା ବାତିଲ କରାଯାଇଛି ଏବଂ ସେମାନଙ୍କୁ ୪୮ ଘଣ୍ଟା ମଧ୍ୟରେ ଦେଶ ଛାଡିବାକୁ କୁହାଯାଇଛି ।

## କେବେ ଖଲାସ ହେବେ ବିଏସଏଫର ହେଡ କନଷ୍ଟେବଲ ?

ନୂଆଦିଲ୍ଲୀ : କେବେ ଖଲାସ ହେବେ ପାକିସ୍ତାନରେ ଅଟକ ବିଏସଏଫର ହେଡ କନଷ୍ଟେବଲ । ପାକ୍ ସେନା ଦ୍ୱାରା ଅଟକ ହେଡ କନଷ୍ଟେବଲଙ୍କୁ ଖଲାସ ପାଇଁ ପରିବାର ଲୋକଙ୍କ ଅନୁରୋଧ । ବୁଧବାର ଅସାବଧାନତା ବଶତଃ କନଷ୍ଟେବଲ ପୂର୍ଣ୍ଣମ କୁମାର ସା ଫିରୋଜପୁର ସେକ୍ଟରରେ ପାକ୍ ସୀମାରେ ପ୍ରବେଶ କରିଥିଲେ । ତାଙ୍କୁ ସୁରକ୍ଷିତ ଭାବେ ଫେରାଇବାକୁ ପରିବାର ଲୋକ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି । ପତୀଙ୍କ ସୁରକ୍ଷିତ ଫେରିବା ବାଟକୁ ଚାହିଁ ରହିଛନ୍ତି ପତ୍ନୀ । ପୂର୍ଣ୍ଣମଙ୍କ ଘର ପଶ୍ଚିମବଙ୍ଗର ହୁଗଳି ଅଞ୍ଚଳରେ । ତାଙ୍କର ସାତ ବର୍ଷର ପୁଅ ଅଛି । ଏ ନେଇ ବୈଦେଶିକ ମନ୍ତ୍ରାଳୟ ପାକିସ୍ତାନ ସହ ଯୋଗାଯୋଗରେ ଅଛନ୍ତି । ଦୁଇ ପକ୍ଷ ମଧ୍ୟରେ ବାରମ୍ବାର ଆଲୋଚନା ହୋଇଥିଲେ ବି ଈଝରେ ଯବାନଙ୍କୁ ଛାଡିବା ନେଇ କୌଣସି ନିଷ୍ପତ୍ତି ହୋଇ ନାହିଁ । ପୂର୍ଣ୍ଣମ କୁମାର ବିଏସଏଫର ୧୮୨ତମ ବାଟାଲିୟନରେ କାର୍ଯ୍ୟରତ ଥିଲେ । କୃଷକଙ୍କୁ ପହରା ଦେବା କାମରେ ନିୟୋଜିତ ଥିଲେ । ୟୁନିଫର୍ମ ଓ ସର୍ଭିସ ରାଇଫଲ ଧରି ବିଏସଏଫ କନଷ୍ଟେବଲ ଜଣକ ପାକ୍ ସୀମାରେ ପ୍ରବେଶ କରିଥିବା ସୂଚନା ଜାରି କରିଛି ପାକିସ୍ତାନ ସେନା ।

## ପହଲଗାମର ଘରେ ଘରେ ଆତଙ୍କବାଦୀ ଖୋଜୁଛନ୍ତି ଯବାନ

ପହଲଗାମ : ପହଲଗାମ ଆତଙ୍କୀ ଆକ୍ରମଣକୁ ନେଇ ଭାରତ ଓ ପାକିସ୍ତାନରେ ଗମ୍ଭୀର ମାହୋଲ ଭିତରେ ବଡ଼ ଆକ୍ସନ ଦେଖିବାକୁ ମିଳିଛି । ଦୁଇ ଦେଶର ସୀମା ଏଲଓସି ନିକଟରେ ଭାରତ ଓ ପାକିସ୍ତାନ ସେନା ମଧ୍ୟରେ ଗୁଳି ବିନିୟମ ହୋଇଛି । ଏକାଧିକ ପୋଷ୍ଟରେ ଭାରତୀୟ ଯବାନ ପାକିସ୍ତାନ ସେନାକୁ କଡା ଯବାବ ଦେଇଛନ୍ତି । ଭାରତୀୟ ସେନା ପକ୍ଷରୁ ତୋପ ମାଡ କରାଯାଉଥିବାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି । ସେପଟେ ଲୁଚିରହିଥିବା ୪ ଆତଙ୍କବାଦୀଙ୍କୁ ଧରିବା ପାଇଁ ସେନା ପକ୍ଷରୁ ଜୋରଦାର ସର୍ଚ୍ଚ ଅପରେସନ ଆରମ୍ଭ ହୋଇଛି । ଘରକୁ ଘରକୁ ବୁଲି ଯବାନମାନେ ଯାଞ୍ଚ କରୁଥିବାର ଭିଡିଓ ସାମ୍ନାକୁ ଆସିଛି । ଆତଙ୍କବାଦୀମାନେ କାଠୁଆ ଅଞ୍ଚଳରେ ବୁଲୁଥିବାର ଦେଖି ଜଣେ ମହିଳାଙ୍କ ସୂଚନା ଆଧାରରେ ଏନକାଉଣ୍ଟର ଚାଲିଛି । ଆର୍ମିର ରାଷ୍ଟ୍ରୀୟ ରାଇଫଲ ଏବଂ ସ୍ପେଶାଲ ଅପରେସନ ଗ୍ରୁପ୍(ଏସଓଜି) ମିଳିତ ଭାବେ ଏନକାଉଣ୍ଟରରେ ସାମିଲ ହୋଇଛନ୍ତି । ଏବେ ସୁଦ୍ଧା ଜଣେ ଆତଙ୍କବାଦୀର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରୁଛି ଜାମ୍ମୁ କାଶ୍ମୀର ପୁଲିସ ।

# ପାକିସ୍ତାନୀଙ୍କୁ ଖୋଜି ତୁରନ୍ତ ବିଦା କର: ଅମିତ ଶାହ



ଜମ୍ମୁ କଶ୍ମୀର ପହଲଗାମରେ ଆତଙ୍କୀ ଆକ୍ରମଣ ପରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ବଡ଼ ନିଷ୍ପତ୍ତି ନେଇଛି । ଗୃହ ମନ୍ତ୍ରଣାଳୟ ପାକିସ୍ତାନ ସହିତ ଜଡିତ ସମସ୍ତ ଭିସା ରଦ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି । ଏହି ସମ୍ବନ୍ଧରେ ଗୃହ ମନ୍ତ୍ରୀ ଅମିତ ଶାହା ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହିତ କଥା ହୋଇଛନ୍ତି । ଅମିତ ଶାହା କହିଛନ୍ତି, ନିଜ ନିଜ ରାଜ୍ୟରେ ଥିବା ପାକିସ୍ତାନୀ ଲୋକଙ୍କୁ ଚିହ୍ନଟ କରି ଖୁବଶୀଘ୍ର ବିଦା କର । ଗୃହମନ୍ତ୍ରୀ ଅଧିକାରୀଙ୍କ ସହିତ ବୈଠକ କରିବା ପରେ ଏଭଳି ନିଷ୍ପତ୍ତି ନେଇଛନ୍ତି । ଦେଶର ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇଛନ୍ତି ଶାହ ଏବଂ ପାକିସ୍ତାନୀଙ୍କୁ ରାଜ୍ୟରୁ ତଡିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସବୁ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇ ଶାହ ସବୁ ପାକିସ୍ତାନ ନାଗରିକଙ୍କ ତୁରନ୍ତ ଭିସା ବାତିଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ନିଜ ରାଜ୍ୟରେ ରହୁଥିବା ପାକିସ୍ତାନୀଙ୍କୁ ଖୋଜି ଖୋଜି ବାହାର କରିବାକୁ କହିଛନ୍ତି । ଗତକାଲି ପାକିସ୍ତାନ ନାଗରିକଙ୍କ ପାଇଁ ଭିସା ବାତିଲ କରିଛି ଭାରତ । ଯେଉଁ ପାକିସ୍ତାନୀମାନେ ଭାରତରେ ଅଛନ୍ତି, ସେମାନେ ୭୨ ଘଣ୍ଟା ମଧ୍ୟରେ ଦେଶ ଛାଡ଼ିବାକୁ ନିର୍ଦ୍ଦେଶ । ମେଡିକାଲ ଭିସାରେ ଥିଲେ ଆସନ୍ତା ୨୯ରୁ ରଦ୍ଦ ହୋଇଯିବ ଭିସା । ଭିସା ଅବଧି ଶେଷ ହେବା ପୂର୍ବରୁ ନିଜ ଦେଶକୁ ଫେରିଯିବାକୁ ନିର୍ଦ୍ଦେଶ ଜାରି କଲେ କେନ୍ଦ୍ର ସରକାର । ସମସ୍ତ ପାକିସ୍ତାନୀଙ୍କୁ ୩ ଦିନ ଭିତରେ ଭାରତ ଛାଡିବାକୁ ନିର୍ଦ୍ଦେଶ ମିଳିଛି । ଭିସା କେବଳ ୨୭ ଏପ୍ରିଲ ଯାଏଁ ମାନ୍ୟ ରହିଛି । ପାକ୍ ନାଗରିକଙ୍କ ମେଡିକାଲ ଭିସା ୨୯ ଏପ୍ରିଲ ଯାଏଁ ମାନ୍ୟ ରହିଛି । ସେହିପରି ଭାରତୀୟ ନାଗରିକଙ୍କୁ ପାକିସ୍ତାନ ଗସ୍ତ ନ କରିବାକୁ ପରାମର୍ଶ । ଯେଉଁମାନେ ପାକିସ୍ତାନରେ ଅଛନ୍ତି ସେମାନଙ୍କୁ ଫେରି ଆସିବାକୁ ନିର୍ଦ୍ଦେଶ ଦେଇଛି ବୈଦେଶିକ ମନ୍ତ୍ରଣାଳୟ ।

## ସିକିମରେ ଭୂସ୍ଖଳନ: ଫସିଛନ୍ତି ୧୦୦୦ରୁ ଅଧିକ ପର୍ଯ୍ୟଟକ



ସିକିମ : ସିକିମରେ ଲଗାଣ ବର୍ଷା ଏବଂ ଭୂସ୍ଖଳନ ଯୋଗୁଁ ଟୁର ପାଇଁ ପର୍ଯ୍ୟଟକଙ୍କୁ ନପଠାଇବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ଏଥିରେ ୧୦୦୦ରୁ ଉର୍ଦ୍ଧ୍ୱ ଲୋକ ଫସି ରହିଛନ୍ତି । ଗୁରୁଦ୍ୱାର, ଓଝଈଚରେ ୨୦୦ ପର୍ଯ୍ୟଟକଙ୍କ ଗାଡି ମଧ୍ୟ ଫସି ରହିଛି । ଖରାପ ପାଣିପାଗ ପାଇଁ ରାସ୍ତା କ୍ଷତିଗ୍ରସ୍ତ ହୋଇ ଅସୁରକ୍ଷିତ ଅବସ୍ଥାରେ ରହିଛି । ତେଣୁ ସିକିମର ଯାତାୟତକୁ ବନ୍ଦ କରାଯାଇଛି । ଆଗୁଆ ପରିମିଟକୁ ଅମାନ୍ୟ ବୋଲି ଘୋଷଣା କରାଯାଇଛି । ସୂଚନାନୁଯାୟୀ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଆଖି ଆଗରେ ରଖି କର୍ତ୍ତୃପକ୍ଷ ଟୁର ଯାତ୍ରୀଙ୍କୁ ସିକିମକୁ ନପଠାଇବା ପାଇଁ ଅପରେଟରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଲାଚେନ-ଚୁଙ୍ଗଥାଙ୍ଗ, ମୁନ୍ସିଥାଙ୍ଗ ଏବଂ ଲାଚଙ୍ଗ-ଚୁଙ୍ଗଥାଙ୍ଗ ରାସ୍ତାରେ ଭୂସ୍ଖଳନ ଘଟିଥିବାର ସୂଚନା ମିଳୁଛି । ଅନ୍ୟପଟେ ଲଗାତାର ବର୍ଷା କାରଣରୁ ସିକିମର ଅନେକାଂଶ ଅଞ୍ଚଳରେ ବନ୍ୟା ଭଳି ସମସ୍ୟା ଦେଖାଦେଇଛି । ଯାହାଫଳରେ ସୁରକ୍ଷିତ ଯାତାୟତରେ ବାଧା ସୃଷ୍ଟି କରିଛି । ସଡକ ସଂଯୋଗକୁ ମଧ୍ୟ ପ୍ରଭାବିତ କରିଛି । ତେଣୁ ସମସ୍ତ କଥାକୁ ଦୃଷ୍ଟିରେ ରଖି ଯାତାୟତ ନ କରିବାକୁ ମନା କରାଯାଇଛି । ପର୍ଯ୍ୟଟକଙ୍କୁ ପୂର୍ବରୁ ଦିଆଯାଇଥିବା ସମସ୍ତ ପରମିଟକୁ ସରକାରୀ ସ୍ତରରେ ବାତିଲ କରାଯାଇଛି । ସିକିମକୁ କୌଣସି ପର୍ଯ୍ୟଟକଙ୍କୁ ନ ପଠାଇବାକୁ ସମସ୍ତ ଟୁର୍ ଅପରେଟରମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ।

## ବିବାଦୀୟ ବୟାନ ଦେଇ ଜେଲ ଗଲେ ବିଧାୟକ

ବିବାଦୀୟ ବୟାନ ଦେଇ ଜେଲ ଗଲେ ବିଧାୟକ । ଅଲ ଇଣ୍ଡିଆ ୟୁନାଇଟେଡ ଡେମୋକ୍ରାଟିକ ଫ୍ରଣ୍ଟ ବା ଏଆଇୟୁଡିଏଫ ବିଧାୟକ ଅମିନୁଲ ଇସଲାମଙ୍କୁ ଆସାମ ପୋଲିସ ଗିରଫ କରିଛି । ଜମ୍ମୁ ଓ କାଶ୍ମୀରର ପାହାଲଗାମ ଆତଙ୍କବାଦୀ ଆକ୍ରମଣ ସମ୍ପର୍କରେ ଅମିନୁଲଙ୍କ ଅପମାନଜନକ ଏବଂ ହିଂସାକୁ ଉସକାଇବା ଭଳି ମନ୍ତବ୍ୟ ପାଇଁ ତାଙ୍କ ବିରୋଧରେ ରାଷ୍ଟ୍ରଦ୍ରୋହ ଅଭିଯୋଗରେ ମାମଲା ରୁଜୁ ହୋଇଛି । ଏପ୍ରିଲ ୨୨ରେ ହୋଇଥିବା ପାହାଲଗାମ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକ ପ୍ରାଣ ହରାଇଥିଲେ । ଅମିନୁଲ ଏକ ଜନସଭାରେ ପାହାଲଗାମ ଆକ୍ରମଣକୁ 'ରାଜନୈତିକ ନାଟକ' ବୋଲି ଅଭିହିତ କରି ପାକିସ୍ତାନକୁ ସମର୍ଥନ କରିଥିବା ଅଭିଯୋଗ ହୋଇଛି । ବିଧାୟକ ଭାରତ ସରକାରଙ୍କୁ ଆକ୍ରମଣ ପାଇଁ ଦାୟୀ କରି ହିନ୍ଦୁ-ମୁସଲମାନ ବିଭାଜନ ସୃଷ୍ଟି କରିବାର ଉଦ୍ଦେଶ୍ୟ ଥିବା ମନ୍ତବ୍ୟ ଦେଇଥିଲେ । ଏହି ବୟାନ ସୋସିଆଲ



ମିଡିଆରେ ଭାଇରାଲ ହେବା ପରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା କଠୋର କାର୍ଯ୍ୟାନୁଷ୍ଠାନର ନିର୍ଦ୍ଦେଶ ଦେଇଥିଲେ । ନାଗାଓଁ ଜିଲ୍ଲାରୁ ଗିରଫ ହୋଇଥିବା ଅମିନୁଲଙ୍କୁ କୋର୍ଟରେ ହାଜର କରାଯାଇଛି । ଏଆଇୟୁଡିଏଫ ସଭାପତି ବଦ୍ରୁଦ୍ଦିନ ଅଜମଲ ଏହାକୁ ଅମିନୁଲଙ୍କ ବ୍ୟକ୍ତିଗତ ମତ ବୋଲି କହିଛନ୍ତି । ଏହି ଘଟଣା ଆସାମରେ ରାଜନୈତିକ ଉତ୍ତେଜନା ସୃଷ୍ଟି କରିଛି ।

## ସୀମାରେ ଗୁଳିମାଡ

ନୂଆଦିଲ୍ଲୀ : ନିୟନ୍ତ୍ରଣ ରେଖାରେ କିଛି ସ୍ଥାନୀରେ ପାକିସ୍ତାନୀ ସେନା ତରଫରୁ ଫାୟାରିଂ କରାଯାଇଛି । ଭାରତୀୟ ସେନା ଅଧିକାରୀ ସୂଚନା ଦେଇଛନ୍ତି କି ଏହାର କଡା ଜବାବ ଦିଆଯାଇଛି । ସେନାର ସୂଚନା ଅନୁସାରେ ଭାରତୀୟ ସେନା ଗୁରୁବାର ରାତିରେ ଜମ୍ମୁ କଶ୍ମୀରରେ ନିୟନ୍ତ୍ରଣ ରେଖାରେ କିଛି ସ୍ଥାନରେ ପାକିସ୍ତାନୀ ସେନାର ଗୁଳିମାଡର ଜବାବ ଗୁଳିମାଡରେ ଦେଇଛି ।

## ପହଲଗାମ ଆକ୍ରମଣ ଘଟଣାରେ ସତ ମାନୁନି ପାକିସ୍ତାନ

ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢିବାରେ ଲାଗିଛି । ଯୁଦ୍ଧ ଆଶଙ୍କା ମଧ୍ୟରେ ପାକିସ୍ତାନର ଉପ ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ଇଶାକ ଦାରଙ୍କ ଭାରତ ବିରୋଧରେ ଦେଇଛନ୍ତି ବଡ଼ ବୟାନ । ଜମ୍ମୁ ଓ କାଶ୍ମୀରର ପହଲଗାମ ଆତଙ୍କବାଦୀ ଆକ୍ରମଣ, ଯେଉଁଥିରେ ୨୬ ଜଣ ପର୍ଯ୍ୟଟକଙ୍କର ମୃତ୍ୟୁ ହୋଇଥିଲା, ସେଥିରେ ପାକିସ୍ତାନର ସମ୍ପୃକ୍ତି ନଥିବା ଦାବି କରି ଭାରତକୁ ପ୍ରମାଣ ଦେବାକୁ ଚ୍ୟାଲେଞ୍ଜ କରିଛନ୍ତି ଇଶାକ ଦାର । ପହଲଗାମ ଆକ୍ରମଣରେ ଆତଙ୍କବାଦୀଙ୍କୁ ଉପ ପ୍ରଧାନମନ୍ତ୍ରୀ ସ୍ୱାଧୀନତା ସଂଗ୍ରାମୀ କହିଛନ୍ତି । ଭାରତର କାର୍ଯ୍ୟକୁ "ଅସଙ୍ଗତ ଓ ଅପରିପକ୍ୱ" ବୋଲି କହି ଜଳ ଚୁକ୍ତି ସ୍ଥଗିତ ରଖିବାକୁ ଭାରତର ନିଷ୍ପତ୍ତିକୁ "ଯୁଦ୍ଧର କାର୍ଯ୍ୟ" ବୋଲି କହିଛନ୍ତି । ଏହା ସହ ପାକିସ୍ତାନର ଜାତୀୟ ସ୍ୱାର୍ଥ ରକ୍ଷା ପାଇଁ ଦୃଢ଼ ପ୍ରତିକ୍ରିୟା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଏହି ବୟାନ ଭାରତ-ପାକିସ୍ତାନ ସମ୍ପର୍କକୁ ଆହୁରି ଉତ୍ତେଜନା ପୂର୍ଣ୍ଣ କରିଛି ।

## ଆତଙ୍କବାଦୀଙ୍କୁ ସମର୍ଥନ କରୁ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ

ଆତଙ୍କବାଦୀଙ୍କୁ ସମର୍ଥନ କରିବା, ସେମାନଙ୍କୁ ନିଜ ମାଟିରେ ପାଳିବା ଏବଂ ପାଣ୍ଠି ଯୋଗାଉଥିବା ନେଇ ପାକିସ୍ତାନ ସ୍ୱୀକାର କରିଛି । ପାକିସ୍ତାନ ଆତଙ୍କାବାଦୀଙ୍କୁ ସମର୍ଥନ କରିବାର ଇତିହାସ ରହିଛି ବୋଲି ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ସ୍କାଏ ନ୍ୟୁଜକୁ ସାକ୍ଷାତକାର ଦେବା ଅବସରରେ ମାନିଛନ୍ତି । ଏହା ଆମର ଏକ ତ୍ରୁଟି । ଏସବୁ କାର୍ଯ୍ୟ ପାଇଁ ଆମେ ବହୁମାତ୍ରାରେ କ୍ଷତିଗ୍ରସ୍ତ ହୋଇଛୁ ବୋଲି ସେ କହିଛନ୍ତି । ସାକ୍ଷାତକାର ସମୟରେ ଆସିଫଙ୍କୁ ପ୍ରଶ୍ନ କରାଯାଇଥିଲା ଯେ, ଆତଙ୍କବାଦୀଙ୍କୁ ସମର୍ଥନ କରିବା, ପ୍ରଶିକ୍ଷଣ ଦେବା ଏବଂ ଆତଙ୍କୀ ସଂଗଠନଗୁଡ଼ିକୁ ଅର୍ଥ ଯୋଗାଇବା ନେଇ ପାକିସ୍ତାନର ଏକ ଲମ୍ବା ଇତିହାସ ରହିଛି ବୋଲି ଆପଣ ମାନୁଛନ୍ତି କି ? ଏହାର ଉତ୍ତରରେ ଆସିଫ କହିଥିଲେ, ଆମେ ଆମେରିକା ପାଇଁ ଏଭଳି ଘୃଣ୍ୟ କାର୍ଯ୍ୟ ୩ ଦଶନ୍ଧି ଧରି କରିଆସୁଛୁ । ଏପରି କି ବ୍ରିଟେନ ସମେତ କିଛି ପଶ୍ଚିମୀ ଦେଶ ପାଇଁ ଏହା କରିଆସୁଛୁ । ତାହା ଏକ ଭୁଲ ଥିଲା । ଏବେ ସେଥିପାଇଁ ଆମେ କ୍ଷତିଗ୍ରସ୍ତ ହେଉଛୁ । ସୋଭିଏଟ ୟୁନିଅନ ବିରୋଧରେ ହୋଇଥିବା ଯୁଦ୍ଧରେ ଯଦି ଆମେ ସାମିଲ ହୋଇ ନ ଥାଆନ୍ତୁ, ତାହେଲେ ଆମ ଇତିହାସ ଭଲ ରହିଥାଆନ୍ତା ବୋଲି ସେ କହିଛନ୍ତି ।

## ୱାକଫ ମାମଲା: ସତ୍ୟପାଠ ଦାଖଲ କଲା କେନ୍ଦ୍ର

ୱାକଫ ସଂଶୋଧନ ଆଇନକୁ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି । ଏଥିରେ ସରକାର ଆଇନକୁ ସ୍ପଷ୍ଟ ରୂପେ ସମର୍ଥନ କରିଛନ୍ତି । ସରକାର ସତ୍ୟପାଠରେ କହିଛନ୍ତି, ସଂସଦ ଦ୍ୱାରା ପାରିତ ଆଇନ, ବିଶେଷକରି ଯୁଗ୍ମ ସଂସଦୀୟ କମିଟି(ଜେପିସି)ର ସୁପାରିସ ଏବଂ ସଂସଦରେ ବ୍ୟାପକ ଆଲୋଚନା ପରେ ତିଆରି ହୋଇଥିବା ଆଇନକୁ ସମ୍ବିଧାନ ଅନୁସାରେ ବୈଧ ବୋଲି ବିବେଚନା କରାଯାଏ । ୱାକଫ ମୁସଲମାନଙ୍କର କୌଣସି ଧାର୍ମିକ ସଂସ୍ଥା ନୁହେଁ, ବରଂ ଏକ ସାମ୍ବିଧାନିକ ସଂସ୍ଥା । ଏହି ଆଇନ ନିର୍ବାଚିତ ଜନପ୍ରତିନିଧିମାନଙ୍କ ଭାବନାକୁ ଦର୍ଶାଉଛି । ସେମାନେ ହିଁ ବହୁମତ ଦେଇ ଏହାକୁ ପାରିତ କରିଛନ୍ତି । ସରକାର ଅନୁରୋଧ କରିଛନ୍ତି ଯେ, ବର୍ତ୍ତମାନ ସମୟରେ ଆଇନର କୌଣସି ପ୍ରାବଧାନ ଉପରେ ଅଦାଲତରେ ଅନ୍ତରୀଣ ରହିତାଦେଶ ନ ଦିଅନ୍ତୁ । ଏହି ସଂଶୋଧିତ ଆଇନ ଦ୍ୱାରା କୌଣସି ବ୍ୟକ୍ତିଙ୍କର ୱାକଫ ଗଠନ କରିବାର ଧାର୍ମିକ ଅଧିକାରରେ କୌଣସି ହସ୍ତକ୍ଷେପ କରାଯାଇନାହିଁ । କେବଳ ଏହାର ପରିଚାଳନା ଏବଂ ପାରଦର୍ଶିତା ସୁନିଶ୍ଚିତ କରିବା ଲାଗି ଏହି ଆଇନରେ ପରିବର୍ତ୍ତନ କରାଯାଇଛି । ସୂଚନାଯୋଗ୍ୟ, ଏହି ବିଲ୍ ପାରିତ କରାଯିବା ପୂର୍ବରୁ ଜେପିସି ୩୬ ବୈଠକ କରିଛି । ୯୭ ଲକ୍ଷରୁ ଅଧିକ ହିତାଧିକାରୀ ପରାମର୍ଶ ଏବଂ ମତାମତ ଦେଇଛନ୍ତି । କମିଟି ଦେଶର ୧୦ଟି ବଡ଼ ସହରକୁ ଗସ୍ତ କରି ହିତାଧିକାରୀମାନଙ୍କ ସହିତ ଆଲୋଚନା କରିଛି ଏବଂ ସେମାନଙ୍କ ମତାମତର ସଂଜ୍ଞାନ ନେଇଛି ।

## ରୁଷରେ ଆତଙ୍କବାଦୀ ଆକ୍ରମଣ, ଲେଫ୍ଟନାଟ ଜେନେରାଲଙ୍କୁ ହତ୍ୟା

ରୁଷରେ ଶୁକ୍ରବାର ଆତଙ୍କବାଦୀ ଆକ୍ରମଣ କରାଯାଇଛି । ଆତଙ୍କବାଦୀମାନେ ଆଇଇଡି ବିସ୍ଫୋରଣ ଘଟାଇ ରୁଷର ଲେଫ୍ଟନାଣ୍ଟ ଜେନେରାଲ ୟାରୋସ୍ଲାଭ ମୋସକାଲିକଙ୍କୁ ହତ୍ୟା କରିଛନ୍ତି । ଏହି ଘଟଣାକୁ ରୁଷ ପକ୍ଷରୁ ନିନ୍ଦା କରାଯାଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱତନ୍ତ୍ର ଦୂତ ଷ୍ଟିଭ ୱିଟକଫ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଆଲୋଚନା କରିବା ଲାଗି ମସ୍କୋରେ ପହଞ୍ଚିଥିବାବେଳେ ଏହି ଆକ୍ରମଣ ଘଟିଛି । ସୂଚନା ଅନୁସାରେ, ଆତଙ୍କବାଦୀମାନେ ଏକ କାରରେ ଆଇଇଡି ଖଞ୍ଜି ଏହି ବିସ୍ଫୋରଣ ଘଟାଇଛନ୍ତି । ବିସ୍ଫୋରଣସ୍ଥଳରେ ଆଇଇଡିର ଟୁକୁଡା ମିଳିଛି । ତାହାକୁ ପରୀକ୍ଷାନିରୀକ୍ଷା ପାଇଁ ପୁଲିସ ପଠାଇଛି ବୋଲି ତଦନ୍ତକାରୀ କମିଟି ମୁଖପାତ୍ର ସ୍ୱେତଲାନା ପିଟରଙ୍କୋ କହିଛନ୍ତି । ୫୯ ବର୍ଷୀୟ



ମୋସକାଲିକ ବିଭିନ୍ନ ଉଚ୍ଚସ୍ତରୀୟ ମଧ୍ୟସ୍ଥତାରେ ପ୍ରତିରକ୍ଷା ମନ୍ତ୍ରଣାଳୟ ତରଫରୁ ପ୍ରତିନିଧିତ୍ୱ କରନ୍ତି । ରୁଷର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ମାରିଆ ଜାଖରୋଭା ଏହି ଘଟଣାକୁ ଆତଙ୍କବାଦୀଙ୍କ କାର୍ଯ୍ୟକଳାପ ବୋଲି ବର୍ଣ୍ଣନା କରିଛନ୍ତି । ପ୍ରତିଦିନ କେହି ନା କେହି ଜଣେ ହତ୍ୟାର ଶିକାର ହେଉଛନ୍ତି । ଏଭଳି ସ୍ଥିତିରେ ଯୁଦ୍ଧକୁ କିପରି ବନ୍ଦ କରାଯିବ ତାହାକୁ ନେଇ ପ୍ରଶ୍ନ ଉଠୁଛି ବୋଲି ମାରିଆ କହିଛନ୍ତି ।

## ଗ୍ରୀଷ୍ମ ପ୍ରବାହ ୧୫ ଯବାନ ଅସୁସ୍ଥ

ଯବାନଙ୍କୁ ଅଡୁଆ ଗ୍ରୀଷ୍ମ ପ୍ରବାହ । ଛତିଶଗଡ଼ ବିଜାପୁରରେ ମାଓ ଅପରେସନ୍ ପାଇଁ ମୁତୟନ ଯବାନ ହିଟ୍ ଷ୍ଟ୍ରୋକ୍‌ରେ ଆକ୍ରାନ୍ତ । ୪ର୍ଥ ଦିନରେ ବି ବିଜାପୁରରେ ଜାରି ରହିଛି ଏନକାଉଣ୍ଟର । ହେଲେ ହିଟ୍ ଷ୍ଟ୍ରୋକରେ ଆକ୍ରାନ୍ତ ହୋଇ ୧୫ ଯବାନ ଅସୁସ୍ଥ । ଅସୁସ୍ଥ ଯବାନଙ୍କୁ ତେଲେଙ୍ଗାନା ସ୍ଥାନାନ୍ତରିତ କରାଯାଇଛି । ତେଲେଙ୍ଗାନା ସ୍ଥିତ ଭେଙ୍କଟାପୁରମ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଜାରି ରହିଛି । କେର୍ରାଗେଟା ପାହାଡକୁ ଏବେ ଘେରି ରଖିଛନ୍ତି ଯବାନ । ହିଡମାଙ୍କ ନେତୃତ୍ୱରେ ହଜାରରୁ ଅଧିକ ମାଓବାଦୀଙ୍କ ଉପସ୍ଥିତି ନେଇ ଅପରେଶନ ଜାରି ରହିଛି ।

# ଭାରତ ପାଇଁ ଆକାଶମାର୍ଗ ବନ୍ଦ କଲା ପାକିସ୍ତାନ



ଆତଙ୍କୀ ଆକ୍ରମଣ ପରେ ଭାରତ ପାକିସ୍ତାନ ବିରୋଧରେ ଅନେକ ବଡ଼ ପଦକ୍ଷେପ ନେଇଛି । ଭାରତ ସରକାର ସିନ୍ଧୁ ଜଳ ଚୁକ୍ତିକୁ ରଦ୍ଦ କରିଦେଇଛି । ଅଟ୍ଟାରୀ ସୀମାକୁ ବନ୍ଦ କରିଦେଇଛି ଏବଂ ଭାରତରେ ରହୁଥିବା ପାକିସ୍ତାନୀ ନାଗରିକମାନଙ୍କୁ ଦେଶ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛି । ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି । ଭାରତରେ ପଦକ୍ଷେପରେ ପାକିସ୍ତାନ ହଡ଼ବଡ଼େଇ ଯିବା ସହିତ ଭାରତର ନକଲ କରି ୱାଘା ସୀମାକୁ ବନ୍ଦ କରିଛି । ଏହା ସହିତ ସିମଲା ରାଜିନାମାକୁ ମଧ୍ୟ ରଦ୍ଦ କରିଦେଇଛି । ଏବେ ଭାରତୀୟ ବିମାନଗୁଡ଼ିକର ଉଡ଼ାଣ ପାଇଁ ନିଜର ଆକାଶମାର୍ଗକୁ ବନ୍ଦ କରିଦେଇଛି । ପାକିସ୍ତାନର ଏହି ପଦକ୍ଷେପ ପରେ ଭାରତୀୟ ବିମାନ କମ୍ପାନୀଗୁଡ଼ିକ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇ ଅନ୍ତର୍ଜାତୀୟ ବିମାନଗୁଡ଼ିକ ଅନ୍ୟ ବାଟ ଦେଇ ଚଳାଚଳ କରିବାକୁ କୁହାଯାଇଛି । ଏହି କାରଣରୁ ଅନ୍ତର୍ଜାତୀୟ ବିମାନ ଯାତ୍ରା ସାମାନ୍ୟ ଦୂର ହେବ ଏବଂ ବିଳମ୍ବିତ ହେବ । କିଛି ରୁଟ୍ ?ରେ ବିମାନ ଭଡ଼ା ବୃଦ୍ଧି ମଧ୍ୟ ହୋଇପାରେ । ୨୦୧୯ରେ ଭାରତ ପୁଲୱାମା ଆକ୍ରମଣର ପ୍ରତିଶୋଧସ୍ୱରୂପ ବାଲାକୋଟରେ ଏୟାରଷ୍ଟ୍ରାଇକ କରିବା ପରେ ପାକିସ୍ତାନ ଅନୁରୂପ ପଦକ୍ଷେପ ନେଇଥିଲା । ଏହା ଦ୍ୱାରା ଭାରତୀୟ ବିମାନ କମ୍ପାନୀଗୁଡ଼ିକୁ ପ୍ରାୟ ୭୦୦ କୋଟି ଟଙ୍କାର କ୍ଷତି ହୋଇଥିଲା ।

# ଆଇସିସିକୁ ଲେଖିଲା ଚିଠି ବିସିସିଆଇ

## ଭାରତ ଓ ପାକିସ୍ତାନକୁ ଗୋଟିଏ ଗ୍ରୁପ୍‌ରେ ରଖାନଯାଉ







ନୂଆଦିଲ୍ଲୀ, ୨୫।୦୪(ମହାଭାରତ): ପହଲଗାମରେ ଆତଙ୍କୀ ହମଲା ପରେ ଆକ୍ସନ ମୋଡରେ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ବା ବିସିସିଆଇ। ରିପୋର୍ଟ ଅନୁସାରେ, ବିସିସିଆଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ଆଇସିସିକୁ ଲେଖିଛି ଚିଠି। ଯେଉଁଠି ବିସିସିଆଇ କହିଛି ଯେ ପାକିସ୍ତାନ ସହିତ ମ୍ୟାଚ୍ ଖେଳିବାକୁ ଚାହୁଁନି। ଭାରତ ଓ ପାକିସ୍ତାନ ଶେଷ ଥର ପାଇଁ ୨୦୨୫ ମସିହାରେ ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ମୁହାଁମୁହିଁ ହୋଇଥିଲା। ସେହି ମ୍ୟାଚ୍‌ରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ ପାକିସ୍ତାନକୁ ଛଅ ୱିକେଟରେ ପରାସ୍ତ କରିଥିଲା।

ରିପୋର୍ଟ ଅନୁଯାୟୀ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦକୁ ଏକ ଚିଠି ଲେଖିଛି। ଅନୁରୋଧ କରିଛି ଯେ ଭବିଷ୍ୟତରେ ବିଶ୍ୱସ୍ତରୀୟ ଇଭେଣ୍ଟଗୁଡ଼ିକରେ ଭାରତ ଓ ପାକିସ୍ତାନକୁ ଗୋଟିଏ ଗ୍ରୁପ୍‌ରେ ରଖାନଯାଉ। ସାମଗ୍ରିକ ଭାବରେ, ବିସିସିଆଇ ଆଉ ଭାରତ ଓ ପାକିସ୍ତାନ ମଧ୍ୟରେ ମୁହାଁମୁହିଁ ହେବାକୁ ଚାହୁଁନାହିଁ।ଅତି କମରେ ଆଇସିସି ଇଭେଣ୍ଟଗୁଡ଼ିକର ଗ୍ରୁପ୍ ପର୍ଯ୍ୟାୟରେ ରହୁ।

ତଥାପି, ଉଭୟ ଦଳ ଆଇସିସି ମହିଳା ଦିନିକିଆ ବିଶ୍ୱକପରେ ଅଂଶଗ୍ରହଣ କରିବେ। ଯେଉଁଠାରେ ପାକିସ୍ତାନ ଆଠଟି ଦଳର ଟୁର୍ଣ୍ଣାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଯେଉଁଠାରେ ପ୍ରତ୍ୟେକ ଦଳ ରାଉଣ୍ଡ-ରବିନ୍ ଫର୍ମାଟରେ ଅନ୍ୟ ସମସ୍ତ ଦଳ ବିପକ୍ଷରେ ଖେଳିବେ, ଆଇସିସି ଓ ପିସିବି ମଧ୍ୟରେ ହୋଇଥିବା ଏକ ପୁରୁଣା ଚୁକ୍ତିନାମା ଅନୁଯାୟୀ, ପାକିସ୍ତାନ ଭାରତରେ ଏହାର କୌଣସି ମ୍ୟାଚ୍ ଖେଳିବ ନାହିଁ। ଚଳିତ ବର୍ଷ ୨୬ ସେପ୍ଟେମ୍ବରରୁ ୨ ନଭେମ୍ବର ମଧ୍ୟରେ ଭାରତରେ ମହିଳା ବିଶ୍ୱକପ୍ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଯେଉଁଠାରେ ଭାରତ ଓ ପାକିସ୍ତାନ ପାଇଁ ନିରପେକ୍ଷ ସ୍ଥାନ ବିଷୟରେ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ।

ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଲା ଏହି ଆତଙ୍କବାଦୀ ଘଟଣା ଉପରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ସେ କହିଛନ୍ତି, ଆମେ ପୀଡ଼ିତାଙ୍କ ସହ ଅଛୁ ଏବଂ ଏହି ଘଟଣାର ତୀବ୍ର ନିନ୍ଦା କରୁଛୁ। କଣ ପାକିସ୍ତାନ ସହ କ୍ରିକେଟ୍ ଖେଳିବା ବନ୍ଦ କରି ଦେବା ଉଚିତ? ଏହି ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଆମ ସରକାର ଯାହା କହିବେ, ତାହା ଆମେ ପାଳନ କରିବୁ। ପାକିସ୍ତାନ ସହ ଦ୍ୱିପାକ୍ଷିକ ସିରିଜ୍ ଖେଳୁନାହୁଁ। ଆମେ ଆଗକୁ ମଧ୍ୟ ପାକିସ୍ତାନ ସହ ଦ୍ୱିପାକ୍ଷିକ ସିରିଜ୍ ଖେଳିବୁ ନାହିଁ। ଆଇସିସି ଭାଗିଦାରୀ କାରଣରୁ ଆମେ ଆଇସିସି ଇଭେଣ୍ଟରେ ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ଖେଳୁଛୁ।

# ବାସ୍କେଟବଲ୍ କ୍ରୀଡ଼ା ଉତ୍ସବ ଆରମ୍ଭ

ସମ୍ବଲପୁର, ୨୫।୪: ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନର ସମ୍ଭାଗସ୍ତରୀୟ ତିନିଦିନିଆ ବାସ୍କେଟ୍ ବଲ କ୍ରୀଡ଼ା ଉତ୍ସବ ସମ୍ବଲପୁରସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଶୁକ୍ରବାର ଶୁଭାରମ୍ଭ ହୋଇଯାଇଛି।

ବିଦ୍ୟାଳୟ ଅଧ୍ୟକ୍ଷ ରଣରଞ୍ଜୟ ସିଂହଙ୍କ ସଭାପତିତ୍ୱରେ ଉତ୍ସବ ଅନୁଷ୍ଠିତ ହୋଇଥିଲା ବିଦ୍ୟାଳୟର ଉପାଧ୍ୟକ୍ଷ ବଳରାମ ମିଶ୍ର, ପ୍ରଧାନ ଶିକ୍ଷକ ଚକ୍ରଧର ଦେହୁରୀ, ସେକେଣ୍ଡାରୀ ବିଭାଗର ଖେଳ ପ୍ରଭାରୀ ସୋନାଲି କିସ୍କୋଟ୍ଟା, ପବନ କୁମାର ନୌଟିୟାଲ, ପ୍ରାଥମିକ ବିଭାଗର ଖେଳ ପ୍ରଭାରୀ ସୁଦାମ ଚରଣ ଭୋଇ ଏବଂ ସମସ୍ତ ପ୍ରାଥମିକ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଯୋଗ ଦେଇଥିଲେ।

ଶିକ୍ଷକ ଦିଲୀପ କୁମାର ପୂଜାରୀ, ମଣ୍ଟୁ ସାହୁ, ଅରକ୍ଷିତ କୁମ୍ଭାର, ଖୁଦିରାମ ବେହେରା, ଅବିନାଶ ଦାସ, ଶଙ୍କର ନାଇକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ଏହି ଅବସରରେ ଭୁବନେଶ୍ୱର ସମ୍ଭାଗର ୧୨ଟି କେନ୍ଦ୍ରୀୟ ବିଦ୍ୟାଳୟରୁ ୧୫୪ କ୍ରୀଡା ପ୍ରତିଭାଗୀଙ୍କ ସମେତ ୧୭ଜଣ ଗାଇଡ୍ ଶିକ୍ଷକ ଅଂଶଗ୍ରହଣ କରିଥିଲେ।

ରାଉରକେଲା, କଟକ, ଭୁବନେଶ୍ୱରରୁ ଆସିଥିବା ବିଏଫଆଇବି ପେନାଲ ରେଫରୀ ସୁକାନ୍ତ ଧର, ସଙ୍ଗମ ନାୟକ, ଭି. ନାଗେଶ୍ୱର ରାଓ ଓ ଗୌତମ ଗଜପତି, ଆରିୟନ ସିଂହ ଓ ଚିରଞ୍ଜିତ କରନ ଖେଳ ପରିଚାଳନା କରିଥିଲେ।

ପ୍ରଥମେ ବିଦ୍ୟାଳୟର ଅଧ୍ୟକ୍ଷ ସିଂହ ଫିତା କାଟି ଖେଳ ପ୍ରତିଯୋଗିତା ଆରମ୍ଭ କରିଥିଲେ ପରେ ୧୭ ବର୍ଷରୁ କମ ଦଳ ଶ୍ରେଣୀରେ କେନ୍ଦ୍ରୀୟ ବିଦ୍ୟାଳୟ ଭୁବନେଶ୍ୱର-୨ ଓ ପୁରୀ ବାଳକ, ଗୋପାଳପୁର ଓ କଟକ-୧ ବାଳକ ଏବଂ ସମ୍ବଲପୁର -୧ ଓ ପୁରୀ ବାଳିକା ବାସ୍କେଟ ବଲ ଲିଗ ମ୍ୟାଚ ହୋଇଥିଲା। ସେହିପରି ସନ୍ଧ୍ୟାରେ ୧୪ ବର୍ଷରୁ କମ ଦଳ ଶ୍ରେଣୀରେ କେନ୍ଦ୍ରୀୟ ବିଦ୍ୟାଳୟ ବ୍ରହ୍ମପୁର ଓ ଭୁବନେଶ୍ୱର-୨ ବାଳକ, ବ୍ରହ୍ମପୁର ଓ ସମ୍ବଲପୁର-୧ ବାଳକ ଏବଂ ସମ୍ବଲପୁର-୧ ଓ ୨ ବାଳିକା ଖେଳାଳିମାନଙ୍କ ବାସ୍କେଟ ବଲ ଲିଗ ମ୍ୟାଚ ହୋଇଥିଲା ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ ସମ୍ବଲପୁରଠାରେ ସମସ୍ତ ଖେଳାଳି ଓ ରେଫରିଙ୍କ ପାଇଁ ରହିବା ଖାଇବାର ବ୍ୟବସ୍ଥା କରାଯାଇଛି।

## ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)




### ପଏଣ୍ଟ ତାଲିକା

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ଗୁଜରାଟ ଟାଇଟନ୍ସ | ୦୮ | ୦୬ | ୦୨ | ୧୨ |
| ଦିଲ୍ଲୀ କ୍ୟାପିଟାଲ୍ | ୦୮ | ୦୬ | ୦୨ | ୧୨ |
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୦୭ | ୦୫ | ୦୨ | ୧୦ |
| ପଞ୍ଜାବ କିଙ୍ଗ୍‌ସ | ୦୭ | ୦୫ | ୦୨ | ୧୦ |
| ଲକ୍ଷ୍ନୌ ସୁପର ଜିଆଣ୍ଟସ | ୦୯ | ୦୫ | ୦୪ | ୧୦ |
| କୋଲକାତା ନାଇଟ୍ ରାଇଡର୍ସ | ୦୮ | ୦୩ | ୦୫ | ୦୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୦୮ | ୦୪ | ୦୪ | ୦୮ |
| ରାଜସ୍ଥାନ ରୟାଲ୍‌ସ | ୦୮ | ୦୨ | ୦୬ | ୦୪ |
| ସନରାଇଜର୍ସ ହାଇଦ୍ରାବାଦ | ୦୮ | ୦୩ | ୦୫ | ୦୬ |
| ଚେନ୍ନାଇ ସୁପର କିଙ୍ଗ୍‌ସ | ୦୯ | ୦୨ | ୦୭ | ୦୪ |

# ଶେଷରେ ଘରୋଇ ଗ୍ରାଉଣ୍ଡରେ ଜିତିଲା ବେଙ୍ଗାଲୁରୁ

## ଲଗାତାର ୫ମ ପରାଜୟ ଭୋଗିଲା ରାଜସ୍ଥାନ



ବେଙ୍ଗାଲୁରୁ, ୨୫।୪: ଘରୋଇ ଗ୍ରାଉଣ୍ଡରେ ଲଗାତାର ତିନି ପରାଜୟ ପରେ ଶେଷରେ ବିଜୟର ସ୍ୱାଦ ଚାଖିଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ। ଅନ୍ୟପଟେ ଲଗାତାର ପଞ୍ଚମ ପରାଜୟ ଭୋଗିଛି ରାଜସ୍ଥାନ। ବିରାଟ କୋହଲି ଓ ଦେବଦତ୍ତ ପାଡିକଲଙ୍କ ଅର୍ଦ୍ଧଶତକ ପରେ ଜୋଶ ହେଜେଲଉଡଙ୍କ ଶାଣିତ ବୋଲିଂ ବଳରେ ବେଙ୍ଗାଲୁରୁ ରୋମାଞ୍ଚକର ମୁକାବିଲାରେ ୧୧ ରନରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି।

ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗାଲୁରୁ ବିରାଟ କୋହଲିଙ୍କ ୭୦ ରନ ଓ ପାଡିକଲଙ୍କ ୫୦ ରନ ବଳରେ ୫ ୱିକେଟ୍ ହରାଇ ୨୦୫ ରନର ବିଶାଳ ସ୍କୋର କରିଥିଲା। ଜବାବରେ ରାଜସ୍ଥାନ ୯ ୱିକେଟ୍ ବିନିୟମୟରେ ୧୯୪ ରନ କରି ପାରିଥିଲା। ଯଶସ୍ୱୀ ଜୟସ୍ୱାଲ ୪୯ ରନ ଓ ଧ୍ରୁବ ଜୁରେଲ ୪୭ ରନ କରିଥିଲେ। ଜୋଶ ହେଜେଲଉଡ ୪ ୱିକେଟ୍ ନେଇ ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ୯ ମ୍ୟାଚ୍‌ରୁ ୬ ବିଜୟ ସହ ବେଙ୍ଗାଲୁର ପଏଣ୍ଟ ଟେବୁଲର ତୃତୀୟରେ ରହିଥିବା ବେଳେ ରାଜସ୍ଥାନ ରୟାଲ୍ସ ସପ୍ତମ ପରାଜୟ ଭୋଗିଛି। ଦଳ ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିବାର ଦ୍ୱାର ଦେଶରେ ପହଞ୍ଚି ଯାଇଛି।

୨୦୬ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ରାଜସ୍ଥାନକୁ ଯଶସ୍ୱୀ ଜୟସ୍ୱାଲ ଦମଦାର ଆରମ୍ଭ ଦେଇଥିଲେ। ସେ ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କ ସହ ମିଶି ଓପନିଂରେ ମାତ୍ର ୪.୨ ଓଭରରେ ୫୨ ରନ ଯୋଡ଼ିଥିଲେ। ବୈଭବ ୧୬ ରନ କରି ଆଉଟ୍ ହୋଇଥିଲେ। ବିସ୍ଫୋରକ ବ୍ୟାଟିଂ କରୁଥିବା ଜୟସ୍ୱାଲ ମାତ୍ର ୧୯ ବଲରୁ ୭ ଚୌକା ଓ ୩ ଛକା ସହ ୪୯ ରନ କରି ଆଉଟ୍ ହୋଇଥିଲେ। ଏହା ପରେ ରିୟାନ ପରାଗ ୧୦ ବଲ୍‌ରୁ ୨୨ ରନ କରିଥିଲେ ହେଁ ବଡ଼ ଇନିଂସ ଖେଳିବାରେ ବିଫଳ ହୋଇଥିଲେ। ମଧ୍ୟକ୍ରମରେ ନୀତିଶ ରାଣା ୨୮ ରନ କରିଥିଲେ ଧ୍ରୁବ ଜୁରେଲ କ୍ରିଜରେ ରହି ଦଳର ବିଜୟ ସମ୍ଭାବନା ଉଜ୍ଜିବୀତ ରଖିଥିଲେ। ଭୁବନେଶ୍ୱର କୁମାରଙ୍କ ୧୮ତମ ଓଭରରେ ଜୁରେଲ ଓ ଶୁଭମ ଦୁବେ ୨୨ ରନ ସଂଗ୍ରହ କରି ମ୍ୟାଚ୍‌କୁ ରୋମାଞ୍ଚକର ମୋଡ଼ ନେଇଥିଲା ଶେଷ ୨ ଓଭରରେ ରାଜସ୍ଥାନ ରୟାଲ୍ସକୁ ଜିତିବା ପାଇଁ ୨୨ ରନ ଦରକାର ଥିଲା। ହେଲେ ଦଳ ୧୯୪ ରନରେ ସୀମିତ ରହିଥିଲା। ୧୯ ତମ ଓଭରରେ ହେଜେଲଉଡ ମ୍ୟାଚ୍‌ର ମଙ୍ଗ ବଦଳାଇଥିଲେ।

# ମୋ ଦେଶପ୍ରେମ ଉପରେ ପ୍ରଶ୍ନ ଉଠାଇବା ଦୁଃଖ ଲାଗୁଛି : ନୀରଜ

ନୂଆଦିଲ୍ଲୀ, ୨୫।୪(ଏଜେନ୍ସି): ପହଲଗାମ ଆକ୍ରମଣ ନେଇ ସାରା ଦେଶରେ ଚର୍ଚ୍ଚା। ଆତଙ୍କୀଙ୍କୁ ମୁହଁତୋଡ ଜବାବ ଦେବାକୁ ସବୁରି ମୁହଁରେ ଆଲୋଚନା। ଦିଲ୍ଲୀରୁ ପଲ୍ଲୀ ତେଜିଛି ତୀବ୍ର ପ୍ରତିବାଦ। ଏହାରି ଭିତରେ ନୀରବତା ଭାଙ୍ଗିଛନ୍ତି ଭାରତର ଜାଭେଲିନ୍ ଷ୍ଟାର ନୀରଜ ଚୋପ୍ରା। ପାକିସ୍ତାନୀ ଅଲିମ୍ପିକ୍ ବିଜେତା ଅର୍ଶଦ ନଦୀମଙ୍କୁ ନିମନ୍ତ୍ରଣ ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ସେ ସେ ଏପ୍ରିଲ ୨୫ ତାରିଖରେ ଏକ ବିବୃତ୍ତି ଜାରି କରି କହିଥିଲେ ଯେ ତାଙ୍କ ଦେଶପ୍ରେମ ଉପରେ ପ୍ରଶ୍ନ ଉଠାଯାଉଛି।

ଅରଶଦ ନଦୀମଙ୍କୁ ନିମନ୍ତ୍ରଣ ପାଇଁ ତାଙ୍କ ପରିବାରକୁ ଟାର୍ଗେଟ କରାଯାଉଛି।ତାଙ୍କୁ ଦୁର୍ବ୍ୟବହାର କରାଯାଉଛି।ତାଙ୍କ ବିରୋଧରେ ଘୃଣା ପ୍ରସାର କରାଯାଉଛି। ଯାହାକୁ ସେ କେବେବି ସହ୍ୟ କରିବେ ନାହିଁ ନୀରଜ ସ୍ପଷ୍ଟ କରିଛନ୍ତି ଯେ ପହଲଗାମ ଆକ୍ରମଣ ପୂର୍ବରୁ ଅର୍ଶଦଙ୍କୁ ନିମନ୍ତ୍ରଣ ପଠାଯାଇଥିଲା।ହେଲେ ଏବେ ତାଙ୍କ ପାଇଁ ଦେଶ ଓ ଏହାର ସ୍ୱାର୍ଥ ସର୍ବପ୍ରଥମେ।



ନୀରଜ ଚୋପ୍ରା ଏକ ବିବୃତ୍ତି ଜାରି କରି କହିଛନ୍ତି, ମୁଁ ସର୍ବା କମ୍ କଥାବାର୍ତ୍ତା କରେ। କିନ୍ତୁ ଏହାର ଅର୍ଥ ଏହା ନୁହେଁ ଯେ ଯେତେବେଳେ ମୋର ଦେଶ ପ୍ରତି ପ୍ରେମ ଓ ମୋ ପରିବାରର ସମ୍ମାନ ଉପରେ ପ୍ରଶ୍ନ ଉଠାଯାଏ। ସେତେବେଳେ ମଧ୍ୟ ମୁଁ କହିବି ନାହିଁ। ନୀରଜ ଚୋପ୍ରା କ୍ଲାସିକ୍‌ରେ ଅଂଶଗ୍ରହଣ କରିବା ପାଇଁ ଅର୍ଶଦ ନଦୀମଙ୍କୁ ନିମନ୍ତ୍ରଣ କରିବା ପାଇଁ ମୋର ନିଷ୍ପତ୍ତି ବିଷୟରେ ବହୁତ ଆଲୋଚନା ହୋଇଛି।କେବେଳ ମୁଁ ନୁହେଁ ମୋ ପରିବାର ବି ବାଦ ପଡିନଥିଲେ।

ମୁଁ ଅର୍ଶଦଙ୍କୁ ଯେଉଁ ନିମନ୍ତ୍ରଣ ଦେଇଥିଲି ତାହା ଜଣେ ଖେଳାଳିଙ୍କଠାରୁ ଅନ୍ୟ ଜଣେ ଖେଳାଳିଙ୍କୁ ଥିଲା। କ୍ଲାସିକ୍‌ର ଉଦ୍ଦେଶ୍ୟ ଥିଲା ସର୍ବୋତ୍ତମ ଖେଳାଳିମାନଙ୍କୁ ଭାରତ ଆଣିବା ସହ ଆମ ଦେଶକୁ ବିଶ୍ୱସ୍ତରୀୟ କ୍ରୀଡ଼ା ଇଭେଣ୍ଟର ହବ୍ କରିବା।ପହଲଗାମରେ ଆତଙ୍କବାଦୀ ଆକ୍ରମଣର ଦୁଇ ଦିନ ପୂର୍ବରୁ ଏହି ନିମନ୍ତ୍ରଣ ପଠାଯାଇଥିଲା। ଗତ ୪୮ ଘଣ୍ଟା ମଧ୍ୟରେ ଯାହା କିଛି ଘଟିଛି, ତାହା ପରେ, କ୍ଲାସିକ୍‌ରେ ଅର୍ଶଦଙ୍କ ଉପସ୍ଥିତି ନେଇ କୌଣସି ପ୍ରଶ୍ନ ଉଠେ ନାହିଁ ମୋ ଦେଶ ଓ ଏହାର ସ୍ୱାର୍ଥ ସର୍ବଦା ଆଗ ପ୍ରାଥମିକତା।

ନୀରଜ ଚୋପ୍ରା ଆହୁରି କହିଛନ୍ତି, ମୁଁ ଏତେ ବର୍ଷ ଧରି ଗର୍ବର ସହିତ ମୋ ଦେଶର ସେବା କରିଛି। ଆଜି ମୋର ସାଧୁତା ଉପରେ ପ୍ରଶ୍ନ ଉଠାଯାଉଛି। ଯାହା ଦେଖି ବହୁତ ଦୁଃଖ ଲାଗୁଛି ମୁଁ ଦୁଃଖିତ ଯେ ମୋ ପରିବାରକୁ ଟାର୍ଗେଟ କରୁଥିବା ଲୋକଙ୍କୁ ମୋତେ ବୁଝାଇବାକୁ ପଡୁଛି।ଆମେ ସାଧାରଣ ଲୋକ, ଦୟାକରି ଆମକୁ ଆଉ କିଛି ବୁଝାନ୍ତୁ ନାହିଁ।

କହିବାକୁ ଗଲେ ନୀରଜ ଚୋପ୍ରାଙ୍କ ନେତୃତ୍ୱରେ ମେ ୨୪ ତାରିଖରୁ ଭାରତରେ ଏନସି କ୍ଲାସିକ୍ ଜାଭେଲିନ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେଉଛି। ନୀରଜ ଚୋପ୍ରା ସମେତ ବିଶ୍ୱର ଅନେକ ଷ୍ଟାର ଖେଳାଳି ଏଥିରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଏହି ପ୍ରତିଯୋଗିତା ପାଇଁ ପାକିସ୍ତାନର ଜାଭେଲିନ୍ ଷ୍ଟାର ଅର୍ଶଦ ନଦୀମଙ୍କୁ ମଧ୍ୟ ଡକାଯାଇଥିଲା। କିନ୍ତୁ ସେ ନୀରଜଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଭାରତ ଆସିବାକୁ ମନା କରିଛନ୍ତି ଅର୍ଶଦଙ୍କ ଅନୁଯାୟୀ, ଏହି ସମୟରେ ସେ ଅନ୍ୟ ଟୁର୍ଣ୍ଣାମେଣ୍ଟରେ ବ୍ୟସ୍ତ ରହିବେ ତେଣୁ, ସେ ଏଥିରେ ଅଂଶଗ୍ରହଣ କରିପାରିବେ ନାହିଁ।

# ରେକର୍ଡ ସୃଷ୍ଟି କଲେ କୋହଲି

ନୂଆଦିଲ୍ଲୀ, ୨୫।୪: ଆଇପିଏଲ୍‌ରେ ବିରାଟଙ୍କ ବିରଳ ରେକର୍ଡ ଗୋଟିଏ ମୈଦାନ୍‌ରେ ସର୍ବାଧିକ ରନ୍ କରିବାର ରେକର୍ଡ କଲେ ବିରାଟ କୋହଲି ଗୋଟିଏ ଭେନ୍ୟୁରେ ୩୫୦୦ କିମ୍ବା ତାଠାରୁ ଅଧିକ ରନ୍ କରିବାରେ ଇତିହାସର ପ୍ରଥମ ବ୍ୟାଟ୍ସମ୍ୟାନ୍ ହୋଇଛନ୍ତି। କୋହଲି ଗୁରୁବାର, ଏପ୍ରିଲ ୨୪ ତାରିଖରେ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ କୋହଲି ତାଙ୍କର ୧୦୫ ତମ ଆଇପିଏଲ୍ ମ୍ୟାଚ୍ ଖେଳି ଏହି ସଫଳତା ହାସଲ କରିଛନ୍ତି। ଟି-୨୦ରେ ଗୋଟିଏ ମୈଦାନରେ ୩ ହଜାରରୁ ଅଧିକ ରନ କରିଥିବା ୬ ବ୍ୟାଟରଙ୍କ ମଧ୍ୟରୁ କୋହଲିଙ୍କ ନାଁ ସାମିଲ ହୋଇଛି କୋହଲିଙ୍କ ପୂର୍ବରୁ ଏହି ରେକର୍ଡ କରିଥିବା ଅନ୍ୟମାନେ ହେଲେ ମୁସଫିକର ରହିମ, ଜେମ୍ସ ଭିନ୍ସ, ଆଲେକ୍ସ ହେଲ୍ସ, ତାମିମ ଇକବାଲ ଏବଂ ମହମୁଦୁଲ୍ଲା ରିଆଦ ୨୦୦୮ ମସିହାରେ ଆରସିବିରେ ଯୋଗଦେବା ପରଠାରୁ ୩୬ ବର୍ଷୀୟ କୋହଲି ଚିନ୍ନାସ୍ୱାମୀକୁ ଷ୍ଟାଡିୟମ୍‌କୁ ତାଙ୍କର ଘରୋଇ ଷ୍ଟାଡିୟମ୍‌ରେ କରିନେଇଛନ୍ତି। ଗୋଟିଏ ଷ୍ଟାଡିୟମ୍‌ରେ ୩ ହଜାରରୁ ଅଧିକ ରନ୍ କରିଥିବା ବ୍ୟାଟର- ବିରାଟ କୋହଲି - ୩୫୦୦ ରନ୍ (ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମ, ବେଙ୍ଗାଲୁରୁ)। ମୁଶଫିକର ରହିମ - ୩୩୭୩ ରନ୍ (ଶେର-ଏ-ବାଂଲା ନ୍ୟାସନାଲ ଷ୍ଟାଡିୟମ, ମିରପୁର)। ଜେମ୍ସ ଭିନ୍ସ - ୩୨୫୩ ରନ୍ (ଦି ରୋଜ ବୋଲ, ସାଉଥାମ୍ପଟନ୍)। ଆଲେକ୍ସ ହେଲ୍ସ - ୩୨୪୧ ରନ୍ (ଟ୍ରେଣ୍ଟ ବ୍ରିଜ୍, ନଟିଂହାମ)। ତମିମ ଇକବାଲ - ୩୨୩୮ ରନ୍ (ଶେର-ଏ-ବାଂଲା ନ୍ୟାସନାଲ ଷ୍ଟାଡିୟମ, ମିରପୁର)।ମହମୁଦୁଲ୍ଲା ରିଆଦ - ୩୧୫୦ ରନ୍ (ଶେର-ଏ-ବାଂଲା ନ୍ୟାସନାଲ ଷ୍ଟାଡିୟମ, ମିରପୁର)। ଚଳିତ ଆଇପିଏଲ୍ ସଂସ୍କରଣରେ କୋହଲି ଜବରଦସ୍ତ ଫର୍ମରେ ଅଛନ୍ତି। ପୂର୍ବରୁ ୱାଙ୍ଖେଡେ ଷ୍ଟାଡିୟମରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ, କୋହଲି ଟି-୨୦ରେ ଦ୍ରୁତତମ ୧୩୦୦୦ ରନ୍ ପୂରା କରିବାରେ ଦ୍ୱିତୀୟ ବ୍ୟାଟର ହୋଇଥିଲେ।

# ନାରାୟଣ ଗୌଡ଼ଙ୍କ ସ୍ମୃତି ଉଦ୍ଦେଶ୍ୟରେ କ୍ରିକେଟ ଉଦ୍‌ଘାଟିତ

ବେଗୁନିଆପଡ଼ା, ୨୫।୪: ନାରାୟଣ କ୍ରିକେଟ କ୍ଲବ ଆନୁକୁଲ୍ୟରେ ଚିଙ୍ଗୁଡ଼ିଖୋଲ ହାଇସ୍କୁଲ ଷ୍ଟାଡିୟମ ଠାରେ ଚିଙ୍ଗୁଡ଼ିଖୋଲ ପ୍ରୀମିୟର ଲିଗ୍ ର ୫ ସଂସ୍କରଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ଓ ଓଡ଼ିଶା ରେ ଜଣେ ଜଣାଶୁଣା କ୍ରିକେଟ ଖେଳାଳି ନାରାୟଣ ଗୌଡ ନିକଟରେ କ୍ରିକେଟ ଖେଳୁ ଥିବା ସମୟରେ ମୃତ୍ୟୁବରଣ କରିଥିଲେ। ତେଣୁ ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ଆଜାକୁ ୫ ବର୍ଷ ଧରି ଚିଙ୍ଗୁଡ଼ିଖୋଲ ଯୁବକ ମାନଙ୍କ ତରଫରୁ ଚିଙ୍ଗୁଡ଼ିଖୋଲ ପ୍ରୀମିୟର ଲିଗ୍‌ର ଆୟୋଜନ କରାଯାଉଅଛି। ଆଜି ପ୍ରଥମ ଦିନରେ ଉଦଘାଟନୀ ମ୍ୟାଚଟି ବଟେଶ୍ୱର ବ୍ଲାଷ୍ଟରକୁ ହରାଇ ଗୋପୀନାଥ ଇଲେଭେନ ଷ୍ଟାର ବିଜୟୀ ହୋଇଥିଲା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବଟେଶ୍ୱର ବ୍ଲାଷ୍ଟର ନିର୍ଦ୍ଧାରିତ ୮ ଓଭରରେ ୪୭ ରନ କରିଥିଲେ। ଏହାର ଜବାବରେ ଗୋପୀନାଥ ଇଲେଭେନ ଷ୍ଟାର ମାତ୍ର ୭ ଓଭରରେ ୪୮ ରନ୍ ସଂଗ୍ରହ କରି ମ୍ୟାଚଟିକୁ ଏକତରଫା ଭାବେ ହାତେଇ ନେଇଥିଲେ। ଉଦଘାଟନୀ ଉତ୍ସବରେ ଚିଙ୍ଗୁଡ଼ିଖୋଲ ଗ୍ରାମ ର ସରପଞ୍ଚ ପ୍ରତିନିଧି ବସନ୍ତ ମଲ୍ଲିକ, ସମିତିସଭ୍ୟ ଜିତେନ୍ଦ୍ର ଗୌଡ ଓ ଯୁବ ସମାଜସେବୀ ଫକିର ମୋହନ ରାଉତ ଯୋଗଦେଇ ଆନୁଷ୍ଠାନିକ ଭାବେ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଆୟୋଜକ ନାରାୟଣ କ୍ରିକେଟ କ୍ଲବର ସଦସ୍ୟମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



## (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

### ବଡ଼ଧରଣର...

ସେନା ମୁଖ୍ୟ କଶ୍ମୀର ଉପତ୍ୟକା ଏବଂ ନିୟନ୍ତ୍ରଣ ରେଖାରେ ସୁରକ୍ଷା ବାହିନୀ ଦ୍ୱାରା ନିଆଯାଇଥିବା ଆତଙ୍କବାଦ ବିରୋଧୀ ପଦକ୍ଷେପ ବିଷୟରେ ମଧ୍ୟ ସୂଚନା ନେଉଛନ୍ତି। ସେନା ମୁଖ୍ୟଙ୍କ ଏହି ଗସ୍ତ ସମୟରେ, ସେନାର ୧୫ତମ କୋରସର କମାଣ୍ଡର ଏବଂ ଜାତୀୟ ରାଇଫଲର ଅନ୍ୟ କମାଣ୍ଡରମାନେ ଉପସ୍ଥିତ ଥିଲେ।

ପହଲଗାମ ଆକ୍ରମଣରେ ସାମିଲ ଲସ୍କର-ଇ-ତୋଇବାର ଦୁଇ ଆତଙ୍କବାଦୀଙ୍କ ଘର ଗୁରୁବାର ରାତିରେ ଏକ ବିସ୍ଫୋରଣରେ ନଷ୍ଟ ହୋଇଛି। ଅଧିକାରୀମାନେ ଶୁକ୍ରବାର କହିଛନ୍ତି ଯେ, ସୁରକ୍ଷାବଳର ଦୁଇ ଲସ୍କର ଆତଙ୍କବାଦୀମାନେ ଆଦିଲ ହୁସୈନ ଥୋକର ଓ ଆସିଫ୍ ଶେଖଙ୍କ ଘର ଭିତରେ ତଲାସୀ ନେଇଥିଲେ, ଯେତେବେଳେ ଘର ଭିତରେ ପୂର୍ବରୁ ରଖିଥିବା ବିସ୍ଫୋରକରେ ବିସ୍ଫୋରଣ ହୋଇଥିଲା। ସେ କହିଛନ୍ତି ଯେ, ବିସ୍ଫୋଟକ କାରଣରୁ ଘର ନଷ୍ଟ ହୋଇଯାଇଛି। ଦକ୍ଷିଣ କଶ୍ମୀରର ଅନନ୍ତନାଗ ଜିଲ୍ଲାର ବାସିନ୍ଦା ଥୋକର ମଙ୍ଗଳବାରର ପହଲଗାମ ନରସଂହାରର ମୁଖ୍ୟ ଅଭିଯୁକ୍ତ ଅଟେ, ଯେତେବେଳେ ପୁଲୱାମା ଜିଲ୍ଲାର ତ୍ରାଲ ବାସିନ୍ଦା ଶେଖ୍ ଆକ୍ରମଣର ଷଡଯନ୍ତ୍ରରେ ସାମିଲ ହେବାର ସନ୍ଦେହ କରାଯାଉଛି।

ବାନ୍ଦିପୁରାରେ ଆତଙ୍କବାଦୀ ଓ ସୁରକ୍ଷାବଳ ମଧ୍ୟରେ ଜାରି ଗୁଳି ବିନିମୟରେ ଲସ୍କର-ଇ-ତୋଇବାର ଶୀର୍ଷ କମାଣ୍ଡର ଅଲ୍‌ତାଫ ଲାଲି ନିହତ ହୋଇଛି। ଏହି ଅଭିଯାନ ୨୬ଜଣ ଲୋକଙ୍କ ଜୀବନ ଯାଇଥିବା ଆକ୍ରମଣରେ ସାମିଲ ସନ୍ଦିଗ୍ଧ ଲସ୍କର-ଇ-ତୋଇବାର ଆତଙ୍କବାଦୀଙ୍କୁ ମାରିବା ପାଇଁ ବ୍ୟାପକ ସୁରକ୍ଷା ଅଭିଯାନ ସମୟରେ କରାଯାଇଛି।

ଆତଙ୍କବାଦୀଙ୍କ ଉପସ୍ଥିତି ସଂପର୍କରେ ଶୁକ୍ରବାର ସକାଳେ ସ୍ୱତନ୍ତ୍ର ଗୁଇନ୍ଦା ସୂଚନା ଉପରେ କାର୍ଯ୍ୟାନୁଷ୍ଠାନ ନେଇ ଭାରତୀୟ ସେନା ଓ ଜମ୍ମୁ କଶ୍ମୀର ପୋଲିସ ବାନ୍ଦିପୁରାରେ ଏକ ମିଳିତ ତଲାସୀ ଅଭିଯାନ ଆରମ୍ଭ କରିଛନ୍ତି। ଏହି ସମୟରେ ଆତଙ୍କବାଦୀଙ୍କ ସହ ଯୋଗାଯୋଗ ହେବା ପରେ ଗୁଳି ବିନିମୟ ଆରମ୍ଭ ହୋଇଥିଲା। ଗୁଳିକାଣ୍ଡ ସମୟରେ ଜଣେ ଆତଙ୍କବାଦୀ ଆହତ ହୋଇଥିଲା, ଯାହାର କି ପରେ ମୃତ୍ୟୁ ହୋଇଛି। ଏହି ଗୁଳିକାଣ୍ଡରେ ଦୁଇ ପୋଲିସ କର୍ମୀ ଆହତ ହୋଇଛନ୍ତି।

ସେନା ମୁଖ୍ୟ ଅବନ୍ତିପୋରାରେ ଭିକ୍ଟର ଫୋର୍ସର ମୁଖ୍ୟାଳୟ ପରିଦର୍ଶନ କରିବେ। ଏହା ସେନାର ଏକ ଡିଭିଜନ, ଯାହା ଦକ୍ଷିଣ କଶ୍ମୀରରେ ଅପରେଶନ ଦାୟିତ୍ୱରେ ଅଛି। ସେମାନେ କ୍ଷେତ୍ରରେ ଅପରେଶନାଲ କମାଣ୍ଡରମାନଙ୍କୁ ଭେଟିବେ ଏବଂ ପ୍ରାପ୍ତ ସୂଚନାର ସମୀକ୍ଷା କରିବେୟ ସେନା ମୁଖ୍ୟଙ୍କୁ ବର୍ତ୍ତମାନର ଅପରେଶନର ସ୍ଥିତି ଏବଂ ନିକଟ ଭବିଷ୍ୟତ ପାଇଁ ପ୍ରସ୍ତୁତ କରାଯାଉଥିବା ସୁରକ୍ଷା ବ୍ୟବସ୍ଥା ବିଷୟରେ ଅବଗତ କରାଯିବ।

### ମୁମ୍ବାଇରେ...

ଏଏମଏନଏସ, ଜେଏସଡବ୍ଲ୍ୟୁ, ଜେଏସଏଲ୍ ଓ ସେଲ୍ ଭଳି ପ୍ରମୁଖ ଫାର୍ମର ଶିଳ୍ପ ମୁଖ୍ୟମାନେ ସେମାନଙ୍କର ମୂଲ୍ୟବାନ ଇନପୁଟ୍ ଏବଂ ଓଡ଼ିଶା ପାଇଁ ଅଭିବୃଦ୍ଧି ଯୋଜନା ବାଣ୍ଟିଥିଲେ। କଲ୍ୟାଣୀ ଷ୍ଟିଲ, ଶ୍ୟାମ ଷ୍ଟିଲ, ଶ୍ରୀ ମେଟାଲିକ୍ସ, କାଲଡେରିସ୍ ଇଣ୍ଡିଆ, ସର୍ବେଶ ରିଫ୍ରାକ୍ଟୋରିଜ୍ ଇତ୍ୟାଦି ପ୍ରମୁଖ କମ୍ପାନୀମାନେ ସେମାନଙ୍କର ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା ପ୍ରତିନିଧି କରି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ଏବଂ ଆଗାମୀ ବର୍ଷଗୁଡ଼ିକରେ ଓଡ଼ିଶା ରାଜ୍ୟରେ ଶିଳ୍ପ ଅଭିବୃଦ୍ଧିର ସମ୍ଭାବନା ବିଷୟରେ ଆଲୋଚନା କରିଥିଲେ।

ଏହି ଅଧିବେଶନରେ ରୁଷିଆନ ଫେଡେରେସନର ଶକ୍ତି ମନ୍ତ୍ରଣାଳୟର କୋଇଲା ଶିଳ୍ପ ବିକାଶ ନିର୍ଦ୍ଦେଶକ ଏଚ୍.ଇବବିଲେଭ୍ ପେଟ୍ର ଏବଂ ତୈଳ ଏବଂ ଗ୍ୟାସ ବିଭାଗ ରୁଷିଆନ ବାଣିଜ୍ୟ କମିଶନର ମୁଖ୍ୟ ଶ୍ରୀ ଆର୍ଟେମ୍ ଉକୋଲୋଭ ଯୋଗ ଦେଇଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ସହ ଏକକ ବୈଠକ କରିଥିଲେ ଯାହା ଦ୍ୱାରା ଉଭୟ ସରକାରଙ୍କ ମଧ୍ୟରେ ସମ୍ଭାବ୍ୟ ସହଯୋଗର ରାସ୍ତା ବିଷୟରେ ଆଲୋଚନା କରାଯାଇଥିଲା।

# ସଙ୍କଟରେ ପିଏସ୍ଏଲ୍: ଫେରିଆସିବେ ଭାରତୀୟ ବ୍ରଡକାଷ୍ଟର

କରାଚୀ, ୨୫।୪(ଏଜେନସି): ଆଗାମୀ ଦିନରେ ପାକିସ୍ତାନ ସୁପର ଲିଗ (ପିଏସ୍ଏଲ୍)ର ପ୍ରସାରଣ ସଙ୍କଟରେ ପଡ଼ିପାରେ। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ ଦେଖାଦେଇଥିବା ତିକ୍ତତା ଯୋଗୁ ପିଏସ୍ଏଲ୍‌ର ପ୍ରସାରଣରେ କାର୍ଯ୍ୟ କରୁଥିବା ଅଭିଜ୍ଞ ଭାରତୀୟ କ୍ରୁ ସଦସ୍ୟଙ୍କୁ ସ୍ୱଦେଶ ପଠାଇବାକୁ ପାକିସ୍ତାନ ସରକାର ନିଷ୍ପତ୍ତି ନେଇଛନ୍ତି।

ପିଏସ୍ଏଲ୍‌ର ପ୍ରଡକଶନ ଓ ବ୍ରଡକାଷ୍ଟ କ୍ରୁ ମଧ୍ୟରେ ଦୁଇ ଡଜନରୁ ଅଧିକ ଭାରତୀୟ ରହିଛନ୍ତ। ସେମାନଙ୍କ ସ୍ଥାନରେ ଯଥା ଶୀଘ୍ର ଅନ୍ୟଙ୍କୁ ନିଯୁକ୍ତ କରିବାକୁ ପଦକ୍ଷେପ ନିଆଯାଉଛି ବ୍ରଡକାଷ୍ଟ ଓ ପ୍ରଡକଶନ କ୍ରୁ ମଧ୍ୟରେ ଭାରତୀୟ ଇଞ୍ଜିନିୟର, ପ୍ରଡକଶନ ମ୍ୟାନେଜର, କ୍ୟାମେରାମ୍ୟାନ, ଖେଳାଳିଙ୍କୁ ଟ୍ରାକ କରୁଥିବା ବିଶେଷଜ୍ଞ ରହିଛନ୍ତି ଇସ୍ଲାମାବାଦରେ ଗୁରୁବାର ବସିଥିବା ଜାତୀୟ ସୁରକ୍ଷା କାଉନ୍ସିଲ ବୈଠକରେ ସମସ୍ତ ଭାରତୀୟ ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ପାକିସ୍ତାନ ଛାଡ଼ିବା ଉଚିତ ବୋଲି ଘୋଷଣା କରାଯାଇଛି।

ଭାରତୀୟ ଷ୍ଟ୍ରିମିଂ ପ୍ଲାଟଫର୍ମ ଫ୍ୟାନକୋଡ ପାକିସ୍ତାନ ସୁପର ଲିଗ୍ (ପିଏସ୍ଏଲ୍)ର ପ୍ରସାରଣକୁ ସସପେଣ୍ଡ କରୁଥିବା ଗୁରୁବାର ଘୋଷଣା କରିଛି। ପହଲଗାମରେ ଘଟିଥିବା ବିଚଳିତ କଲା ଭଳି ଘଟଣା ଓ ରାଷ୍ଟ୍ରୀୟ ଭାବନାକୁ ଦୃଷ୍ଟିରେ ରଖି ଫ୍ୟାନକୋଡ ଗୁରୁବାରଠାରୁ ପିଏସ୍ଏଲ୍‌ର କୌଣସି ମ୍ୟାଚ୍‌ର ସାଧାପ୍ରସାରଣ କରିବ ନାହିଁ ବୋଲି କୁହାଯାଇଛି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ